

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୧ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 01 MARCH 2022

Vol.No. 33 ■ No. 58 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


# ସୈନ୍ୟ ଫେରାଉ ରୁଷ : ଆଲୋଚନାରେ ରୁଷକୁ ଏମିତି ପ୍ରସ୍ତାବ ଦେଲା ୟୁକ୍ରେନ



ନୂଆଦିଲ୍ଲୀ, ୨୮/୦୨ : ଋଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ବନ୍ଦ ହେବ କି ନାହିଁ ଏହାକୁ ନେଇ ଏପର୍ଯ୍ୟନ୍ତ ନିଷ୍ପତ୍ତି ହୋଇପାରିନାହିଁ । ବେଲାରୁସରେ ଋଷ-ୟୁକ୍ରେନ ମଧ୍ୟରେ ହେଉଥିବା ଐତିହାସିକ ଆଲୋଚନା ଶେଷ ହୋଇଛି । ପ୍ରାୟ ସାଢ଼େ ୩ ଘଣ୍ଟା ଧରି ବସିଥିଲା ଏହି ବୈଠକ । ଆଉ ବୈଠକରେ ୟୁକ୍ରେନ ଦାବି କରିଛି ଯେ ଋଷ କ୍ରୀମିୟା ଏବଂ ଡୋନବାସ ସହ ସମଗ୍ର ଦେଶରୁ ନିଜର ସୈନ୍ୟ ଫେରାଇ ନେବାକୁ ୟୁକ୍ରେନ ଦାବି କରିଛି । ଏହା ପୂର୍ବରୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ତରଫରୁ କୁହାଯାଇଥିଲା ଯେ ତୁରନ୍ତ ଯୁଦ୍ଧବିରାମ ଏବଂ ରୁଷ ସେନା ପ୍ରତ୍ୟାର୍ପଣ କରିବା ଋଷ ସହ ଆଲୋଚନାର ମୁଖ୍ୟ ବିଷୟ ରହିବ । ଅନ୍ୟପକ୍ଷରେ ରୁଷିଆ ଚାରିପଟୁ ଆକ୍ରମଣ କରୁଥିବା ବେଳେ ଏହାର ମୁକାବିଲା କରୁଛି ୟୁକ୍ରେନ । ଯେତିକି ସହଜରେ ରାଜଧାନୀ କିଭ୍ ଦଖଲ କରିନେବ ବୋଲି ରୁଷ ସେନା ଆକଳନ କରୁଥିଲେ, ତାହ ସମ୍ଭବ ହେଉନାହିଁ । ଅନେକ ସ୍ଥାନରେ ରୁଷ ସେନାକୁ ଆଗକୁ ବଢ଼ିବାକୁ ଦେଉନାହାନ୍ତି ୟୁକ୍ରେନ୍ ସେନା । ୟୁକ୍ରେନ୍ ଦାବି କରୁଛି, ରାଜଧାନୀ କିଭ୍ରୁ ରୁଷ ସେନାକୁ ହଟାଇ ଦିଆଯାଇଛି । ତେବେ ଅନ୍ୟ ୪ଟି ବଡ଼ ସହରରେ ଘମାଘୋଟ ଯୁଦ୍ଧ ଲାଗିରହିଛି । ଅନ୍ୟତମ ସହର ଖାରକିଭ୍ ୟୁକ୍ରେନ୍ ସେନା ଅକ୍ତିଆରକୁ ଚାଲିଆସିଛି । ଯୁଦ୍ଧରେ ୪,୫୦୦ ରୁଷ ସୈନ୍ୟ ମୃତ୍ୟୁବରଣ କରିଥିବା ଦାବି କରିଛି ୟୁକ୍ରେନ୍ । କିନ୍ତୁ ମିଳିତ ଜାତିସଂଘରେ ରୁଷ ଏହାକୁ ଖଣ୍ଡନ କରିଛି । ଜୀବନ ବଂଚାଇ ଚାଲିଯିବାକୁ ରୁଷ ସେନାକୁ କହିଛନ୍ତି ରାଷ୍ଟ୍ରପତି ଜେଲେନ୍ସ୍କି ।

# ମାର୍ଚ୍ଚ ମାସ ପାଇଁ କୋଭିଡ୍ ଗାଇଡ୍ ଲାଇନ୍

## ମେଳା, ପ୍ରଦର୍ଶନୀକୁ ଅନୁମତି, ବିବାହରେ ୫୦୦, ଅନ୍ତ୍ୟେଷ୍ଟିରେ ୨୫୦ ଲୋକ ସାମିଲ ହୋଇପାରିବେ




ଭୁବନେଶ୍ୱର, ୨୮/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ବହୁ ପରିମାଣରେ ହ୍ରାସ ପାଇଛି । ଏହା ମଧ୍ୟରେ ସୋମବାର ରାଜ୍ୟ ସରକାର ମାର୍ଚ୍ଚ ମାସ ପାଇଁ କୋଭିଡ୍ ଗାଇଡଲାଇନ୍ ଜାରି କରିଛନ୍ତି। ମାର୍ଚ୍ଚ ମାସରେ ମହାଶିବରାତ୍ରି, ଦୋଳ ପୂର୍ଣ୍ଣିମା ଓ ହୋଲି ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ପରାମର୍ଶ ଜାରି କରିଛନ୍ତି। ଗତବର୍ଷ ଭଳି ଚଳିତ ଥର ମଧ୍ୟ ସର୍ବସାଧାରଣସ୍ଥଳରେ ଲୋକେ ହୋଲି ଖେଳିପାରିବେ ନାହିଁ। ସରକାର ସର୍ବସାଧାରଣସ୍ଥଳରେ ହୋଲି ଖେଳିବା ଉପରେ କଟକଣା ଜାରି କରିଛନ୍ତି। ଲୋକେ ନିଜ ପରିବାର ଲୋକଙ୍କ ସହିତ ଘର ଭିତରେ ହୋଲି ଖେଳିପାରିବେ। ସେହିପରି ସାଧାରଣ ଲୋକ ଯାତାୟତ କରୁଥିବା ରାସ୍ତାରେ ମଧ ରଂଗ ଖେଳିପାରିବେ ନାହିଁ। ସ୍ଥାନୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିସନର କଟକଣା ଲଗାଇ ପାରିବେ। ନୂତନ ଗାଇଡଲାଇନ୍ ଅନୁସାରେ ୨୦୨୨ ମାର୍ଚ୍ଚ ୧ ତାରିଖ ସକାଳ ୫ଟାରୁ ୩୧ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ କଟକଣା ଉଠାଇ ଦିଆଯାଇଛି। କିନ୍ତୁ ଅନ୍ ଲକ୍ ସମୟରେ ସମସ୍ତ କାର୍ଯ୍ୟକ୍ରମ କୋଭିଡ-୧୯ କଟକଣା ସହିତ କରାଯିବ। ସାମାଜିକ, ଧାର୍ମିକ, ରାଜନୈତିକ ଓ କ୍ରୀଡ଼ା ସମାବେଶରେ କରୋନା କଟକଣା ନିୟମ ମାନିବାକୁ ହେବ। ସେହିପରି ପ୍ରଦର୍ଶନୀ, ବାଣିଜ୍ୟ ମେଳା, ଏକ୍ସପୋ ମଧ କୋଭିଡ କଟକଣା ଅନୁସାରେ ହେବ। ନିର୍ବାଚନ କମିଶନଙ୍କ ଘୋଷଣା ଅନୁସାରେ ନିର୍ବାଚନ ରାଲି ହେବ। ସେହିଭଳି ବିବାହ, ବ୍ରତ ଓ ଅନ୍ୟ ସାମାଜିକ କାର୍ଯ୍ୟକ୍ରମରେ ସର୍ବାଧିକ ୫୦୦ ଜଣଙ୍କୁ ଅନୁମତି ମିଳିବ। ଅନ୍ତ୍ୟେଷ୍ଟିକ୍ରିୟାରେ ୨୫୦ ଲୋକ ସାମିଲ ହୋଇପାରିବେ। ବିବାହ ଶୋଭାଯାତ୍ରାରେ ସର୍ବାଧିକ ୧୦୦ ଜଣ ଯୋଗଦେଇପାରିବେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ଜାରି ମାର୍ଗଦର୍ଶିକାରେ ପ୍ରକାଶ ପାଇଛି। ▶▶ପୃଷ୍ଠା ୭

## ୟୁକ୍ରେନ ସେନାର ବଡ ଦାବି: ଋଷର ୨୯ ଲଢୁଆ ବିମାନ ସହ ୧୯୧ ଟ୍ୟାଙ୍କର ଧ୍ୱଂସ

ନୂଆଦିଲ୍ଲୀ, ୨୮/୦୨ : ଋଷ ଓ ୟୁକ୍ରେନ ମଧ୍ୟରେ ଯୁଦ୍ଧର ଆଜି ପଞ୍ଚମ ଦିନ । ଦିନ ଯେତେ ବଢିଚାଲିଛି ୟୁକ୍ରେନରେ ସ୍ଥିତି ସେତେ ବିଗିଡିବାରେ ଲାଗିଛି । ଦୋକାନରେ ଖାଦ୍ୟ ସାମଗ୍ରୀ ନାହିଁଏ କି ଏଟିଏମରେ ଟଙ୍କା ନାହିଁ । ଖାଇବା ପିଇବାରେ ନାହିଁ ନଥିବା ସମସ୍ୟା । ୟୁକ୍ରେନରେ ରହୁଥିବା ଲୋକେ ଅନ୍ୟ ଦେଶରେ ରହୁଥିବା ବନ୍ଧୁ ପରିଜନଙ୍କୁ ସାହାଯ୍ୟ ମାଗୁଛନ୍ତି । ଏସବୁ ଭିତରେ ଆରମ୍ଭ ହେବାକୁ ଯାଉଛି ଋଷ- ୟୁକ୍ରେନ ମଧ୍ୟରେ ହେବାକୁ ଥିବା ଆଲୋଚନା, ଯାହା ଉପରେ ଏବେ ସମସ୍ତଙ୍କ ନଜର । ଏହି ଆଲୋଚନା ପରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ଘମାଘୋଟ ଯୁଦ୍ଧରେ ବିରାମ ଲାଗିବାର ଆଶା କରାଯାଉଥିବାବେଳେ ଏକ ବଡ ଦାବି କରିଛି ୟୁକ୍ରେନ ସେନା । ଋଷ ସେନା ଆକ୍ରମଣ କରୁଥିଲେ ବି ଏହାକୁ ଦୃଢତାର ସହ ସାମନା କରିଛି ୟୁକ୍ରେନ ସେନା । ଏଯାଏଁ ଯୁଦ୍ଧରେ ଋଷ ମଧ୍ୟ ଅନେକ କ୍ଷତି ସହିଲାଣି । ଯୁଦ୍ଧରେ ଶତ୍ରୁପକ୍ଷ ଋଷର ୨୯ଟି ଲଢୁଆ ବିମାନ , ୨୯ଟି ହେଲିକପ୍ଟର, ୧୯୧ ଟ୍ୟାଙ୍କର, ୭୪ ତୋପ, ୮୧୬ ଲଢୁଆ ବାହାନକୁ ଧ୍ୱଂସ କରିଛି ୟୁକ୍ରେନ ସେନା । ୟୁକ୍ରେନର ଜଣେ ବରିଷ୍ଠ ସେନାଧିକାରୀ ଏହି ଦାବି କରିଛନ୍ତି । ଅନ୍ୟପଟେ ୟୁକ୍ରେନର ଅନେକ ନାଗରିକ ପ୍ରାଣ ହରାଇଥିବା ସେ କହିଛନ୍ତି ।

## ପୌର ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି



ଭୁବନେଶ୍ୱର, ୨୮/୦୨ (ନି.ପ୍ର): ଆଗାମୀ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ସୋମବାର ଦିନ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ଶାନ୍ତି ଶୃଙ୍ଖଳାରେ ନିର୍ବାଚନ ସାରିବାକୁ ନିର୍ବାଚନ କମିଶନ ଗୁରୁତ୍ୱ ଦେଇଛନ୍ତି । ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ୨ ତାରିଖରୁ ନାମାଙ୍କନ ଦାଖଲ ପାଇଁ ପ୍ରକ୍ରିୟା ଆରମ୍ଭ ହେବ । ଏହି ପ୍ରକ୍ରିୟା ୭ ତାରିଖ ପର୍ଯ୍ୟନ୍ତ ଚାଲିବ । ସମସ୍ତ ନାମାଙ୍କନ ପତ୍ରର ଯାଂଚ ମାର୍ଚ୍ଚ ୯ରେ ହେବ । ସେହିପରି ଆଗାମୀ ୨୪ରେ ପଡିବ ପୌର ସଂସ୍ଥା ମାନଙ୍କ ପାଇଁ ନିର୍ବାଚନ ହେବ। ଏହାପରେ ୨୬ ତାରିଖ ଦିନ ଭୋଟ ଗଣତି ହେବ । ଉଲ୍ଲେଖନୀୟ ଯେ ଚଳିତ ବର୍ଷ ପୌର ପରିଷଦ, ବିଜ୍ଞାପିତ ଅଂଚଳ ପରିଷଦ, ମହାନଗର ନିଗମରେ କାଉନସିଲର, କର୍ପୋରେଟର, ପୌରାଧ୍ୟକ୍ଷ ଓ ମେୟର ପାଇଁ ନିର୍ବାଚନ ହେବ । ୪୮ଟି ପୌର ପରିଷଦ, ୫୯ଟି ବିଜ୍ଞାପିତ ଅଂଚଳ ପରିଷଦ ଓ ୩ଟି ମହାନଗରରେ ନିର୍ବାଚନ ହେବ ।

## ଜିଲ୍ଲା ପରିଷଦ ନିର୍ବାଚନରେ ବିଜେଡିକୁ ୭୬୩ ଆସନ ମିଳିବାର ସମ୍ଭାବନା



ଭୁବନେଶ୍ୱର, ୨୮/୦୨ (ନି.ପ୍ର): ରାଜ୍ୟରେ ସମ୍ପନ୍ନ ହୋଇଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ମତଗଣନା ତୃତୀୟ ଦିନରେ ମଧ୍ୟ ଜାରୀ ରହିଛି । ଏହି ନିର୍ବାଚନ ଫଳାଫଳ ଓ ଟ୍ରେଣ୍ଡରୁ ବିଜେଡିକୁ ଅଭୂତପୂର୍ବ ସଫଳତା ମିଳିବା ସ୍ପଷ୍ଟ ହେଉଛି । ମୁଖ୍ୟ ବିରୋଧୀ ଦଳ ବିଜେପି ଓ କଂଗ୍ରେସ ବିଜେଡିର ଆଖ ପାଖରେ ମଧ୍ୟ ପହଂଚି ପାରୁ ନାହାନ୍ତି । ସୋମବାର ଦିନ ସଂଧ୍ୟା ସୁଦ୍ଧା ମିଳିଥିବା ସୂଚନା ଅନୁସାରେ ମୋଟ ୮୫୧ଟି ଜିଲ୍ଲା ପରିଷଦ ଆସନରୁ ବିଜେଡି ୭୬୩ ଆସନରେ ବିଜୟୀ କିମ୍ବା ଆଗରେ ରହିଛି। ଫଳରେ ବିଜେଡିକୁ ୭୬୩ ଆସନ ମିଳିପାରେ । ସେହିପରି ବିଜେପି ୪୪ଟି ଆସନରେ ଜିତି ସାରିଛି ବା ଆଗୁଆ ରହିଛି । କଂଗ୍ରେସ ୩୭ଟି ଆସନରେ ଜିତି ସାରିଛି ବା ଆଗୁଆ ରହିଥିବା ନେଇ ସୂଚନା ମିଳିଛି । ଅନ୍ୟାନ୍ୟ ୭ଟି ଆସନରେ ଜିତି ସାରିଛନ୍ତି ବା ଆଗୁଆ ଅଛନ୍ତି। ଗତ ଥର ୨୯୭ଟି ଜିଲ୍ଲା ପରିଷଦ ଆସନରେ ବିଜୟ ଲାଭ କରିଥିବା ବିଜେପି ଏଥର ୫୦ଟି ଆସନ ହାସଲ କରି ପାରି ନାହିଁ ଅନେକ ଜିଲ୍ଲାରେ ଗତ ଥର ବିଜେପି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦବୀ ହାତେଇଥିବା ବେଳେ ଏଥର ସବୁ ୩୦ଟି ଜିଲ୍ଲାରେ ବିଜେଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ହାସଲ କରିବା ସ୍ପଷ୍ଟ ହୋଇ ଯାଇଛି ।

## ରାଜ୍ୟରେ କରୋନାରେ ଆଉ ୭ ଜଣ ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୮/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୭ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୦୭୧ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରେ ୩ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ପୁରୀ ଜିଲ୍ଲାର ୨ ଜଣଙ୍କ ମୃତ୍ୟୁ ଘଟିଛି । ସେହିପରି କଟକ ଓ କେନ୍ଦ୍ରାପଡା ଜିଲ୍ଲାରୁ ୧-୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

## ନିର୍ବଚନୀ ପରବର୍ତ୍ତୀ ହିଂସା, ଉଭୟ ପକ୍ଷରୁ ୬ ଆହତ

ସୋନପୁର, ୨୮/୦୨ (ନି.ପ୍ର): ନିର୍ବାଚନୀ ପରବର୍ତ୍ତୀ ହିଂସା ଯୋଗୁ ଫୁଟିଲା ଗୁଳି ! ଉଭୟ ପକ୍ଷରୁ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଫଳାଫଳ ପ୍ରକାଶ ପାଇବା ପରେ ବୌଦ୍ଧ ଜିଲ୍ଲାରେ ଏପରି ଘଟଣା ଘଟିଛି। ମନମୁଣ୍ଡା – ବୌଦ୍ଧ ରାସ୍ତାର ଦହ୍ୟା ଛକରେ ଘଟିଛି ଏହି ଗୁଳିକାଣ୍ଡ। ବୌଦ୍ଧ ଜିଲ୍ଲା ରକ୍ସା ପଂଚାୟତର ଉଭୟ ବିଜେତା ଓ ପରାଜିତ ସରପଞ୍ଚଙ୍କ ▶▶ପୃଷ୍ଠା ୭

## ୨ ବର୍ଷ ପରେ ଖୋଲିଲା ପ୍ରଥମରୁ ସପ୍ତମ ସ୍କୁଲ



ଭୁବନେଶ୍ୱର , ୨୮/୦୨ (ନି.ପ୍ର): ଦୀର୍ଘ ୨ ବର୍ଷ ପରେ ସ୍କୁଲ ଗଲେ ପ୍ରଥମରୁ ସପ୍ତମ ଶ୍ରେଣୀ ପିଲା । କିଛି ପିଲା ବହୁ ଦିନ ପରେ ସ୍କୁଲଯାଇ ଉତ୍ସାହିତ ଜଣାପଡୁଥିବା ବେଳେ କିଛି ପିଲା ନୂଆ କରି ସ୍କୁଲ ଯାଇଛନ୍ତି। ପିଲାଙ୍କୁ ପାଠ ବୋଝ ନଦେବାକୁ ସ୍କୁଲ ଗୁଡିକରେ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି । ଏହି ସପ୍ତାହରେ କେବଳ ପିଲାଙ୍କ ଆକ୍ଟିଭିଟି କ୍ଲାସ ହେବ । ଏହି ୬ ଦିନ ଖେଳକୁଦ, ନାଚ, ଗୀତ, ବିଭିନ୍ନ ପ୍ରତିଯୋଗିତା ଆଦି ଆକ୍ଟିଭିଟି ମାଧ୍ୟମରେ ପିଲାଙ୍କୁ ସ୍କୁଲ ସହିତ ବାନ୍ଧି ରଖାଯିବ। ଆସନ୍ତା ସପ୍ତାହରୁ ସେମାନେ ପାଠ ପଢ଼ିବେ ବୋଲି ଗଣ ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏପରିକି ସୋମବାର ସ୍କୁଲ ଖୋଲିବା ପୂର୍ବରୁ ଅଭିଭାବକ ସମ୍ମିଳନୀ ହୋଇ ଅଭିଭାବକମାନଙ୍କ ମତାମତ ନିଆଯାଇଥିଲା। ୨ ବର୍ଷ ପରେ ଖୋଲିଥିବାରୁ ସ୍କୁଲ୍ ରେ କ୍ଲାସରୁମ୍ ଗୁଡ଼ିକୁ ସଫା ସୁତୁରା କରାଯିବା ସହିତ ସାନିଟାଇଜ୍ କରାଯାଇଛି । ହଷ୍ଟେଲ ଥିବା ବିଦ୍ୟାଳୟରେ ପିଲାମାନେ ଗତକାଲିଠାରୁ ସ୍କୁଲ୍ ରେ ପହଂଚି ସାରିଛନ୍ତି । ଏବେ ପ୍ରଥମରୁ ସପ୍ତମ ଶ୍ରେଣୀ ପିଲାଙ୍କ ଅଫଲାଇନ୍ ପାଠପଢ଼ା ଆରମ୍ଭ ହୋଇଥିବା ବେଳେ ଯେଉଁ ଅଭିଭାବକ ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ରାଜି ନ ହେବେ ସେମାନଙ୍କ ପାଇଁ ଅନଲାଇନ୍ ପାଠପଢ଼ା ଓ ପରୀକ୍ଷା ବ୍ୟବସ୍ଥା ଚାଲୁ ରହିବ ବୋଲି କହିଛନ୍ତି ବିଭାଗୀୟ ମନ୍ତ୍ରୀ।

## ୟୁକ୍ରେନ୍ ଫେରନ୍ତା ଓଡିଆ ଛାତ୍ରଛାତ୍ରୀଙ୍କ ସହ କଥାହେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮/୦୨ (ନି.ପ୍ର): ଆପଣାମାନେ ସମସ୍ତେ ନିରାପଦରେ ଫେରିଆସିଥିବାରୁ ମୁଁ ଆଶ୍ୱସ୍ତ । ସୋମବାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ୟୁକ୍ରେନରୁ ଫେରି ଆସି ନୂଆଦିଲ୍ଲୀରେ ଥିବା ଓଡିଆ ଛାତ୍ରଛାତ୍ରୀଙ୍କ ସହିତ ଅନଲାଇନ ଜରିଆରେ ଆଲୋଚନା କରି ଏହା କହିଛନ୍ତି । ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାଗତ କରି ୟୁକ୍ରେନରେ ରହିଯାଇଥିବା ଅନ୍ୟ ଛାତ୍ରଛାତ୍ରୀଙ୍କ ଫେରିବା ପାଇଁ ସବୁପ୍ରକାର ଉଦ୍ୟମ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଭରସା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଆ ଛାତ୍ରଛାତ୍ରୀ ମାନଙ୍କ ଫେରିବା ସଂପର୍କରେ ସେ କେନ୍ଦ୍ର ଗୃହମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି ଏବଂ ସେ ଆଉଥରେ ମଧ ଏ ବିଷୟରେ କଥାବାର୍ତ୍ତା କରି ପଦକ୍ଷେପ ନେବେ ବୋଲି କହିଥିଲେ । ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରି କହିଥିଲେ ଯେ ସେମାନେ ସମସ୍ତେ ରୋମାନିଆ ସୀମା ଅତିକ୍ରମ କରି ଭାରତୀୟ ଅଧିକାରୀ ମାନଙ୍କ ସହିତ ବୁକାରେଷ୍ଟ ଯାଇଥିଲେ ଏବଂ ସେଠାରୁ ବିମାନ ଯୋଗେ ନୂଆଦିଲ୍ଲୀ ଆସିଥିଲେ । ନୂଆଦିଲ୍ଲୀରେ ଅବସ୍ଥାପିତ ରେସିଡେଂଟ କମିଶନର ସେମାନଙ୍କ ସହିତ ସବୁ ସମୟରେ ଅନ୍ ଲାଇନ ଜରିଆରେ ଯୋଗାଯୋଗରେ ଥିଲେ। ୟୁକ୍ରେନର ଅନ୍ୟ ସ୍ଥାନରେ ଥିବା, ବିଶେଷକରି ଖାରକିବ୍ ରେ ବହୁ ଓଡିଆ ଛାତ୍ରଛାତ୍ରୀ ଅଛନ୍ତି ଓ ସେମାନଙ୍କୁ ଫେରାଇ ଆଣିବାପାଇଁ ପଦକ୍ଷେପ ନେବାକୁ ସେମାନେ ଅନୁରୋଧ କରିଥିଲେ । ୟୁକ୍ରେନରୁ ଫେରୁଥିବା ପିଲାଙ୍କ ସୁବିଧା ପାଇଁ ମୁମ୍ବାଇ ବିମାନ ବନ୍ଦରରେ ହେଲ୍ପ ଡେସ୍କ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ଭୁବନେଶ୍ୱର ରେ ପହଂଚି ବା ପରେ ପିଲାମାନଙ୍କୁ ଓଟିଡିସି ବସ୍ ଯୋଗେ ସେମାନଙ୍କ ଘରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ମଧ ନିର୍ଦ୍ଦେଶ ଦେଇଥିଲେ । ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ଆଲୋଚନାକୁ ସଂଯୋଜନା କରିଥିଲେ।

# ୩୬ ଦେଶକୁ ବିମାନ ସେବା ବନ୍ଦ କଲା ରୁଷ୍

ନୂଆଦିଲ୍ଲୀ, ୨୮/୦୨ : ୟୁକ୍ରେନ୍ ଉପରେ ରୁଷର ଆକ୍ରମଣ ପରେ ଅନେକ ଦେଶ ପ୍ରତିବନ୍ଧକ ଲଗାଇବା ଆରମ୍ଭ କରିଦେଇଛନ୍ତି। ଏହି ପ୍ରତିବନ୍ଧକକୁ ନେଇ ଚିନ୍ତିତ ଥିବା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ମଧ ବିରୋଧୀଙ୍କୁ ଦୃଢ଼ ଜବାବ ଦେବା ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି। ରୁଷ ଏବେ ୩୬ ଦେଶ ପାଇଁ ତା'ର ବିମାନ ସେବାକୁ ବନ୍ଦ କରିଦେଇଛି। ଏହି ଦେଶ ଗୁଡ଼ିକ ମଧ୍ୟରେ ବ୍ରିଟେନ୍ ଓ ଜର୍ମାନୀ ଭଳି ବଡ଼ ଦେଶ ଥିବା ସୂଚନା ମିଳିଛି। ରିପୋର୍ଟ ମୁତାବକ, ରୁଷ୍ ରାଷ୍ଟ୍ରପତି ପୁଟିନ୍ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି, ଯେଉଁଥିରେ ରୁଷର ପ୍ରତିରକ୍ଷା ମନ୍ତ୍ରୀ ଓ ତିନି ସେନା ମୁଖ୍ୟ ଉପସ୍ଥିତ ଥିଲେ। ଏହି ବୈଠକ ପୁଟିନଙ୍କ କାର୍ଯ୍ୟାଳୟ କ୍ରେମଲିନରେ ଆୟୋଜିତ ହୋଇଛି। ଏହି ବୈଠକରେ ହିଁ ପୁଟିନ୍ ବିମାନ ସେବାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଖବର ଏମିତି ସମୟରେ ଆସିଛି ଯେତେବେଳେ ଫ୍ରାନ୍ସ ରୁଷର ସମସ୍ତ ଆକାଉଣ୍ଟକୁ ଅଚଳ କରିଦେଇଛି। ଅନ୍ୟପଟେ ଆମେରିକାର ରାଜକୋଷ ମଧ ରୁଷର ସେଣ୍ଟ୍ରାଲ୍ ବ୍ୟାଙ୍କ ଓ ରାଜ୍ୟ ନିବେଶ ପାଣ୍ଠି ଉପରେ ନୂଆ କଟକଣା ଲଗାଇଛି। ସୂଚନା ମୁତାବକ, ଜର୍ମାନୀ, ଫ୍ରାନ୍ସ, ବ୍ରିଟେନ୍, ୟୁରୋପିଆନ୍ ସଂଘ ଓ ଅନ୍ୟାନ୍ୟ ଦେଶ ଗୁଡ଼ିକ ଆମେରିକା ସହ ମିଶି ରୁଷର ସେଣ୍ଟ୍ରାଲ୍ ବ୍ୟାଙ୍କକୁ ଟାର୍ଗେଟ୍ କରୁଛନ୍ତି। ୟୁକ୍ରେନ୍ ଉପରେ ରୁଷର ଆକ୍ରମଣ ପରେ ଏହି ଦେଶଗୁଡ଼ିକ ଏହି ପଦକ୍ଷେପ ଉଠାଇଛନ୍ତି। ଅନ୍ୟପକ୍ଷରେ ପରମାଣୁ ଶକ୍ତିକୁ ସଜାଗ ରଖିବା ନେଇ ପୁଟିନଙ୍କ ନିର୍ଦ୍ଦେଶ ପରେ ୟୁକ୍ରେନରେ ଉତ୍ତେଜନା ସୃଷ୍ଟି କରିଛି। ଆମେରିକା ଓ କିଛି ୟୁରୋପିଆନ୍ ଦେଶ ୟୁକ୍ରେନକୁ ଅଧିକ ଷ୍ଟିଙ୍ଗର ମିସାଇଲ୍ ଓ ଯୁଦ୍ଧ ବିମାନ ସମେତ ଅସ୍ତ୍ରଶସ୍ତ୍ରର ଯୋଗାଣକୁ ବୃଦ୍ଧି କରୁଥିବା କହିଛନ୍ତି। ଏହାରି ଭିତରେ ୟୁକ୍ରେନର ▶▶ପୃଷ୍ଠା ୭

# ଅପରେସନ୍ ଗଙ୍ଗାରେ ବର୍ତ୍ତମାନ ସୁଦ୍ଧା ଭାରତ ଫେରିଲେଣି ୧୧୦୦ରୁ ଅଧିକ ଭାରତୀୟ



ନୂଆଦିଲ୍ଲୀ, ୨୮/୦୨ : ଅପରେସନ୍ ଗଙ୍ଗାରେ ଦେଶକୁ ଫେରୁଛନ୍ତି ୟୁକ୍ରେନରେ ଫସିଥିବା ଭାରତୀୟ । ପର୍ଯ୍ୟାୟ କ୍ରମେ ଏମାନଙ୍କୁ ସ୍ୱତନ୍ତ୍ର ବିମାନରେ ଦେଶକୁ ଅଣାଯାଉଛି । ତେବେ ବିସ୍ଫୋରଣ ପରେ ୟୁକ୍ରେନର ଅନେକ ବିମାନ ବନ୍ଦର ବନ୍ଦ ହୋଇଥିବା ବେଳେ ୟୁକ୍ରେନକୁ ଲାଗି ରହିଥିବା ବିଭିନ୍ନ ରାଷ୍ଟ୍ର ଗୁଡିକରୁ ଏମାନଙ୍କ ପାଇଁ ସ୍ୱତନ୍ତ୍ର ବିମାନର ବ୍ୟବସ୍ଥା କରିଛି ଭାରତୀୟ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ । ଏପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ପ୍ରାୟ ୧୧୦୦ରୁ ଅଧିକ ଭାରତୀୟ ଦେଶକୁ ଫେରିଲେଣି । ଯୁଦ୍ଧ ଭୂମିରୁ ଫେରିବା ପରେ ଏମାନେ ନିଜ ନିଜର ଅନୁଭୂତି ବଖାଣିଛନ୍ତି । ଭାରତ ପହଂଚିବା ପରେ ଶାନ୍ତିରେ ନିଶ୍ୱାସ ମାରିଛନ୍ତି ଛାତ୍ରଛାତ୍ରୀ । ଭାରତ ସରକାରଙ୍କ ଉଦ୍ୟମରୁ ସୁରକ୍ଷିତ ଜନ୍ମମାଟିକୁ ଫେରିଛନ୍ତି ସତ ହେଲେ ସେଠାରେ ଫସି ରହିଥିବା ବନ୍ଧୁଙ୍କୁ ନେଇ ଚିନ୍ତିତ ଅଛନ୍ତି । ଯୁଦ୍ଧର ବିଭୀଷିକାକୁ ଭୁଲି ପାରୁ ନାହାନ୍ତି ।

# ହୋଟେଲରେ ଚାଲିଥିଲା ଲୁଟ୍‌ର ବ୍ଲୁପ୍ରିଂଟ

## ୭ ଗିରଫ, ବନ୍ଧୁକ, ଗୁଳି, ବାଇକ୍ ଓ ଟଙ୍କା ଜବତ

ପୁରୀ,୨୮/୦୨ (ନି.ପ୍ର): ପୁରୀ ହେବ ବିଶ୍ୱ ସ୍ତରୀୟ ଏତିହ୍ୟ ସହର । ଚକାଚକ ହେବ ସମୁଦ୍ରକୂଳ ସ୍ଥଳପଥ । ଗଢି ଉଠିବ ୧୪ ମହଲା କୋଠା । ସେହି ଅନୁପାତରେ ସହରରେ ବଢି ଚାଲିଛି ଅପରାଧ, ଲୁଟ୍, ରାହାଜାନି, ହତ୍ୟା, ଚୋରି ଓ ଦୁଷ୍କର୍ମ ଘଟଣା । ବିଭିନ୍ନ ଥାନାରେ ସ୍ୱଳ୍ପ ସଂଖ୍ୟକ ପୋଲିସ କର୍ମଚାରୀଙ୍କୁ ନେଇ ଚଳିଛି ଥାନା । ଅପରାଧିମାନେ ବିଭିନ୍ନ ସ୍ଥାନରେ ଅପରାଧ ଘଟାଇ ପୋଲିସକୁ ଦେଉଛନ୍ତି ଖୋଲା ଚ୍ୟାଲେଞ୍ଜ । ଯାହାର ନମୁନା ଦେଖିବାକୁ ମିଳିଛି ବଳିଆପଣ୍ଡା ଥାନା ଅଂଚଳରେ । ଏହି ଅଂଚଳରେ ଅନେକ ବେଆଇନ ଲିଜ ଧାରୀ ହୋଟେଲ ଗଢି ଉଠିଛି । ଏହି ହୋଟେଲ ମାନଙ୍କରେ ଅପରାଧିମାନେ ସହରରେ ଘଟୁଥିବା ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ପାଇଁ ବ୍ଲୁପ୍ରିଂଟ ପ୍ରସ୍ତୁତ କରୁଛନ୍ତି । ଏଥିରେ ସହରର କୁଖ୍ୟାତ ଅପରାଧିମାନେ ସାମିଲ ହେଉଛନ୍ତି । ବଳିଆପଣ୍ଡା ପୋଲିସ କୌଣସି ସୂତ୍ରରୁ ଖବର ପାଇ ସପ୍ତର୍ଷି ହୋଟେଲରେ ଅଚାନକ ଚଢ଼ଉ କରି ୧୫ ଜଣଙ୍କୁ ଉଠାଇ ନେଇଥିଲା । ସେମାନଙ୍କ ମଧ୍ୟରୁ ପୋଲିସ ୭ ଜଣଙ୍କୁ ଗିରଫ କରି ଅନ୍ୟ ୮ ଜଣଙ୍କୁ ଛାଡ଼ି ଦେଇଛି । ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କୁ ମଧ୍ୟରୁ ଜଣେ ମହିଳା ଅଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ବିମାନବନ୍ଦର ସାହିର ପୂର୍ଣ୍ଣଚନ୍ଦ୍ର ଦାଶ (୪୮), ତଲୁଛ ସାହିର ମହାବଳ ଓରଫ ଲୋକନାଥ ମିଶ୍ର (୩୧), ମାଟିତୋଟାର ଭବାନିଶଙ୍କର ଦାଶ(୨୪), ଦଇତାପଡ଼ା ସାହିର ରବି ଗୋସ୍ୱାମୀ (୨୦), ଅବକାଶ ଲେନର ରାଜେଶ ସ୍ୱାଇଁ (୨୨), ନରେନ୍ଦ୍ର କୋଣର ଶିବପ୍ରସାଦ ସାହୁ(୩୨) ଓ ହୋଟେଲର ମ୍ୟାନେଜର ଭାବେ କାର୍ଯ୍ୟ କରୁଥିବା ଜଣେ ମହିଳା ଗିରଫ ହୋଇଛନ୍ତି । ଏ ସମ୍ପର୍କରେ ବଳିଆପଣ୍ଡା ଥାନାରେ ୨୪/୨୨ରେ ମାମଲା ରୁଜୁ କରି ପୋଲିସ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ପୋଲିସ ଗୋଟିଏ ୯ ଏମଏମ ପିସ୍ତଲ, ୨ଟି ଅଫୁଟା ଗୁଳି, ଗୋଟିଏ ଦେଶୀ ବନ୍ଧୁକ, ୩ଟି ବାଇକ୍, ୮ ଟି ମୋବାଇଲ ଓ ନଗଦ ୭୨ ହଜାର ଟଙ୍କା ଜବତ କରିଛି ।

# ବରିଷ୍ଠ ନାଗରିକ ମଂଚର ସାଧାରଣ ସଭା

କୋରେଇ,୨୮/୦୨ (ନି.ପ୍ର): ପାଣିକୋଇଲିର ଅଗ୍ରଣୀ ସଂଗଠନ ବରିଷ୍ଠ ନାଗରିକ ମଂଚର ଏକ ସାଧାରଣ ସଭା ନବ ନିର୍ମିତ ସଭାଗୃହ ଠାରେ ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ବିବରଣୀ ଉପସ୍ଥାପନା କରିବା ସହ କେତେକ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ମାତ୍ର ୨ମାସ ମଧ୍ୟରେ ସଭାଗୃହ ନିର୍ମିତ ହୋଇଥିବାରୁ ପ୍ରଥମେ ସଭାପତି, ସମ୍ପାଦକ ଓ ସହଯୋଗୀ ମାନଙ୍କୁ ଧନ୍ୟବାଦ ଦିଆଯାଇଥିଲା । ଗତ ବୈଠକରୁ ଏ ବୈଠକ ପର୍ଯ୍ୟନ୍ତ ପରଲୋକଗତ ସଙ୍ଗଠନର ସଦସ୍ୟ, ରାଜନେତା ତଥା ଦେଶର ବରିଷ୍ଠ ପ୍ରତିଭାଧାରୀଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇ ଅମର ଅତ୍ମାର ସଦ୍‌ଗତି କାମନା କରାଯାଇଥିଲା । ସଂପ୍ରତି ପଂଚାୟତ ନିର୍ବାଚନ କାଳରେ ଦେଖାଦେଇଥିବା ହିଂସାତ୍ମକ କାର୍ଯ୍ୟକଳାପ ପ୍ରତି ଆଜିର ସଭାରେ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା । ଗଣତନ୍ତ୍ରର ସୁରକ୍ଷା ପାଇଁ ନିର୍ବାଚନ ଅପରିହାର୍ଯ୍ୟ । ମାତ୍ର ହିଂସା ଓ ନିର୍ବାଚନ ପରସ୍ପର ପରିପୂରକ ସାଜିବା ଏକ ନୀନ୍ଦନୀୟ ପରମ୍ପରା । ଏହି ହିଂସାରେ ନିରହ ମହିଳା, ବୃଦ୍ଧ, କାର୍ଯ୍ୟରତ ଅଧିକାରୀ, ନିରପେକ୍ଷ ଗଣମାଧ୍ୟମ ପ୍ରତିନିଧି ମାନେ ଶୀକାର ହେବା ରାଜ୍ୟ ପାଇଁ ଶୁଭଙ୍କର ନୁହେଁ । ଏହାକୁ ରୋକିବାରେ ନିଷ୍ଠାପର ଉଦ୍ୟମ ସର୍ବାଗେ ଉଚିତ ବୋଲି ମତ ପ୍ରକାଶ ପାଇଥିଲା । ଯୁଦ୍ଧ ଏକ ବିକାରଗ୍ରସ୍ତ ମାନସିକତା ପ୍ରକ୍ରିୟା, ନିରୀହ ମଣିଷକୁ ମାରିବା ପାଇଁ ଯୁଦ୍ଧଖୋର ମନୋଭାବକୁ କୌଣସି ସଭ୍ୟ ସମାଜ କେବେ ଗ୍ରହଣ କରିବ ନାହିଁ । ସଂପ୍ରତି ବଳଶାଳୀ ରୁଷର ଏକ ଛୋଟିଆ କମ ବଳବାନ ୟୁକ୍ରେନ ଉପରେ ଆକ୍ରମଣକୁ ଦୃଢ ନିନ୍ଦା କରିବା ସହିତ ସମସ୍ତେ ପରସ୍ପର ସହବସ୍ଥାନ ନିତୀ ଆପଣେଇବାକୁ ଆଜିର ସଭାରେ ଆହ୍ୱାନ ଦିଆଯିବା ସହିତ ଯୁଦ୍ଧଖୋର ମନୋଭାବକୁ ଦୃଢ ନିନ୍ଦା କରାଯାଇଥିଲା । ମାର୍ଚ୍ଚ ୨୭ ତାରିଖ ରାଜ୍ୟ ବରିଷ୍ଠ ପରିଷଦର ବାର୍ଷିକ ଅଧିବେଶନରେ ଅଧିକ ସଂଖ୍ୟକ ପ୍ରତିନିଧି ଯୋଗଦେବା ପାଇଁ ନିଷ୍ପତି ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ କୋଷାଧ୍ୟକ୍ଷ ବୈଷ୍ଣବ ଚରଣ ସାହୁଙ୍କ ପକ୍ଷରୁ କରାଯାଇଥିବା ପ୍ରସାଦ ସେବନ କାର୍ଯ୍ୟକ୍ରମକୁ ସଭା ପକ୍ଷରୁ ପ୍ରସଂଶା କରାଯାଇଥିଲା । ସମ୍ପାଦକ ସୁରେନ୍ଦ୍ର କୁମାର ରାୟଙ୍କ ଦାବୀ ଅନୁଯାୟୀ ପାଣିକୋଇଲି- ଆଙ୍କୁଲା ରାସ୍ତାର ପ୍ରସସ୍ତି କରଣ ହେବାକୁ ଯାଉଥିବାରୁ ସଭା ପକ୍ଷରୁ ସ୍ୱାଗତ ଜଣାଇବା ସହିତ ଉପଯୁକ୍ତ ମାନର କାମ କରିବାକୁ ଯାଜପୁର ଗ୍ରାମ୍ୟଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା ।

# ଗଞ୍ଜାମ ଜିଲ୍ଲାର ସମସ୍ତ ୨୨ ଜିଲ୍ଲା ପରିଷଦ ଆସନରେ ବିଜେଡ଼ିର ବାଜିମାତ୍

ଗଞ୍ଜାମ,୨୮/୦୨ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଅନୁଷ୍ଠିତ ତ୍ରିସ୍ତରିୟ ପଚାଂୟତ ନିର୍ବାଚନରେ ବିଜେଡ଼ି ଦଳ ସମସ୍ତ ଜିଲ୍ଲା ପରିଷଦ ଆସନ ହାତେଇ ନେଇଛି । ବିଜେପି ଏବଂ କଂଗ୍ରେସ ପାଇଁ ଏହି ନିର୍ବାଚନ ଫଳାଫଳ ସମ୍ପୂର୍ଣ୍ଣ ରୂପେ ନୈରାଶ୍ୟଜନକ ରହିଛି । ବିଜେଡ଼ି ଜିଲ୍ଲାର ସମସ୍ତ ୨୨ଟି ବ୍ଲକରେ ଜିଲ୍ଲା ପରିଷଦ ଆସନରେ ବିଜୟ ଲାଭ କରିଛି । ବିଜୟୀ ବିଜେଡ଼ି ପ୍ରାର୍ଥୀ ମାନେ ହେଲେ ଆସିକା ବ୍ଲକ୍ ୧ ନଂ ଜୋନ୍ ରୁ ତନ୍ମୟ ନାୟକ । ସେ ୧୧,୭୭୩ ଖଣ୍ଡ ଭୋଟ୍ ପାଇଛନ୍ତି । ବେଗୁନିଆପଡ଼ା ବ୍ଲକ ୪୪ ନଂ ଜୋନ୍ ରୁ ବିଜୟୀ ପ୍ରାର୍ଥିନୀ କଲ୍ୟାଣୀ ପାତ୍ର ୧୪,୬୨୦ ଭୋଟ୍ ପାଇଛନ୍ତି । ବେଲଗୁଣ୍ଠା ବ୍ଲକ ୪୭ ନଂ ଜୋନ୍ ରୁ ପୂର୍ଣ୍ଣବାସୀ ନାୟକ ୧୦, ୮୭୨, ଭଞ୍ଜନଗର ୫୦ ନଂ ଜୋନ୍ ରୁ ଶୈଳବାଳା ବିଷୋୟୀ ୧୧, ୩୬୫, ବୁଗୁଡ଼ା ୪୧ ନଂ ଜୋନ୍ ରୁ ସମିତା ସ୍ୱାଇଁ ୧୨, ୧୯୬ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ସେହିପରି ଛତ୍ରପୁର ୧୯ ନଂ ଜୋନ୍ ରୁ ରଶ୍ମିତା ନାହାକ ୧୩,୧୪୫, ଧରାକୋଟ ୨୯ ନଂ ଜୋନ୍ ରୁ ପ୍ରତାପ ସ୍ୱାଇଁ ୯୦୨୨ ଭୋଟ୍ ପାଇ ବିଜୟୀ ହୋଇଛନ୍ତି । ଅନୁରୂପ ଭାବେ ଦିଗପହଣ୍ଡି ୨୫ ନଂ ଜୋନ୍ ରୁ ରାଧାକାନ୍ତ ମହାକୁଡ଼ ୯୩୩୩, ଗଞ୍ଜାମ ୧୪ ନଂ ଜୋନ୍ ରୁ ସର୍ଶ୍ମିତା ସ୍ୱାଇଁ ୧୪,୧୧୬, ହିଞ୍ଜିଳି ୬୭ ନଂ ଜୋନ୍ ରୁ ବି. ଗୀତାଞ୍ଜଳି ୧୧,୨୦୦, ଜଗନ୍ନାଥପ୍ରସାଦ ବ୍ଲକର ୨୨ ନଂ ଜୋନ୍ ରୁ ଶିବସେଠୀ ୧୩,୦୩୦, କବିସୂର୍ଯ୍ୟନଗର ବ୍ଲକ ୫ ନଂ ଜୋନ୍ ରୁ ବଳରାମ ପ୍ରଧାନ ୧୧,୨୯୫, ଖଲ୍ଲିକୋଟ ବ୍ଲକ ୧୧ ନଂ ଜୋନ୍ ରୁ ସୋନମ ପଲେଇ ୧୨,୧୮୯, କୁକୁଡ଼ାଖଣ୍ଡି ବ୍ଲକ ୮ ନଂ ଜୋନ୍ ରୁ ଶିବାନୀ ସେଠୀ ୧୨,୭୨୪, ପାଟପୁର ବ୍ଲକ ୩୨ ନଂ ଜୋନ୍ ରୁ ପିଙ୍କି ବଡମୁଣ୍ଡି ୧୧,୦୧୪, ପୋଲସରା ବ୍ଲକ ୩୮ ନଂ ଜୋନ୍ ରୁ ଅଶୋକ ବିଶୋଇ ୧୦,୬୩୮, ପୁରୁଷୋତମପୁର ବ୍ଲକ ୩୫ ନଂ ଜୋନ୍ ରୁ ପିଙ୍କି ନାହାକ ୧୪,୬୦୧, ରଙ୍ଗେଇଲୁଣ୍ଡା ୫୩ ନଂ ଜୋନ୍ ରୁ ଏସ. ରାଜେଶ୍ୱରୀ ଦୋରା ୧୪,୨୩୪, ସାନଖେମୁଣ୍ଡି ୫୯ ନଂ ଜୋନ୍ ରୁ ବିଜୟ ପ୍ରଧାନ ୧୩,୪୦୧, ଶେରଗଡ଼ ବ୍ଲକ ୫୬ ନଂ ଜୋନ୍ ରୁ ଚିତ୍ରସେନ ପାଣିଗ୍ରାହୀ ୧୭,୧୩୭ ଏବଂ ସୋରଡ଼ା ବ୍ଲକ ୬୩ ନଂ ଜୋନ୍ ରୁ ବିଜେଡ଼ି ପ୍ରାର୍ଥୀ ସମରେନ୍ଦ୍ର କୁମାର ସାହୁ ୨୭୫୭ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି ।

# ନିଃସ୍ୱାର୍ଥ ସେବା ପାଇଁ ବଲାଙ୍ଗିର ରୋଟାରୀ ଏଲିଟ ୫ ଜଣ ବରିଷ୍ଠ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କଲା

ବଲାଙ୍ଗିର ,୨୮/୦୨ (ନି.ପ୍ର): ବଲାଙ୍ଗିର ରୋଟାରୀ ଏଲିଟ ପକ୍ଷରୁ ବଲାଙ୍ଗିର ରେ ସାରାଜୀବନ କାଳରେ ନିଃସ୍ୱାର୍ଥ ପର ଭବରେ ରୋଗୀ ସେବା ଯୋଗାଇ ଦେଇ ଆସିଥିବା ବଲାଙ୍ଗିରର ବରିଷ୍ଠ ୫ ଜଣ ଡାକ୍ତର୍ ଙ୍କୁ ସମ୍ମାନିତ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିପାଇଁ ସ୍ଥାନୀୟ ପତିତପାବନ ଏକାଡେମୀ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ମୁଖ୍ୟ ବକ୍ତାଭାବେ ପ୍ରଫେସର ମଧୁସୂଦନ ପତି ଯୋଗଦେଇ ବକ୍ତବ୍ୟରେ ଏହି ଡାକ୍ତର୍ ମାନେ ତାଙ୍କ ଜୀବନ୍ କାଳରେ ଯେଉଁ ସେବା ଦେଇଛନ୍ତି ତାହା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ବୋଲି କହିଥିଲେ । ଡାକ୍ତର୍ କୃଷ୍ଣ ପ୍ରସାଦ ବହିଦାର, ଡାକ୍ତର୍ ହାଡିବନ୍ଧୁ ଶତପଥୀ, ଡାକ୍ତର୍ ଜ୍ୟୋସ୍ନା ମୟୀ ମହାପାତ୍ର, ଡାକ୍ତର୍ ଏନ୍ ଡି ଠାକୁର, ଓ ଡାକ୍ତର୍ ସରୋଜ କୁମାର ପାଣିଗ୍ରାହୀ ଙ୍କୁ ପ୍ରସଂସା ପତ୍ର ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା । ଏହି ଉପଲକ୍ଷେ ଆୟୋଜିତ ସଭା ରେ ବିଦାୟୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର୍ ଡାଃ ଅଶୋକ ସିଂ ମଂଚାସୀନ ଥିଲେ । ସ୍ୱାଗତ ଭାଷଣ ଦେଇଥିଲେ ରୋଟାରୀ ଇଲିଟ ର ସମ୍ପାଦକ ନୂତନ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ଜିଲ୍ଲା ସଭାପତି ସନ୍ଦୀପ ପାଣିଗ୍ରାହୀ, ସଭାରେ ସଂଯୋଜନା କରିଥିଲେ ଧର୍ମେନ୍ଦ୍ର ନନ୍ଦ । ଏହି କାର୍ଯ୍ୟକ୍ରମରେ ରୋଟାରୀ ଏଲିଟ ର ସଭ୍ୟ ମାନଙ୍କ୍ ବ୍ୟତୀତ ନଗର ରେ ଥିବା ସମ୍ମାନିତ ନାଗରିକ, ସାମ୍ବାଦିକ, ମହିଳା ମାନେ ଯୋଗାଇଥିଲେ ।

# ସାଇକଲରେ ଜୟପୁରଠାରୁ ଲାଦାଖ୍ ଯାତ୍ରା

ଜୟପୁର ,୨୮/୦୨ (ନି.ପ୍ର): ସହରର ଜଣେ ଯୁବକ ସାଇକଲ ଯାତ୍ରା କରି ଲୋକଙ୍କୁ ବିଭିନ୍ନ ବାର୍ତା ପ୍ରଦାନ କରି ଜୟପୁର ଠାରୁ ଲାଦାଖ୍ ଯାତ୍ରା ଆରମ୍ଭ କରିଛନ୍ତି । ଗତ କାଲି ସନ୍ଧ୍ୟା ରେ ସେ ଜୟପୁର ଠାରୁ ଏକ ସାଇକଲରେ ବାହାରି ବସ୍ତର ଜିଲ୍ଲାରେ ପହଁଚିଛନ୍ତି । ସେଠାରେ ସେ ରାତ୍ରୀ ରହଣି କରିବା ପରେ ଆଜି ପୁଣିଥରେ ଯାତ୍ରା ଆରମ୍ଭ କରିଛନ୍ତି । ଲମତାପୁଟ୍ ଅଂଚଳର ସାଗର ଗ୍ରାମର ଏହି ଯୁବକ ଜଣକ ଜୟପୁରରେ ବସବାସ କରୁଛନ୍ତି । ସେ ଭୁବନେଶ୍ୱରରେ ଯୁକ୍ତ ୨ ବିଜ୍ଞାନ ପାଠ ଅଧ୍ୟୟନ କରୁଛନ୍ତି । ପିଲାଟି ବେଳରୁ ତାଙ୍କୁ ପର୍ବତାରୋହଣ ସହ ବିଭିନ୍ନ ସ୍ଥାନରେ ମନ୍ଦିରଗୁଡିକ ଦର୍ଶନ କରିବା ପାଇଁ ମନ ବଳାଇଥିବା ବେଳେ ବର୍ତ୍ତମାନ ସେ ସାଇକଲରେ ଯାତ୍ରା କରି ସାଇକଲ ଫ୍ରେଣ୍ଡଲି ହେବା ପାଇଁ ଚେଷ୍ଟା କରିଛନ୍ତି । ଏଥିପାଇଁ ବିଭିନ୍ନ ରାଜ୍ୟର ଥାନା ଗୁଡିକରୁ ସେ ଦସ୍ତଖତ କରି ଶେଷରେ ଲାଦାଖ ୟୁନିୟନ ଟେରିଟୋରୀ ଓ ଜାମ୍ମୁ କାଶ୍ମୀରରେ ପହଁଚିବେ । ଏଣୁ ସମସ୍ତ ରାଜ୍ୟରେ ତାଙ୍କୁ ସମସେ୍ତ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି ।

# କନ୍ଧମାଳ ଜବାହାର ନୋବୋଦୟ ବିଦ୍ୟାଳୟ ଅଧକ୍ଷଙ୍କୁ ଘେରିଲେ ଅଭିଭାବକ

କନ୍ଧମାଳ ,୨୮/୦୨ (ନି.ପ୍ର): ଫୁଲବାଣୀ : କନ୍ଧମାଳ ଜିଲା ତୁଡିପାଜୁ ରେ ଥିବା ଜବାହାର ନୋବୋଦୟ ବିଦ୍ୟାଳୟ ରେ ଅବ୍ୟବସ୍ଥା ନେଇ ଅଭିଭାବକ ମାନେ ଅଧକ୍ଷ ଙ୍କୁ ଘେରିଥିଲେ । ପରେ ଅଚାନକ ଗ୍ରସ୍ତ କରିଥିବା କମିଶନରଙ୍କୁ ଅବ୍ୟବସ୍ଥା ନେଇ ମୌଖିକ ଓ ଲିଖିତ ଅଭିଯୋଗ କରିଥିଲେ । ଗତ କାଲି ଶନିବାର ଜବାହାର ନୋବୋଦୟ ବିଦ୍ୟାଳୟ ର +୨ ଛାତ୍ର ନଦୀରେ ବୁଡି ମୃତ୍ୟୁ ହେବ ପରେ ଅଭିଭାବକ ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କ ସୁରକ୍ଷା କୁ ନେଇ ପ୍ରଶ୍ନ କରିଛନ୍ତି । ଏଘଟଣା ନେଇ ଆଜି ନବୋଦୟ ବିଦ୍ୟାଳୟ ସମିତି ର ଆସିଷ୍ଟାଣ୍ଟ କମିସନର ନିଲମ ପାଣି ଫୁଲବାଣୀ ଜେଏନଭି କୁ ଗ୍ରସ୍ତକରି ଘଟଣା ସମ୍ପର୍କରେ ବୁଝିଥିଲେ । ସେହିପରି ବିଦ୍ୟାଳୟର ହଷ୍ଟେଲକୁ ପାଣି ଠିକରେ ଆସୁନ ଥିବାରୁ ଛାତ୍ର ଛାତ୍ରୀମାନେ ଗାଧୋଇବା ଓ ଶୌଚ ପାଇଁ ବହୁ ଅସୁବିଧାର ସମୁଖୀନ ହେଉଥିବା ସହ ହଷ୍ଟେଲ ଗୁଡିକ ରେ ଖଟ ଗୁଡିକ ଭାଙ୍ଗି ଯାଇଥିବା ବେଳେ ବହୁ ରୁମ୍ ରେ ପଙ୍ଖା , ଲାଇଟ ଚାଲୁନଥିବା ଅଭିଯୋଗ କରିଛନ୍ତି ଅଭିଭାବକ । ତେବେ ଏନେଇ ଅଭିଭାବକ ମାନେ ମାନେ ଜବାହାର ନୋବୋଦୟ ବିଦ୍ୟାଳୟ ଅଧକ୍ଷ ଙ୍କୁ ଜଣାଇଲେ ମଧ କୌଣସି ସଫଳ ମିଳୁନଥିବା ବେଳେ ବିଦ୍ୟାଳୟ କତୃପକ୍ଷ ପ୍ରତିଶୋଧ ପରାୟଣ ହୋଇ ଛାତ୍ର ଛାତ୍ରୀ ମାନଙ୍କ ମାର୍କ କାଟିଦେଉଥିବା ସହ ଦୁର୍ବ୍ୟବହାର ଶିକାର ହେଉଛନ୍ତି । ସେହିପରି ପିଲାମାନଙ୍କୁ ଦୁଇ ବର୍ଷ ହେବ ୟୁନିଫର୍ମ ଦେଇ ନଥିବା ବେଳେ ପୁରୁଣା ଡ୍ରେସ ଓ ପୁରୁଣା ବହିରେ ପାଠ ପଢୁଛନ୍ତି ଛାତ୍ର ଛାତ୍ରୀ । ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେଲା ଦେଖା ସୁନା କରିବାପାଇଁ ଜଣେ ଷ୍ଟାଫ ନର୍ସ ନିଯୋଜନ ହୋଇଛନ୍ତି ସତ କିନ୍ତୁ ଷ୍ଟାଫ ନର୍ସ ଜଣକ ଛାତ୍ର ଛାତ୍ରୀଙ୍କୁ ମାଡ ମାରୁଥିବା ସହ ସ୍ୱାସ୍ଥ୍ୟବସ୍ଥା ଖରାପ ହେଲେ ଅବଧି ସରିଥିବା ଔଷଧ ଦେଉଥିବା ଅଭିଯୋଗ କରିଛନ୍ତି ଅଭିଭାବକ । ନବୋଦୟ ବିଦ୍ୟାଳୟ ସମିତି ର ଆସିଷ୍ଟାଣ୍ଟ କମିସନର ନିଲମ ପାଣି ଙ୍କୁ ଅଭିଭାବକ ମାନେ ଅଭିଯୋଗ ପରେ ସଙ୍ଗେ ସଙ୍ଗେ କମିସନର ପାଣିସାମସ୍ୟା ଦୁଇଦିନ ମଧ୍ୟରେ ସମାଧାନ କରିବା ସହ ୬ ଜଣ ସିକୁରୀଟି ଗାର୍ଡ ଓ ଅନ୍ୟାନ ଅସୁବିଧାର ର ତୁରନ୍ତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

# ପୁସ୍ତକ 'ଚଇତି ଜହ୍ନ' ଲୋକାର୍ପିତ

ଜୟପୁର,୨୮/୦୨ (ନି.ପ୍ର): ସ୍ଥାନୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ଏ.ଏନ. ଏମ ତାଲିମ କେନ୍ଦ୍ର ପରିସରରେ କବି ପ୍ରକାଶ ମହାନନ୍ଦିଆଙ୍କ ହାଇକୁ ପୁସ୍ତକ "ଚଇତି ଜହ୍ନ" ଲୋକର୍ପିତ ହୋଇଯାଇଛି । କବି ଯଜ୍ଞେଶ୍ୱର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶ୍ରୀ ଲାକ୍ଷ୍ମୀକାନ୍ତ ପାଢି,ମୁଖ୍ୟ ବକ୍ତା ଭାବେ ସାହିତ୍ୟିକ ଡ.ସୁରେଶ ଦାଶ, ସମ୍ମାନିତ ଅତିଥି ତଥା ସମୀକ୍ଷକ ଭାବେ ଯଥାକ୍ରମେ ବିଶିଷ୍ଟ ସାହିତ୍ୟିକ ଡ.ପ୍ରଦୀପ କୁମାର ମିଶ୍ର,ଡ.ମନୋରଞ୍ଜନ ପ୍ରଧାନ ଏବଂ କୃଷ୍ଣଚନ୍ଦ୍ର ହୋତା ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ "ହାଇକୁ ଓ ଆଦିବାସୀଂଚ ଜୀବନ ଉପରେ ଆଲୋକପାତ କରିବା ସହିତ ପୁସ୍ତକ ଚଇତି ଜହ୍ନକୁ ସୁନ୍ଦର ଭାବେ ସମୀକ୍ଷା କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ କବି ସୁଧାଂଶୁ ଶେଖର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ପ୍ରାକ୍ତନ ସଭାପତି ସ୍ୱର୍ଗତ ପ୍ରଭୁଦାନ ଭତ୍ରାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । କବୟିତ୍ରୀ କବିତା ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ସମ୍ପାଦକ ପ୍ରକାଶ ମହାନନ୍ଦିଆ ପୁସ୍ତକ ଉପରେ ଟିପ୍ପଣୀ ରଖିଥିଲେ । କବି ବୈରାଗୀ ଚରଣ ସାହୁ ପ୍ରଥମ ଅଧିବେଶନର ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମର ଦ୍ୱିତୀୟ ଚରଣରେ କବି ଲାକ୍ଷ୍ମୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ବିବିଧ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । କବିତାଗୁଡିକୁ କବି ଅଶୋକ ମହାରଣା ଓ କବୟିତ୍ରୀ ଶୋଭାଗିନୀ ନନ୍ଦ ସୁନ୍ଦର ଭାବେ ସଂଯୋଜନା କରିଥିଲେ । କବିତା ପାଠ କରିଥିବା କବି ଓ କବୟିତ୍ରୀଗଣ ହେଲେ- ପ୍ରମୋଦ କୁମାର ରାଉଳ,ଉଦୟ ନାଥ ପାତ୍ର, ଅନନ୍ତ ବିଜୟ ଧୀବର, ନୃସିଂହ ପ୍ରସାଦ ଷଡଙ୍ଗୀ, ସନ୍ତୋଷ କୁମାର ସାହୁ,ରବିନ୍ଦ୍ର କୁମାର ମହାରଣା, ବୈରାଗୀ ଚରଣ ସାହୁ,ରୀତାଞ୍ଜଳି ଡାକୁଆ, ସବିତା ଶତପଥୀ, ଅନସୂୟା ସାମନ୍ତରା,ଭଗବାନ ସାବତ, କବିତା ସାହୁ, ଶୋଭାଗିନୀ ନନ୍ଦ, କୁନା ମହାପାତ୍ର,ଅଶୋକ କୁମାର ପୋଲେଇ, ଯଜ୍ଞେଶ୍ୱର ପଣ୍ଡା, ଅଶୋକ ମହାରଣା,ଚନ୍ଦ୍ରମଣି ବାରିକ

କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଓ ମହିମାମଣ୍ଡିତ କରିଥିବା ସହିତ୍ୟାନୁରାଗୀଗଣ ହେଲେ- ବିଜୟ ନାରାୟଣ ପାତ୍ର,କିଶୋର ମିଶ୍ର ଶେଷରେ ଗୌରବ ଭତ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନସ୍ୱାସ୍ଥ୍ୟ କର୍ମଚାରୀ ସଂଘର ସମ୍ବର୍ଦ୍ଧନା ସଭା

କେନ୍ଦ୍ରାପଡ଼ା,୨୮/୦୨ (ନି.ପ୍ର): ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘ କେନ୍ଦ୍ରାପଡା ଶାଖା ତରଫରୁ ଏକ ସମ୍ବର୍ଦ୍ଧନା ସଭା ଓ ସାମ୍ବାଦିକ ସମ୍ମିଳନୀ ଅଣୁଷ୍ଠିତ ହୋଇଯାଇଛି । ତିନିମୁହାଣୀ ସ୍ଥିତ ଜନସ୍ୱାସ୍ଥ୍ୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ରାଜ୍ୟ ସଂଘ ସଭାପତି ପ୍ରଶାସନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପାନୀୟ ଜଳ ଯୋଗାଣ ବିବାଗର କାର୍ଯ୍ୟରତ ବିଭିନ୍ନ ବର୍ଗର ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀମାନଙ୍କର ମୌଳିକ ସମସ୍ୟାର ସମାଧାନ ଦିଗରେ ସରକାରଙ୍କ ପକ୍ଷରୁ ଚରମ ଅବହେଳା କରାଯାଉ ଥିବାରୁ ସଭାରେ କ୍ଷୋଭ ପ୍ରକାଶ କରାଯାଇଥିଲା । ରାଜ୍ୟ ସରକାର ୱାର୍କ ଚାର୍ଜ କର୍ମଚାରୀ ମାନଙ୍କୁ ନିୟମିତ କରିବା, ଅସ୍ଥାୟୀ କର୍ମଚାରୀ ମାନଙ୍କୁ ସ୍ଥାୟୀ କରିବା, ସେମାନଙ୍କର ପେନଶନ ଲାଗୁ କରିବା ଦିଗରେ ଅବହେଳା କରୁଥିବାରୁ ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ରାଜଧାନୀ ଚାଲ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଥିଲା । ଜନସ୍ୱାସ୍ଥ୍ୟ ବିଭାଗର ଅବସର ପ୍ରାପ୍ତ ହେଡ କ୍ଲର୍କ ନିର୍ମଳଚନ୍ଦ୍ର ସାହୁ ଓ ବରିଷ୍ଠ ଇଂଜିନିୟର ଭିକାରୀ ଚରଣ ଜେନାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇ ଥିଲା । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କାର୍ଯ୍ୟକାରୀ ସଭାପତି ଅଶୀଳ କୁମାର ବ୍ରହ୍ମ, ସଂପାଦକ ଅଶୋକ କୁମାର ମୁଦୁଲି, ଦିଲିପ କୁମାର ପଟ୍ଟନାୟକ, ଭାଗିରଥୀ ମହାନ୍ତି, ସୁଦର୍ଶନ ପ୍ରଧାନ, କରୁଣାକର ବିଶୋଇ, ପ୍ରସନ୍ନ କୁମାର ପଣ୍ଡାଙ୍କ ସମେତ ସଂଗର ବହୁ ନେତା ଓ କର୍ମଚାରୀ ଉପସ୍ଥିତ ଥିଲେ ।

# ଏକାମ୍ର ସାଂସ୍କୃତିକ ପ୍ରକାଶନୀର ଜାତୀୟ ସ୍ତରୀୟ ଭଜନ ସମାରୋହ

ଭୁବନେଶ୍ୱର,୨୮/୦୨ (ନି.ପ୍ର): ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଲିଙ୍ଗରାଜ ଲାଇବ୍ରେରୀ ହଲରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟ ଓ ସମ୍ପାଦକ ସନତ ମିଶ୍ର ଜାତୀୟ ସ୍ତରୀୟ ଏହି ଭଜନ ସମାରୋହ ଚଳିତ ବର୍ଷ ୩୩ ବର୍ଷ ପାଳନ କରିବ । ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଉଦ୍ୟମ ହୋଇଛି । ମୁମ୍ବଇର ଖ୍ୟାତନାମା କଣ୍ଠଶିଳ୍ପୀ କବିତା କ୍ରୀଷ୍ଣାମୂର୍ତି ଓ ଅନୁରାଧା ପଡ଼ୱାଲ, ସମେତ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ବହୁ ଖ୍ୟାତନାମା କଣ୍ଠଶିଳ୍ପୀ ଯୋଗଦେବେ । ଉକ୍ତଦିନ ଭୋର ୪ଟାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ରନାମ, ଭାଗବତ,ଗୀତା ପାଠ, ଶିବ ଚେତନା, ହରି ଭଜନ, ରାମଚରିତ ପାରାୟଣ, ପ୍ରବଚନ ପ୍ରଭୃତି କରାଯିବା କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନର ସୂଚନା ଦେଇଥିଲେ ।

# ସ୍କେଚ୍ ଅନୁଷ୍ଠାନ ପକ୍ଷରୁ ଖାଦ୍ୟ ସୁରକ୍ଷା ସମ୍ପର୍କିତ ତାଲିମ

କେନ୍ଦ୍ରାପଡ଼ା,୨୮/୦୨ (ନି.ପ୍ର): କେନ୍ଦ୍ରାପଡ଼ା ପବ୍ଲିକ ରିଡିଂ ରୁମ ଠାରେ ସ୍କେଚ୍ ଅନୁଷ୍ଠାନ ପକ୍ଷରୁ ହୋଟେଲ ମାଲିକ ଓ କର୍ମଚାରୀ ମାନଙ୍କୁ ଖାଦ୍ୟ ସୁରକ୍ଷା ସଂପର୍କିତ ତାଲିମ ପ୍ରଦାନ କରାଯାଇଛି । ଲୋକ ମାନଙ୍କ ଖାଦ୍ୟ ପାନୀୟ ସ୍ୱାସ୍ଥ୍ୟରକ୍ଷା ପାଇଁ ସଚେତନତା ଅଭାବରୁ ଉତ୍ପାଦନ ହେଉଥିବା ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଅପମିଶ୍ରଣ ହେତୁ ଖାଦ୍ୟର ବିଷାକ୍ତ ପ୍ରକ୍ରିୟା ସ୍ୱାସ୍ଥ୍ୟହାନୀ ଘଟାଇଥାଏ । ଏ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଇନ ନିର୍ଦ୍ଦେଶାବଳୀ ସମେତ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ପ୍ରସ୍ତୁତ ଓ ବିତରଣ ସଂପର୍କରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ସ୍କେଚ୍ ଅନୁଷ୍ଠାନର ଜିଲ୍ଲା ସଂଯୋଜକ ପାର୍ଥସାରଥୀ ଷଡଙ୍ଗୀ ଅଧକ୍ଷତା କରିଥିବା ବେଳେ ଖାଦ୍ୟ ପ୍ରସ୍ତୁତ କ୍ଷେତ୍ରରେ ହୋଟେଲ, ଜଳଖିଆ ଦୋକାନର ୫୦ରୁ ଅଧିକ ଦୋକାନୀ ତାଲିମ ଶିବିରରେ ଅଂଶ ଗ୍ରହଣ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ଉଠା ଦୋକାନୀ ସଂଘ ସଭାପତି ସେକ ଅବଦୁଲ୍ଲା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଫଷ୍ଟାକ ତାଲିମର ରାଜ୍ୟ ସଂଯୋଜକ ତଥା ଫୋକସ୍ ଫାଉଣ୍ଡେସନ ସଭାପତି ପ୍ରଦୀପ ମୁଖାର୍ଜୀ, ସୂଚନା ଅଧିକାର କର୍ମୀ ପ୍ରତାପ ମହାନ୍ତି, ପ୍ରଦ୍ୟୁମ୍ନ ପଣ୍ଡା,ଅନନ୍ତ ନାରାୟଣ ରଥ, ଅମରବର ବିଶ୍ୱାଳ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ପୋଲିଓ ଚିକିତ୍ସା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୨୮/୦୨ (ନି.ପ୍ର): ତୁଳସୀ ମହିଳା ମହା ବିଦ୍ୟାଳୟ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନେ ପଲସ୍ ପୋଲିଓ ଅଭିଯାନକୁ ସଫଳ କରିବା ପାଇଁ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ସଚେତନତା ସୃଷ୍ଟି କରିଛନ୍ତି । ମହା ବିଦ୍ୟାଳୟର ଅଧକ୍ଷ ପ୍ରଫେସର ରଞ୍ଜିର ରଞ୍ଜନ ସାହୁଙ୍କ ପରାମର୍ଶରେ ସ୍ୱେଚ୍ଛାସେବୀ ମାନେ ଏକ ର୍ୟାଲିରେ ସହର ପରିକ୍ରମା କରି ଜନ ସାଧାରଣଙ୍କ ମଧ୍ୟରେ ପୋଲିଓ ରୋଗ ପ୍ରତି ସଚେତନତା ସୃଷ୍ଟି କରିଥିଲେ । ପୋଗ୍ରାମ ଅଫିସର ଡାକ୍ତର ପଦ୍ମଜା କବି ଶତପଥୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଜୟପାଟଣା ଜୋନ ୧ରେ ବିଜେପିର ଅଙ୍ଗଦ ମାଝୀ ବିଜୟୀ

ମୁଖୀଗୁଡା,୨୮/୦୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଜୋନ୧ ରେ ବିଜେପି ର ଅଙ୍ଗଦ ମାଝୀ ବିଜୟ ଲାଭ କରିଛନ୍ତି । ବିଜେପି ପ୍ରାର୍ଥୀ ଅଙ୍ଗଦ ମାଝୀ ୧୦୧୯୫ ଭୋଟ ପାଇଛନ୍ତି ବିଜେଡି ପ୍ରାର୍ଥୀନୀ ସ୍ୱର୍ଣ୍ଣଚମ୍ପା ମାଝୀ ୯୫୫୧ ଭୋଟ ପାଇ ଥିବାବେଳେ କଂଗ୍ରେସପ୍ରାର୍ଥୀ ପରମେ ଶବର ୭୪୦୯ ଭୋଟ ପାଇଛନ୍ତି । ୧୧୨୪ଭୋଟ ନାକଚ ହୋଇଥିବା ଜଣାଯାଇଛି । ମାର୍କେଟ ବିଲ୍‌ଡିଙ୍ଗ ସଂଘ ପକ୍ଷରୁ ବନ୍ଦ କରାଯାଇ ଏହାର ଆସୁ ସମାଧାନ ପାଇଁ ଦାବି କରାଯାଇଥିଲା । ବିଏମସି କର୍ତୃପକ୍ଷ ଓ କ୍ୟାପିଟାଲ ପୋଲିସ ଥାନା ଅଧିକାରୀ ଏସିପି ଆସି ଆଲୋଚନା କରି ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାର୍କେଟ ବିଲ୍‌ଡିଙ୍ଗ ଭିତରେ ମୂଳ ଦୋକାନୀ ୨୦୦ ରହିଥିବା ବେଳେ ଉଠାଦୋକାନୀଙ୍କ ସଂଖ୍ୟା ୫୦୦ ଟପିଛି । ପୋଲିସର ନୀରବତା ଓ ବିଏମସିର ବେଖାତିର ପାଇଁ ଉଠା ଦୋକାନୀମାନେ ଆଉଥରେ ବସିବାକୁ ସାହାସ ପାଇଛନ୍ତି । ମାର୍କେଟ ବିଲ୍‌ଡିଙ୍ଗ ପରିସର ସଫା କରିବା ପାଇଁ ପ୍ରତିମାସରେ ୬୦ ରୁ ୭୦ ହଜାର ସଂଘ ଖର୍ଚ୍ଚ କରୁଛି । ପଡିଥିବା ଚେୟାର ଓ ଲାଇଟ ଖୁମ୍ବ, ଫାଉଂଟେନ ନଷ୍ଟ ହେବାକୁ ବସିଛି । ଏହି ସମସ୍ୟାର ସମାଧାନ କରାନଗଲେ ଆଳିଆ ପଡିରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

# ପୋଲିଓ କାର୍ଯ୍ୟକ୍ରମ ବଲାଙ୍ଗିର ଜିଲ୍ଲାପାଳ ଉଦ୍‌ଘାଟନ କଲେ

ବଲାଙ୍ଗିର ,୨୮/୦୨ (ନି.ପ୍ର): ଚଳିତ ବର୍ଷ ୨୦୨୨ ପାଇଁ ଜାତୀୟ ପଲସ ପୋଲିଓ ଅଭିଯାନ ଓ ବଲାଙ୍ଗିର ଜିଲ୍ଲା ସ୍ଥିତ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଶାସ୍ତ୍ରୀ ନଗର ଠାରେ ଗୋଟିଏ ଶିଶୁ ଉଦ୍ୟାନକୁ ବଲାଙ୍ଗିର ଜିଲ୍ଲାପାଳ ଶ୍ରୀ ଚଂଚଳ ରାଣା ଉଦଘାଟନ କରିଛନ୍ତି ।

ଏହି ଅବସରରେ ବଲାଙ୍ଗିର ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ନେସନାଲ ପିସ ୟୁନିସନ ଅନୁକୂଲ୍ୟରେ ପରିଚାଳିତ ତଥା ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ଅବସ୍ଥାପିତ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଶାସ୍ତ୍ରୀ ନଗର ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା କ୍ଷକାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ସ୍ନେହଲତା ସାହୁ, ଡା. ଡି. କେ ପତି (ଡି ପି ଏଚ୍ ଓ ).ଡା. ସୁଧା ବାର୍ଲା (ଏ ଡି ପି ଏଚ୍ ଓ), ଡା. କେ. ସି ମହାନ୍ତିଆ (ଏ ଡି ପି ଏଚ୍ ଓ, ଭି ଏ ଡି )ଶ୍ରୀ ଚକ୍ର ସାହୁ (ଷ୍ଟେଟ ମନିଟର୍ ପଲ୍ସ ପୋଲିଓ ), ଗୁରୁଦେବ କୁମ୍ଭାର (ଡି ଏମ୍- ଆର୍ ସି ଏଚ୍ ), ରିତାଞ୍ଜଳୀ ମିଶ୍ର (ଡି ପି ଏଚ୍ ସି ଓ ), ଶ୍ରୀ ରାମାନୁଜ ପଣ୍ଡା (ଏ ପି ଏମ୍ - ୟୁ ଏଚ୍ ), ପିଟର୍ଶନ ଭୋଇ (ଆର୍ ଡବ୍ଲ୍ୟୁ ସି ଆଇ ଏନ୍ ), ସଞ୍ଜୟ ସତପଥି (କନସଲଟାଣ୍ଟ ) ଏବଂ ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ର, ଶାସ୍ତ୍ରୀ ନଗର ର ନିର୍ଦ୍ଦେଶକ ଶ୍ରୀ ସତ୍ୟ ରଞ୍ଜନ ମିଶ୍ର, ଚେୟାରମେନ ରବି ରଞ୍ଜନ ପୂଜାରୀ,ମେଡିକାଲ ଅପିସର ଡା ଆଶିଷ ବିଶ୍ୱାସ, ଗୌରବ ପ୍ରଧାନ, ଷ୍ଟାଫ ନର୍ସ ମାମି ସିଂଦେଓ, ରୋଜାଲିନା ହୋତା, ନିରୁମୟୀ ପଧାନ, ଖୁସିରାମ ନାଗ, ଯତୀନ ରାଜପୁତ, ରାହୁଲ ପାଲ, ସନ୍ତୋଷ ମେହେର (ଏଲ୍ ଟି ), ବିପିନ ସେଟ ପ୍ରମୁଖ ଯୋଗଦାନ କରି ପ୍ରାୟତଃହ ଚାଳିଶି ଜଣ ଉଦ୍ଦିଷ୍ଟ ବୟସ ଶିଶୁଙ୍କୁ ପୋଲିଓ ଦେବାରେ ସହାୟକ ହୋଇଥିଲେ । ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣା ପଲସ ପୋଲିଓ ଏକ ଜାତୀୟ ଅଭିଯାନ ଓ ସରକାର, ପ୍ରଶାସନ ର ନିରନ୍ତର ଅଭିଯାନ ବୋଲି ମତବ୍ୟକ୍ତ କରିବା ସଙ୍ଗେ ଏହାକୁ କିଭଳି ବ୍ୟାପକ କରାଯାଇ ପ୍ରତ୍ୟେକ ଶିଶୁଙ୍କୁ ଟୀକାକରଣ ଅନ୍ତର୍ଭୁକ୍ତ କରାଯିବ ଏ ସମ୍ପର୍କରେ ଗୁରୁତ୍ୱାରୋ କରିଥିଲେ ।

ଏହା ପରେ ଜିଲ୍ଲାପାଳ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରେ ଏକ ଛୋଟ ଶିଶୁ ଉଦ୍ୟାନକୁ ଉଦଘାଟନ କରି ଏହାକୁ ଆହୁରି ସୁନ୍ଦର କରାଇବା ସାଙ୍ଗେ ସହରାଂଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ସର୍ବାଙ୍ଗୀନ ଉନ୍ନତି ସକାଶେ ନିର୍ଦ୍ଦେଶକ ସତ୍ୟ ରଞ୍ଜନ ମିଶ୍ର ଙ୍କ ସହିତ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ସୁନ୍ଦର ପରିଚାଳନା ପାଇଁ ପିସ ଉନୀସନ ଚେୟାରମ୍ୟାନ ରବି ରଞ୍ଜନ ପୂଜାରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ମହାଶିବରାତ୍ରୀ : ଜାଗର





ବିପିନ ବିହାରୀ ମହାନ୍ତି

ହିନ୍ଦୁଧର୍ମ ବୈଦିକ ଯୁଗରୁ ବହୁ ପୂଜା ପାର୍ବଣର ବ୍ୟବସ୍ଥା ଅଛି। ପ୍ରକୃତି ଉପାସନରୁ ଆରମ୍ଭ କରି ପରବର୍ତ୍ତୀ ସମୟରେ ବହୁ ଦେବ ଦେବୀ ଏହା ମଧ୍ୟରେ ପ୍ରବେଶ କରିଛନ୍ତି। ତେବେ ବର୍ତ୍ତମାନ ମୁଖ୍ୟତଃ ତିନିଶ୍ରେଣୀର ପୂଜା; ବିଷ୍ଣୁ, ଶିବ ଏବଂ ଶକ୍ତିଙ୍କର ବିଶେଷ ଭାବେ ପ୍ରଚଳିତ। ଜାଗର ଉତ୍ସବ ଶିବଙ୍କୁ କେନ୍ଦ୍ରକରି ପାଳିତ ହୁଏ। ଏହି ପର୍ବଟି ସାରା ଭାରତରେ ପାଳିତ ହୁଏ। ବିଶେଷକରି କାଶ୍ମୀରୀ ହିନ୍ଦୁ ପଣ୍ଡିତମାନଙ୍କର ଏହା ମହାନ ପର୍ବ।

ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଦିବସରେ ଶିବ ସ୍ୱୟଂ ଜ୍ୟୋତିର୍ଲିଙ୍ଗ ରୂପେ ପ୍ରକାଶିତ ହୋଇଥିବାରୁ, ଏ ଦିନଟିକୁ ତାଙ୍କର ଜନ୍ମଦିବସରୂପେ ପାଳନ କରାଯାଏ। ଭିନ୍ନମତେ ଏହି ଦିନ କୁଆଡ଼େ ଶିବ-ପାର୍ବତୀଙ୍କର ବିଭାଘର ହୋଇଥିଲା ବୋଲି ମଧ୍ୟ ଏହାକୁ ଗୁରୁତ୍ୱ ଦେଇ ସମସ୍ତ ବିବାହିତ ଦମ୍ପତ୍ତି ଏହାକୁ ଶିବବ୍ରତ ରୂପେ ପାଳନ କରନ୍ତି।

ଖାଲି ସେତିକି ନୁହେଁ, ପୁରାଣ ଏବଂ ଶାସ୍ତ୍ରମତେ ଏହି ଦିବସରରେ ଯେଉଁମାନେ ଉପବାସ ପାଳନ ଏବଂ ରାତ୍ର ଜାଗରଣ ପୂର୍ବକ ଶିବ ଉପାସନା ଏବଂ ଆରାଧନା କରନ୍ତି ତାଙ୍କର ସମସ୍ତ ପାପରୁ ମୁକ୍ତ ମିଳେ ବୋଲି ବିଶ୍ୱାସ କରାଯାଏ। ରାତ୍ର ଜାଗରଣ ଏବଂ ପ୍ରଦୀପ ଜ୍ୱଳନ ପୂର୍ବକ ଏହି ଶିବରାତ୍ରଟି ପାଳନ କରାଯାଉଥିବାରୁ ଏହାକୁ ଜାଗର ବୋଲି ନାମିତ କରାଯାଇଛି। ଏହି ଦିନ ଅର୍ଦ୍ଧରାତ୍ରୀରେ ମନ୍ଦିରର ଦଧି ନଉତି ଉପରକୁ ମହାଦୀପ ଉଠିବା ପରେ ଉପାସକମାନେ ଏହାକୁ ଦର୍ଶନ କରି ଉପବାସ ଭଙ୍ଗ କରନ୍ତି। ଏହି ପର୍ବ ସମସ୍ତ ଶିବ ମନ୍ଦିରମାନଙ୍କରେ ଅନୁଷ୍ଠିତ ହୁଏ। ଏହାକୁ ମହାସମାରୋହରେ ପାଳନ କରାଯାଏ ବୋଲି ଏହା ମହାଶିବରାତ୍ରୀ ନାମେ ଖ୍ୟାତି।

ଶିବ ହେଉଛନ୍ତି ସକଳ ଅଭୀଷ୍ଟ ପୂରଣକାରୀ ଈଶ୍ୱର। ସକଳ ଦୁଃଖ-ତାପହାରୀ। ସେ ଆନନ୍ଦର ଉତ୍ସ: ଆନନ୍ଦ ଲହାରୀ ଶିବ ହିଁ ସତ୍ୟ ଏବଂ ସୁନ୍ଦର। ଶିବହୀନ ଏ ପିଣ୍ଡ ଜଡ଼ : ଶବ। ଏଣୁ ସେ ଆବାଳବୃଦ୍ଧ ବନିତା ସମସ୍ତଙ୍କର ପୂଜ୍ୟ।

ତାଙ୍କ ପୂଜନର ମୁଖ୍ୟ ପିଣ୍ଡହିଁ ଲିଙ୍ଗ : ଜ୍ୟୋତିର୍ଲିଙ୍ଗ। ସେ ହେଉଛନ୍ତି ଅକର୍ମରୁ କର୍ମଦାୟକ : ଶିଳା। ସେହି ଲିଙ୍ଗକୁ ଗଙ୍ଗାଜଳ କ୍ଷୀର, ଦଧି, ମହୁ, ଘିଅ, କଦଳୀ ଏବଂ ବେଲ ଇତ୍ୟାଦି ଦେଇ ପୂଜା କରାଯାଏ; ଶ୍ରୀଫଳ ସମର୍ପଣ କରି ଜଳଶାୟୀ କରାଯାଏ। ଜଳାଶୟୀବେଳେ ଯାଚକର ନାମ ନେଇ ଡକାଯାଏ। ଏଥିରେ ତା'ର ସକଳ ପାତକ ନାଶ ପାଇଁ ମନୋବାଞ୍ଛା ପୂରଣ ହୁଏ ବୋଲି ବିଶ୍ୱାସଚଳି ଆସୁଅଛି।

ଶିବଙ୍କର ପ୍ରିୟ ହେଉଛି ବେଲପତ୍ର। ଫଳରେ ଧାତୁରା ଏବଂ ଫୁଲରେ ଅର୍କ। ଏଣୁ ଶିବ ପୂଜନରେ ଏ ତିନୋଟି ମୁଖ୍ୟଙ୍କୁ ନେଇ ତାଙ୍କୁ ଚଢ଼ାଯାଏ ବା ଆବୃତ୍ତ କରାଯାଏ। କୁହାଯାଏ ଯେ ଯେଉଁମାନେ ଶିବ ପୂଜନ କରନ୍ତି, ସେମାନେ ମୃତ୍ୟୁପରେ ଶିବ ଲୋକ ପ୍ରାପ୍ତ ହୁଅନ୍ତି। ତାଙ୍କୁ ଯମଦଣ୍ଡ ଲାଗେ ନାହିଁ।

ପୁରାଣରୁ ମିଳେ : ରାବଣ ଶିବ ଭକ୍ତ ଥିଲା। ସେତୁବନ୍ଧ ସ୍ଥାପନବେଳେ ରାମଚନ୍ଦ୍ର ଶିବପୂଜା କରିଥିଲେ ଏବଂ ଶିବଲିଙ୍ଗ ସ୍ଥାପନ କରିଥିବାରୁ ସେ ଲିଙ୍ଗଙ୍କ ନା ରାମେଶ୍ୱର ରହିଛି। ପର୍ଶୁରାମ ଶିବଙ୍କୁ ପୂଜି ବରପ୍ରାପ୍ତ ହୋଇଥିଲେ। ପାଣ୍ଡବମାନେ ବନବାସ କାଳରେ ବିଭିନ୍ନ ସ୍ଥାନରେ ଶିବଲିଙ୍ଗ ସ୍ଥାପନ କରି ସେଗୁଡ଼ିକର ପୂଜାର ପ୍ରଚଳନ କରିଥିଲେ।

ଶିବପୁରାଣ ଏବଂ ଲିଙ୍ଗ ପୁରାଣରୁ ଶିବଙ୍କର ମହାତ୍ମ୍ୟ ମିଳେ। ସେ ଅଠଚାଳିଶିଟି ନାମରେ ଆରାଧିତ। ବିଷ୍ଣୁ ଓ ବ୍ରହ୍ମାଙ୍କ କଳହରୁ ସେମାନଙ୍କର ବିବାଦ ମେଣ୍ଟାଇବା ପାଇଁ ସେ ଲିଙ୍ଗ : ଜ୍ୟୋତିର୍ଲିଙ୍ଗ ରୂପେ ପ୍ରଥମେ ପ୍ରତୀୟମାନ ହୋଇଥିଲେ। ବ୍ରହ୍ମା ତାଙ୍କୁ ମିଥ୍ୟା କହିଥିବାରୁ ସେ ବ୍ରହ୍ମାମୁକ୍ତ ଏବଂ ବିଷ୍ଣୁ ସତ୍ୟ କହିଥିବାରୁ ସେ ବିଷ୍ଣୁଯୁକ୍ତ ଯେମିତି 'ହରିହର'।

ଭାରତରେ ୧୨ଗୋଟି ମୁଖ୍ୟ ପ୍ରାଚୀନ ଶିବମନ୍ଦିର ଅଛି। ଓଡ଼ିଶାର ଗାଁ ଗଣ୍ଡାରେ ଭରପୁର। ଭୁବନେଶ୍ୱର ପରି ମନ୍ଦିର ନଗରୀ ତ ଖାଲି ଶିବମୟ।

ଜାଗରଯାତ୍ରା ଓଡ଼ିଶାର ଗଣପର୍ବ। ଭୁବନେଶ୍ୱରର ଲିଙ୍ଗରାଜ, ପୁରୀର ଲୋକନାଥ, ଶରଣକୂଳର ଲଡୁବାବା ଏବଂ ଢେଙ୍କାନାଳର କପିଳାସ ଇତ୍ୟାଦି ମନ୍ଦିରରେ ଜାଗରଯାତ୍ରା ବିଶେଷ ଭାବେ ଉଲ୍ଲେଖନୀୟ।

ଶିବ ଲିଙ୍ଗ ଆକାରରେ ପ୍ରତୀକାତ୍ମକ ଭାବେ ପୂଜିତ ହେଲେ ହେଁ ସେ ନିରାକାର : ନିରଞ୍ଜନ, ଇଚ୍ଛା ଶକ୍ତ୍ୟାଶ୍ରୟ ନିର୍ବିଶେଷ ବ୍ରହ୍ମ ଏବଂ ସର୍ବବ୍ୟାପକ। ସେ ମଙ୍ଗଳମୟ। ଆସନ୍ତୁ ତାଙ୍କର ଶରଣାପନ୍ନ ହେବା।

ଓଁ ନମଃ ଶିବାୟ।

+ଅଧ୍ୟକ୍ଷ
ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,ଜଟଣୀ
ମୋ: ୯୯୩୮୩୪୧୩୮

# ଶିବରାତ୍ରିର ଶିବତତ୍ତ୍ୱ



ଉମେଶ ଚନ୍ଦ୍ର ପାତ୍ର
ସହ-ପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୩୩୮୧୦୦୮୩୭

ଦେବ ଦେବ ମହାଦେବଙ୍କୁ ସ୍ମରଣ କଲେ ଆମ୍ଭମାନଙ୍କ ମାନସପଟରେ ଏକ ରଜତଗିରିନିଭ ଅର୍ଥ ଶୁଭ୍ରବର୍ଣ୍ଣର ମୂର୍ତ୍ତି ଉଦୟ ହୁଏ, ଯିଏ ଯୋଗାସନରେ ଉପବିଷ୍ଟ, ବାଘ ଚମଡ଼ା ପରିହିତ, ତ୍ରିଶୂଳ ଓ ଡମ୍ବରୁଧାରୀ, ଗଳାରେ ସାପ ଇତ୍ୟାଦି। କିନ୍ତୁ ବାସ୍ତବରେ ଏଭଳି ଜଣେ ମନୁଷ୍ୟ ଦେଖାଯାଆନ୍ତି ନାହିଁ। ପୌରାଣିକ ସକଳ ବ୍ୟକ୍ତିଙ୍କର ବାସ୍ତବ ଅସ୍ତିତ୍ୱ ଥିଲାବୋଲି ପରମ ପ୍ରେମମୟ ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମତବ୍ୟକ୍ତ କରିଛନ୍ତି। ସେମାନେ ଏହି ଦୁନିଆରେ ବସବାସ କରୁଥିଲେ। ପରବର୍ତ୍ତୀ କାଳରେ ଇଷ୍ଟପ୍ରଦତ୍ତ ସାଧନା ବଳରେ ସେମାନେ ଦେବତାରେ ରୂପାନ୍ତରିତ ହୋଇଛନ୍ତି। ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ପୁଣି କହିଛନ୍ତି - 'ଦିବ୍' ଧାତୁ (ଦୀପ୍ତି) ଠାରୁ ଦେବତା ଶବ୍ଦର ଉତ୍ପତ୍ତି। ଇଷ୍ଟାନୁଗ ସାଧନା, କର୍ମ ଓ ଲୋକସେବା ଭିତର ଦେଇ ଯେଉଁମାନେ ଦୀପ୍ତିମାନ ଚରିତ୍ରର ଅଧିକାରୀ ହୋଇଠନ୍ତି ସେମାନେ ଦେବତା ଭାବରେ ପରିଗଣିତ ହୋଇଛନ୍ତି।

ସତ୍‌ସଙ୍ଗର ପ୍ରାଣପୁରୁଷ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦେଓଘର ଠାକୁର ବଙ୍ଗଳା ସମ୍ମୁଖରେ ଖୋଲା ପ୍ରାଙ୍ଗଣରେ ଏକ କୃଷ୍ଣପକ୍ଷ ରାତ୍ରିରେ ଆକାଶକୁ ଅନାଇ ବିଭିନ୍ନ ଗ୍ରହ ନକ୍ଷତ୍ର ଓ ସେମାନଙ୍କର କ୍ରିୟା ଓ ଅବସ୍ଥିତି ସମ୍ବନ୍ଧରେ ସମବେତ ଭକ୍ତମାନଙ୍କୁ ବୁଝାଇ ଆକାଶର ଏକ ପ୍ରାନ୍ତରୁ ଅପର ପ୍ରାନ୍ତ ପର୍ଯ୍ୟନ୍ତ ବିସ୍ତୃତ ଶ୍ୱେତବର୍ଣ୍ଣ ଛାୟାପଥ ଦେଖାଇ କହିଥିଲେ - ଏହା ହେଉଛି ନୀହାରିକାର ଜଗତ। ଏଠାରେ କୋଟି କୋଟି ଗ୍ରହ ନକ୍ଷତ୍ର ସର୍ବଦା ସୃଷ୍ଟି ହେଉଛି, ତୀବ୍ର ଗତିରେ ଭ୍ରମଣ କରୁଛି, ଆଉ ପରସ୍ପରକୁ ଧକ୍କା ଲଗାଇ ପୁଣି ଭାଙ୍ଗି ଯାଉଛି। ଏହାଫଳରେ ସେଠାରେ ସର୍ବଦା ଓଁ - ଓଁ - ଶବ୍ଦ ଉଚ୍ଚାରିତ ହେଉଛି। ବ୍ରହ୍ମାଣ୍ଡର ସୃଷ୍ଟିଧାରାର ଏକ ବିଶେଷ ପର୍ଯ୍ୟାୟରେ ଏହି ଓଁ ଧ୍ୱନି ଜାଗି ଉଠେ। ବିଶ୍ୱନାଥ ଶିବଙ୍କ ସଙ୍ଗେ ଏହି ଓଁ ବା ବ୍ୟୋମ ଧ୍ୱନିର ସମ୍ବନ୍ଧ ଅତି ନିକଟ। ଭଗବାନ ଶିବଙ୍କ ସମ୍ବନ୍ଧରେ ବୁଝାଇବାକୁ ଯାଇ ଯୁଗାବତାର ଶ୍ରୀ ଶ୍ରୀ ଠାକୁର କହିଛନ୍ତି - 'ଶିବ' ଶବ୍ଦର ଅର୍ଥ ମଙ୍ଗଳ। 'ଯିଏ ପରମ ମଙ୍ଗଳମୟ ଓ ନିଖିଳକ୍ଷେମ ବିଧାତା ସେ ହିଁ ଶିବ। ଶିବ ଶବ୍ଦର ଉତ୍ପତ୍ତି ଶୀ - ଧାତୁ (ଶୟନ) ଠାରୁ। ଏହାର ଅର୍ଥ ହେଉଛି ସବୁକିଛି ଯାହାଙ୍କ ମଧ୍ୟରେ ଶାୟିତ ବା ଅଧିଷ୍ଠିତ ବା ଯିଏ ସମସ୍ତଙ୍କର ଆଶ୍ରୟସ୍ଥଳ ସେହି ହେଉଛନ୍ତି ଶିବ। ଶିବଙ୍କର ଆଉ ଏକ ନାମ ଶମ୍ଭୁ। ଶମ୍ ମାନେ କଲ୍ୟାଣ ଓ ଭୂ ଧାତୁମାନେ ହେବା। ଯିଏ କଲ୍ୟାଣମୟ ସେ ହିଁ ଶମ୍ଭୁ। ଏହି କଲ୍ୟାଣ ପଥରେ ଯେତେ ବାଧାବିଘ୍ନ ଓ ଘାତ ପ୍ରତିଘାତ ଆସେ ତାହାକୁ ଶିବ ବ୍ୟକ୍ତିତ୍ୱ ଜୟ କରନ୍ତି। ସଂସାରର ସମସ୍ତ ହଳାହଳ ଓ ନେତିବାଚକ ବିଷକୁ ଗ୍ରହଣ କରି ସେ ନୀଳକଣ୍ଠ ହୁଅନ୍ତି। ସେ ଭୂତନାଥ, ଭୂତେଶ ଓ ଭୂତଭାବନ। ଭୂତମାନେ ପ୍ରେତ ବା ଅଶରୀରୀ ଆତ୍ମା ନୁହେଁ। ଭୂତମାନେ ଯାହାକିଛି ହୋଇଅଛି, ସ୍ଥାବର ଜଙ୍ଗମ, ସମସ୍ତ କିଛିର ସେ ନାଥ। ମହାଦେବଙ୍କର ଦୁଇ ଅନୁଚର ବା ଶକ୍ତି - ନନ୍ଦୀ ଓ ଭୃଙ୍ଗୀ ରହିଛନ୍ତି। ନନ୍ଦୀ ଶବ୍ଦର ଉତ୍ପତ୍ତି ନନ୍ଦ ଧାତୁ ଠାରୁ, ମାନେ ଆନନ୍ଦ ଏବଂ ଭୃଙ୍ଗୀ ଆସିଛି ଭୃ ଧାତୁ ଠାରୁ, ମାନେ ଭରଣ, ପୋଷଣ ଓ ଧାରଣ। ମହାଦେବଙ୍କର ତପସ୍ୟା କଲେ ଅଫୁରନ୍ତ ଆନନ୍ଦ, ସହ୍ୟ, ଧୈର୍ଯ୍ୟ, ଅଧ୍ୟବସାୟ ଓ ବୈଶିଷ୍ଟ୍ୟାନୁପାତିକ ପରିପୋଷଣ ପ୍ରାପ୍ତ ହୁଏ। ସର୍ବଯୋଗ ବା ସର୍ବସିଦ୍ଧିର ଅଧିପତି ମହାଦେବ, ତାଙ୍କର ଅନ୍ୟ ଏକ ନାମ ଯୋଗୀଶ୍ୱର ବା ଯୋଗେଶ୍ୱର। ସକଳ ବୋଧ, ଦର୍ଶନ ଓ ଜ୍ଞାନ ତାଙ୍କର ଅଧିଗତ। ତାଙ୍କର ଅନ୍ୟ ଏକ ନାମ ପଶୁପତି ଅର୍ଥ ସେ ଜ୍ଞାନ ଓ ଦର୍ଶନର ଅଧିପତି। ସୁସ୍ଥ ଦେହ ଓ ମନ ନେଇ ବଞ୍ଚିବା ଓ ବଢ଼ିବାର କୌଶଳ ଶିବଙ୍କର ଅଧିଗତ ଏବଂ ତାଙ୍କର ଅନ୍ୟ ଏକ ନାମ ବୈଦ୍ୟନାଥ। ମହାଦେବଙ୍କ ବୃଷଭ ବାହନ ଅର୍ଥ ହେଲା ବୃଷଭ ହେଉଛି ଧର୍ମର ପ୍ରତୀକ। ସେ ଚତୁଷ୍ପଦ। ଧର୍ମ ଯେତେବେଳେ ଚତୁଷ୍ପଦ ବା ଚାରିପାଦ, ସେତେବେଳେ ତାହା ପୂର୍ଣ୍ଣ ମହିମାରେ ବିକଶିତ। ମହାଦେବଙ୍କର କଣ୍ଠରେ ସାପର ମାଳା, ତେଣୁ ତାଙ୍କର ଅନ୍ୟ ଏକ ନାମ ଫଣିଭୂଷଣ। ଏହି ସାପର ଅସ୍ତିତ୍ୱକୁ ପରମ ଦୟାଲ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ସାପ ହେଉଛି ହିଂସ୍ର ବ୍ୟକ୍ତିର ପ୍ରତୀକ। ସମାଜରେ ହିଂସ୍ର ବା ଖଳ ବ୍ୟକ୍ତିମାନଙ୍କୁ ମହାଦେବ ସ୍ୱପ୍ରେମରେ ବଶୀଭୂତ କରି ପାଖରେ ରଖିଛନ୍ତି ଯେଭଳି



ସେମାନେ ସମାଜର ଅନ୍ୟ ମାନଙ୍କର କ୍ଷତି କରିନପାରନ୍ତି। ମହାଦେବଙ୍କର ପରିଧାନ ବ୍ୟାଘ୍ରଚର୍ମ। ବାଘ ହେଲା ସାହସୀ, ବୀର୍ଯ୍ୟବାନ ଓ କୌଶଳୀ। ବ୍ୟାଘ୍ରଚର୍ମ ଏହି ଗୁଣ ଗୁଡ଼ିକର ଦ୍ୟୋତକ। ମହାଦେବଙ୍କ ମସ୍ତିଷ୍କରେ ଚନ୍ଦ୍ର ରହିଛନ୍ତି। ତେଣୁ ତାଙ୍କ ନାମ ଚନ୍ଦ୍ରେଶ୍ୱର। ଚନ୍ଦ୍ରର ତେଜରେ ସମୁଦ୍ରରେ ଜୁଆର ଭଟ୍ଟା ହୁଏ, ମାଟି ଉର୍ବର ହୋଇ ଶସ୍ୟାଦି ଉତ୍ପନ୍ନ ହୁଏ ଓ ପୃଥିବୀରେ ଔଷଧ ସମୂହର ପରିଷ୍ଫୁଟ ହୁଏ। ତେଣୁ ଏକ ପ୍ରୟୋଜନୀୟ ବିଗ୍ରହକୁ ମହାଦେବ ତାଙ୍କର ଶିରୋଭୂଷଣ କରିରଖିଛନ୍ତି। ତ୍ରୀଶୂଳ ମହାଦେବଙ୍କ ଅସ୍ତ୍ର। ଦୁଷ୍ଟ ଦାନବ ନିଧନ ନିମିତ୍ତ ଏହି ତ୍ରୀଶୂଳ ଉଦ୍ଦିଷ୍ଟ। ତ୍ରୀଶୂଳର ତିନୋଟି ଫଳା, ସତ୍ତ୍ୱ, ରଜ ଓ ତମ, ଏହି ତିନିଗୁଣ ମହାଦେବଙ୍କ କରାୟତ୍ତ। ପୁଣି ଏହି ତିନିଟି ଫଳା ହେଉଛି ସୃଷ୍ଟି, ସ୍ଥିତି ଓ ପ୍ରଳୟର ଦ୍ୟୋତକ। ଏହା ସାଙ୍ଗରେ ଅଛି ଡମ୍ବରୁ, ସେଥିପାଇଁ କୁହାଯାଏ ସେ ଡମ୍ବରୁଧର। ଡମ୍ବରୁ ହେଉଛି ଶବ୍ଦର ପ୍ରତୀକ, ଆଦିଶବ୍ଦ ଓ ଆଦିବ୍ରହ୍ମ। ଶିବଙ୍କର ପାଞ୍ଚଟି ମୁଖ, ଏହି ପାଞ୍ଚଟି ମୁଖରେ ସେ ପରମପିତାଙ୍କର ଗୁଣଗାନ କରନ୍ତି। ସେ ତ୍ରିନୟନଧାରୀ, ଦୁଇଟି ସାଧାରଣ ଚକ୍ଷୁ ଓ ଆଉ ଗୋଟିଏ ପ୍ରଜ୍ଞାନେତ୍ର। ଏହି ପ୍ରଜ୍ଞାନେତ୍ରରୁ କ୍ରୋଧ ଓ ଜ୍ଞାନ-ବହ୍ନି ନିର୍ଗତ ହୋଇ କାମଦେବଙ୍କୁ ମହାଦେବ ଭସ୍ମୀଭୂତ କରିଥିଲେ। ଏହାର ଅର୍ଥ ହେଉଛି କାମ, କ୍ରୋଧ, ଲୋଭ, ମଦ, ମୋହ ଓ ମାତ୍ସର୍ଯ୍ୟ ଇତ୍ୟାଦି ଷଡ଼ରିପୁ ଶିବଙ୍କ ପାଖରେ ଭସ୍ମୀଭୂତ। ସମଗ୍ର ବିଶ୍ୱର ଯେ ପ୍ରଭୁ ସେ ହିଁ ବିଶ୍ୱନାଥ। ତନ୍ତ୍ରଶାସ୍ତ୍ରରେ ଅଛି, ଏହିପରି ଗୁଣାନ୍ୱିତ ପରମଶିବ ମଝି ମଝିରେ ପୃଥିବୀରେ ଦେଖା ଦିଅନ୍ତି ଇଷ୍ଟଗୁରୁ ରୂପେ। ଶିବତ୍ୱ ଘନୀଭୂତ ହୋଇ ପ୍ରକାଶ ପାଏ ସେହି ଶିବ ବ୍ୟକ୍ତିତ୍ୱ ମଧ୍ୟରେ ଏବଂ ସେ ହିଁ ଲୋକଗୁରୁ, ଲୋକ ଉଦ୍ଧାତା, କାଳଜୟୀ, ପରମପ୍ରେମମୟ, ବୈଶିଷ୍ଟ୍ୟପାଳୀ, ଭଗବାନ ପୁରୁଷୋତ୍ତମ। ଗୁରୁ ହିଁ ସାକ୍ଷାତ ଶିବ। ଆମ ଦେଶରେ କୁମାରୀ କନ୍ୟାମାନେ ଶିବରାତ୍ରି ବ୍ରତ କରନ୍ତି। ଉଦ୍ଦେଶ୍ୟ କଲ୍ୟାଣ ଲାଭ ଓ ଶିବଙ୍କ ଭଳି ସ୍ୱାମୀ ଲାଭ। ଯୁଗଗୁରୁ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସୁନ୍ଦର ଭାବରେ ବୁଝାଇ କହିଛନ୍ତି - ବ୍ରତ ଶବ୍ଦଟି ଆସିଛି 'ବୃ'ଧାତୁ ଠାରୁ, ଅର୍ଥ ବରଣ କରିବା। ଶିବବ୍ରତ କରିବା ଅର୍ଥ ଶିବତ୍ୱକୁ ବରଣ କରିବା ବା ଶିବଙ୍କୁ ଆପଣ କରିନେବା। ବ୍ରତ-ଶବ୍ଦର ଆଉ ଏକ ଅର୍ଥ - 'ବ୍ରଜ୍' ଧାତୁ ଠାର. ଅର୍ଥ ଚାଲିବା। ଶିବରୂପୀ ସଦ୍‌ଗୁରୁ ଯେଭଳି ଚାହାଁନ୍ତି ସେହିଭଳି ଭାବରେ ଚାଲିଲେ, କହିଲେ ଓ କରିଲେ ବ୍ରତ ସାର୍ଥକ ହୁଏ। ଉପବାସ ଅର୍ଥ ହେଉଛି- ଉପ ବା ନିକଟରେ ବାସ କରିବା। ମନକୁ ଶିବଙ୍କ ପାଖରେ ରଖିବା ଦ୍ୱାରା ଉପବାସ ସାର୍ଥକ ହୁଏ। ନାରୀ ହେଉ ବା ପୁରୁଷ ହେଉ ଯେଉଁମାନେ ଏହି ବ୍ରତ - ଉପବାସ ଠିକ୍ ଠିକ୍ ଭାବରେ କରନ୍ତି, ଅନ୍ତର ସେମାନଙ୍କର ଶୁଦ୍ଧ, ଶାନ୍ତ ଓ ମଙ୍ଗଳ ବିକିରଣୀ ହୋଇଉଠେ। ଲାଳସା ଓ ଉଗ୍ରତା ସ୍ତିମିତ ହୋଇଆସେ। ଯେଭଳି କରିବ, ସେହିଭଳି ହେବ, ବିଧି କାହାର ବାମ ନୁହେଁ। ଓଁ ନମଃ ଶିବାୟଃ।

# ହିନ୍ଦୁମାନଙ୍କ ପବିତ୍ର ପର୍ବ ମହାଶିବରାତ୍ରୀ



ଡକ୍ଟର ଲକ୍ଷ୍ମଣ ସାହୁ
ଅଧ୍ୟକ୍ଷ , ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ:୯୦୪୦ ୧୫୧୪୭୫

ଭଗବାନ ଆଶୁତୋଷ ଶଙ୍କରଙ୍କର ସମସ୍ତ ପର୍ବ ବା ବ୍ରତମାନଙ୍କ ମଧ୍ୟରେ ଶିବରାତ୍ରି ବ୍ରତ ଶ୍ରେଷ୍ଠ ବୋଲି କୁହାଯାଇଅଛି। ଶିବରାତ୍ରି ଶବ୍ଦର ଅର୍ଥ ହେଉଛି - ଶିବଙ୍କର ପ୍ରିୟରାତ୍ରି (ଶିବପ୍ରିୟା ରାତ୍ରିଃ) ଅର୍ଥାତ୍ ଶିବ ଚତୁର୍ଦ୍ଦଶୀ । ଶିବରାତ୍ରି ବ୍ରତ ସମ୍ପର୍କରେ ଭିନ୍ନ ଭିନ୍ନ ମତ ପୋଷଣ କରାଯାଇଛି । କେତେକ ଶିବରାତ୍ରି ଏକ ବିକୃତ ପରମ୍ପରା ବୋଲି ଦର୍ଶାଇବାକୁ ପଛାଇ ନାହାନ୍ତି । ଜନସାଧାରଣଙ୍କ ମନରେ ଥିବା ସେହି ଶଙ୍କା ଦୂରୀକରଣ ପାଇଁ ଶିବରାତ୍ରି ବ୍ରତର ଶାସ୍ତ୍ରୀୟ ବ୍ୟବସ୍ଥା, ପୂଜନ ତଥା ବ୍ରତପାରଣବିଧି ଆଦିର ନିର୍ଣ୍ଣୟାତ୍ମକ ସଂକ୍ଷିପ୍ତ ଆଲୋଚିତ ଆଲେଖ୍ୟର ଉଦ୍ଦେଶ୍ୟ ।

ହିନ୍ଦୁ କ୍ୟାଲେଣ୍ଡର ଅଧିକାଂଶ ପର୍ବର ତାରିଖ କ୍ୟାଲେଣ୍ଡରର ଚନ୍ଦ୍ର ଅଂଶ ବ୍ୟବହାର କରି ନିର୍ଦ୍ଦିଷ୍ଟ କରାଯାଇଥାଏ । ତିନୋଟି କ୍ୟାଲେଣ୍ଡର ଉପାଦାନ ଦ୍ୱାରା ଏକ ଚନ୍ଦ୍ର ଦିବସ ସ୍ୱତନ୍ତ୍ର ଭାବରେ ଚିହ୍ନିତ ହୋଇ ଚନ୍ଦ୍ର ମାସ ,ଚନ୍ଦ୍ର ଚାଳିଶ ଦିନ ଏବଂ ତିଥି ଚନ୍ଦ୍ର ଦିବସ ଗୁଡ଼ିକ ନିର୍ଣ୍ଣୟ କରାଯାଇଥାଏ । ମାସର ନିର୍ଦ୍ଦିଷ୍ଟ ଦିବସ ନିର୍ଣ୍ଣୟ କରିବାବେଳେ, ଦୁଇଟି ପରମ୍ପରା ମଧ୍ୟରୁ ଗୋଟିଏ ପ୍ରଯୁଜ୍ୟ ଭାବେ ଗ୍ରହଣ କରାଯାଏ । ଗୋଟିଏ ଅମାବାସ୍ୟା ଓ ଅନ୍ୟଟି ପୂର୍ଣ୍ଣିମା । ତେଣୁ ହିନ୍ଦୁ କ୍ୟାଲେଣ୍ଡରର ପ୍ରତ୍ୟେକ ମାସରେ ପଡୁଥିବା ଅମାବାସ୍ୟାର ପୂର୍ବ ଦିନକୁ "ଶିବ ରାତ୍ରୀ" ଭାବେ ଧରାଯାଏ । କିନ୍ତୁ ବର୍ଷକୁ ଥରେ, ଶୀତର ଶେଷ ଭାଗରେ ଏବଂ ଗ୍ରୀଷ୍ମ (ଫେବୃଆରୀ / ମାର୍ଚ୍ଚ) ଆସିବା ପୂର୍ବରୁ, ଏହି ରାତିକୁ 'ମହା ଶିବରାତ୍ରୀ' କୁହାଯାଏ - 'ଶିବଙ୍କର ମହାନ ରାତି' ଭାବେ ଗ୍ରହଣ କରାଯାଇଛି । ଏହି ଦିନ ଫାଲଗୁନା ମାସରେ ଉତ୍ତର ଭାରତୀୟ ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ଏବଂ ଦକ୍ଷିଣ ଭାରତୀୟ ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ ଶିବଙ୍କ ପର୍ବ ବା ବ୍ରତ ପାଳନ କରାଯାଏ ।

'ମାଘମାସସ୍ୟ ଶେଷେ ଯା
ପ୍ରଥମେ ଫାଲ୍ଗୁନସ୍ୟ ଚ ।
କୃଷ୍ଣା ଚତୁର୍ଦ୍ଦଶୀ ସା ତୁ ଶିବରାତ୍ରିଃ ପ୍ରକୀର୍ତ୍ତିତା ( ଇତି କାଳମାଧବୀୟେ ସ୍କାନ୍ଦେ ନାଗରଖଣ୍ଡମ୍) ।'

ଅର୍ଥାତ୍ ମାଘମାସର ଶେଷରେ ଫାଲ୍ଗୁନମାସର ପ୍ରଥମ ପକ୍ଷର ( କୃଷ୍ଣପକ୍ଷ ର ) ଯେଉଁ ଚତୁର୍ଦ୍ଦଶୀ ତାକୁ ଶିବରାତ୍ରି କୁହାଯାଏ। ଏହି ବ୍ରତରେ ଉପବାସକୁ ପ୍ରାଧାନ୍ୟ ଦିଆଯାଇଥାଏ । ସେଭଳି କୁହାଯାଇଛି '- ଅର୍ଦ୍ଧେ କସ୍ୟାସ୍ତି ଥେର୍ମ୍ମାଘୀୟତ୍ୱ ଫାଲ୍ଗୁନୀୟତ୍ୱେ ମୁଖ୍ୟଗୌଣ ବୃତ୍ତିଭ୍ୟାଂ ଅବିରୁଦ୍ଧେ । ତତସ୍ତୁ ମାଘ୍ୟନନ୍ତରାଚତୁର୍ଦ୍ଦଶୀ ଶିବରାତ୍ରିଃ ତସ୍ୟାମୁପବାସଃ ପ୍ରଧାନମ୍ । ' ନ ସ୍ନାନେନ ନ ବସ୍ତ୍ରେନ ନ ଧୂପେନ ନ ଚାର୍ଚ୍ଚୟା ।

ତୁଷ୍ୟାମି ନ ତଥା ପୁଷ୍ପୈର୍ଯଥା
ତତ୍ରୋପବାସତଃ॥'
- ଇତି ଶଙ୍କରୋକ୍ତେଃ ।

ମହାଶିବରାତ୍ରି ହିନ୍ଦୁ ଧର୍ମର ଏକ ପ୍ରମୁଖ ପର୍ବ । ମାନବ କଲ୍ୟାଣ ପାଇଁ ଏହି ପର୍ବ ଏକ ମହାନ୍ ଅଟେ। ମାନବ ଜୀବନର 'ଅନ୍ଧକାର ରୂପକ ଅଜ୍ଞାନତାକୁ ଦୂର କରିବା ନିମନ୍ତେ ଏହି ପର୍ବ ପାଳନ କରାଯାଏ । ଭଗବାନ ଶିବଙ୍କୁ ସ୍ମରଣ କରିବା , ପ୍ରାର୍ଥନା ଜପ କରିବା, ଉପବାସ କରିବା ଦ୍ୱାରା ମାନବ ଭିତରେ ଥିବା ସମସ୍ତ କଳୁଷିତ ଭାବନାର ଅନ୍ତ ଘଟେ । ମନରେ ସଚ୍ଚୋଟତା, ଅନ୍ୟମାନଙ୍କୁ ଆଘାତ ନକରିବା, ଦାନ, କ୍ଷମା ଦେଇ ଭଗବାନ ଶିବଙ୍କ ଶରଣାପନ୍ନ ହେଲେ ମୁକ୍ତିଲାଭ ଘଟେ । 'ଈଶାନସଂହିତାୟାମ୍' ଉଲ୍ଲେଖ ରହିଛି -

' ମାଘେ କୃଷ୍ଣଚତୁର୍ଦ୍ଦଶ୍ୟାଂ
ରବିବାରୋ ଯଦା ଭବେତ୍ ।
ଭୌମୋ ବାପି ଭବେଦ୍ଦେବି
କର୍ତ୍ତବ୍ୟଂ ବ୍ରତମୁତ୍ତମମ୍॥
ଶିବଯୋଗସ୍ୟ ଯୌଗେନ
ତଭବେଦୁତ୍ତମୋତ୍ତମମ୍ ।
ଶିବରାତ୍ରିବ୍ରତଂ ନାମ
ସର୍ବ୍ୱପାପପ୍ରଣାଶନମ୍ ।
ଆଚାଣ୍ଡାଳମନୁଷ୍ୟାଣାଂ
ଭୁକ୍ତିମୁକ୍ତିପ୍ରଦାୟକମ୍ ॥

ତେଣୁ ଭକ୍ତ ଭଗବାନ ଶିବଙ୍କ ଭଳି ନୈତିକତା ଓ ଗୁଣ ଉପରେ ଧ୍ୟାନ କରିବା ଦ୍ୱାରା ଏହି ବ୍ରତ ପାଳନ କରାଯାଏ । ଉତ୍ସାହୀ ଭକ୍ତମାନେ ରାତିସାରା ଜାଗ୍ରତ ରୁହି ଶିବ ମନ୍ଦିର ପରିଭ୍ରମଣ କରିବା ସହିତ ଜ୍ୟୋତିର୍ଲିଙ୍ଗମ୍ କୁ ଦର୍ଶନ କରନ୍ତି । ଏହି ପର୍ବ ସମ୍ଭବତଃ ଖ୍ରୀଷ୍ଟପୂର୍ବ ପଂଚମ ଶତାବ୍ଦୀରେ ଆରମ୍ଭ ହୋଇଥିଲା ।

ସେବେଠାରୁ ହିନ୍ଦୁମାନେ ଦେବତା ଶିବଙ୍କ ନିମନ୍ତେ ମହାଶିବରାତ୍ରି ରୂପେ ଉତ୍ସର୍ଗୀକୃତ କରି ଆସୁଛନ୍ତି । ଏହା ଶୈବ ଧର୍ମ ପରମ୍ପରାର ଏକ ବିଶେଷ ଅଂଶ । ହିନ୍ଦୁମାନଙ୍କ ଅଧିକାଂଶ ପର୍ବ ଦିନ ଓ ରାତିରେ ସାଂସ୍କୃତିକ କାର୍ଯ୍ୟାନୁସାରେ ପାଳନ କରାଯାଇଥାଏ । ସେଭଳି ମହାଶିବରାତ୍ରୀ ରାତିରେ ପାଳନ କରାଯାଏ । ଏହି ପବିତ୍ର ଦିନରେ ରାତିସାରା ଭକ୍ତ ମାନେ ଏକ ଆନ୍ତରିକ ଧ୍ୟାନ, ଉପବାସ, ଆତ୍ମ ଅଧ୍ୟୟନ, ସାମାଜିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ଶିବ ମନ୍ଦିରରେ ନିଷ୍ଠାର ସହ ଜାଗ୍ରତ ହେବା ପାଇଁ ଉଲ୍ଲେଖନୀୟ । ଅର୍ଘ୍ୟମନ୍ତ୍ରସ୍ତୁ--

' ମୟା କୃତାନ୍ୟନେକାନି
ପାପାନି ହର ଶଙ୍କର ।
ଶିବରାତ୍ରୌ ଦଦାମ୍ୟର୍ଘ୍ୟଂ
ଉମାକାନ୍ତ ଗୃହାଣ ମେ ।
' ତତୋ ନମଃ ଶିବାୟ ଇତି ମୂଳମନ୍ତ୍ରଂ ଜପିତ୍ୱାପ୍ରଭାତେଙ୍କବିଘ୍ନେନ ଇତ୍ୟାଦି ବକ୍ଷ୍ୟମାନମନ୍ତ୍ରାନ୍ ପଠେତ୍।

ଭକ୍ତ ରାତିସାରା ଜାଗ୍ରତ ରହିବା ଶିବଙ୍କୁ ପ୍ରାର୍ଥନା କରିବା ନିଜ ଜୀବନରେ ତଥା ଜଗତରେ ରହିଥିବା ଘନ ଅନ୍ଧକାର ଓ ଅଜ୍ଞତାକୁ ଦୂର କରିବା ପାଇଁ ପ୍ରାର୍ଥନା କରନ୍ତି। ଭଗବାନ ଶିବଙ୍କୁ ଫଳ, ପତ୍ର, ମିଠା ଏବଂ କ୍ଷୀରର ଅର୍ପଣ କରାଯାଏ । କେତେକ ଭକ୍ତ ଶିବଙ୍କର ଉପାସନା ସହିତ ରାତ୍ରରେ ତାନ୍ତ୍ରିକ ପୂଜା ସହିତ ଧ୍ୟାନ ଯୋଗ କରନ୍ତି । ଶିବ ମନ୍ଦିରରେ ଶିବଙ୍କର ପବିତ୍ର ମନ୍ତ୍ର 'ଓମ୍ ନାମ ଶିବୟା' ଦିନସାରା ଜପ କରାଯାଏ। ଅନେକ ଭକ୍ତମାନେ ଶିବଙ୍କ ନାମ ଚାଲିସାଙ୍କ ପାଠ ମାଧ୍ୟମରେ ଶିବଙ୍କୁ ସ୍ତୁତି କରି ନିଜର ମନସ୍କାମନା ପୂରଣ ନିମନ୍ତେ ମନକଥା ଜଣାଇଥାନ୍ତି । ଈଶାନସଂହିତାୟାମ୍-

' ମାଘେ କୃଷ୍ଣଚତୁର୍ଦ୍ଦଶ୍ୟାଂ
ରବିବାରୋ ଯଦା ଭବେତ୍ ।
ଭୌମୋ ବାପି ଭବେଦ୍ଦେବି
କର୍ତ୍ତବ୍ୟଂ ବ୍ରତମୁତ୍ତମମ୍ ।
ଶିବଯୋଗସ୍ୟ ଯୌଗେନ
ତଭବେଦୁତ୍ତମୋତ୍ତମମ୍ ।
ଶିବରାତ୍ରିବ୍ରତଂ ନାମ
ସର୍ବ୍ୱପାପପ୍ରଣାଶନମ୍ ।
ଆଚାଣ୍ଡାଳମନୁଷ୍ୟାଣାଂ
ଭୁକ୍ତିମୁକ୍ତିପ୍ରଦାୟକମ୍ ।

ମହା ଶିବରାତ୍ରୀ କଥା ବିଶେଷକରି ସ୍କନ୍ଦ ପୁରାଣ, ଲିଙ୍ଗ ପୁରାଣ, ପଦ୍ମ ପୁରାଣ ଆଦି ପୁରାଣରେ ଉଲ୍ଲେଖ କରାଯାଇଛିଏହି ମଧ୍ୟଯୁଗୀୟ ଶିବଙ୍କ ଗ୍ରନ୍ଥଗୁଡ଼ିକ ଏହି ପର୍ବ ସମ୍ବନ୍ଧରେ ଥିବା ବିଭିନ୍ନ ତଥ୍ୟ ଉପସ୍ଥାପନ କରାଯାଇଛି । ଏପରିକି ବିଭିନ୍ନ କିମ୍ବଦନ୍ତୀରେ ମହା ଶିବରାତ୍ରୀର ମହତ୍ତ୍ୱ ରହିଛି । ଶୈବ ଧର୍ମ ପରମ୍ପରାର କିମ୍ବଦନ୍ତୀ ଅନୁଯାୟୀ, ଏହି ରାତି ହେଉଛି ଯେତେବେଳେ ଶିବ ସୃଷ୍ଟି, ସଂରକ୍ଷଣ ଓ ବିନାଶର ତାଣ୍ଡବ ନୃତ୍ୟ କରନ୍ତି । କାରଣ ଶିବ ସୃଷ୍ଟି କର୍ତ୍ତା, ପାଳନ କର୍ତ୍ତା ଓ ସଂହାର କର୍ତ୍ତା । ତେଣୁ ଶିବଙ୍କ ନାମରେ ଭଜନ ଜପ କରିବା, ଶୈବ ଶାସ୍ତ୍ର ପଢିବା ହେଉଛି ଶୈବ ଭକ୍ତମାନଙ୍କ ସମର୍ପିତ ଭକ୍ତି ଭାବ । ଭକ୍ତ ଶିବଙ୍କ ପବିତ୍ର ନୃତ୍ୟରେ ଯୋଗ ଦେଇ ଶିବଙ୍କ ଉପସ୍ଥିତି ଅନୁଭବ କରେ । ଅନ୍ୟ ଏକ କିମ୍ବଦନ୍ତୀ ଅନୁଯାୟୀ ଭଗବାନ ଶିବ ମା' ପାର୍ବତୀଙ୍କୁ ବିବାହ କରିଥିବା ହେତୁ ଏହି ରାତି ଉଜାଗର ରହି ସ୍ମରଣ କରାଯାଏ । କିମ୍ବଦନ୍ତୀରେ ଦର୍ଶାଯାଇଛି ଭକ୍ତ ନିଜର ଭକ୍ତିମତ୍ତାକୁ ଶିବଙ୍କୁ ଅର୍ପଣ କରିବା ସହ ଅତୀତରେ କରିଥିବା ପାପରୁ ମୁକ୍ତି ପାଇବା ପାଇଁ ଉଜାଗର ରହିଥାଏ । ନରସିଂହାଚାର୍ଯ୍ୟଧୃତେଶ୍ୱରସଂହିତାୟାଂ ଯଥା --

'ଶୈବୋ ବା ବୈଷ୍ଣବୋ ବାପି
ଯୋ ବା ସ୍ୟାଦନ୍ୟପୂଜକଃ ।
ସର୍ବଂ ପୂଜାଫଳଂ ହନ୍ତି
ଶିବରାତ୍ରିବହିର୍ମ୍ମୁଖଃ ।'

ବିଶ୍ୱାସ ଅଛି ଯେ ଭଗବାନ ଶିବ ସମୁଦ୍ର ମନ୍ଥନ ବେଳେ ବାହାରିଥିବା ହଳାହଳ ବିଷକୁ ପାନ କରି ଥିଲେ । ଫଳରେ ତାଙ୍କ ଗଳା ନୀଳ ବର୍ଣ୍ଣ ହେବାରୁ ସେ ନୀଳକଂଠ ନାମରେ ନାମିତ ହୋଇଛନ୍ତି । ତେଣୁ ପ୍ରସିଦ୍ଧ ନୀଳକଣ୍ଠ ମହାଦେବ ମନ୍ଦିର ହେଉଛି ସେହି ସ୍ଥାନ ଯେଉଁଠାରେ ଏହି ଘଟଣା ଘଟିଥିବା କିମ୍ବଦନ୍ତୀ ରହିଛି । ଏହି ପର୍ବରେ ନୃତ୍ୟ ପରମ୍ପରାର ମହତ୍ତ୍ୱର ଐତିହାସିକ ମୂଲ୍ୟ ରହିଛି । ବିଶେଷ କରି ମହାଶିବରାତ୍ରିରେ କୋଣାର୍କ, ଖଜୁରାହୋ, ପଟ୍ଟାଡାଲ୍, ମୋଡେରା ଓ ଚିଦାମ୍ବରମ୍ ପରି ପ୍ରମୁଖ ହିନ୍ଦୁ ମନ୍ଦିରରେ ବାର୍ଷିକ ନୃତ୍ୟ ମହୋତ୍ସବରେ କଳାକାରମାନଙ୍କ ଏକ ସମବେତ ନୃତ୍ୟ ପରିବେଷଣ ହେଉଛି ଏକ ଐତିହାସିକ ମିଳନ ଦିବସ । ଚିଦାମ୍ବରମ୍ ମନ୍ଦିରରେ ଏହି କାର୍ଯ୍ୟକ୍ରମକୁ ନାଟ୍ୟାନଜାଲୀ କୁହାଯାଏ । ଯାହାର ଅର୍ଥ ହେଉଛି ନୃତ୍ୟ ଶାସ୍ତ୍ର । ପ୍ରାଚୀନ ହିନ୍ଦୁ ଶାସ୍ତ୍ରରେ ସମସ୍ତ ନୃତ୍ୟ ମୁଦ୍ରାକୁ ଚିତ୍ରଣ କରୁଥିବା ମୂର୍ତ୍ତି ପାଇଁ ପ୍ରସିଦ୍ଧ ଚିଦାମ୍ବରମ୍ ମନ୍ଦିରକୁ ଧରାଯାଏ । ସେଭଳି ମଧ୍ୟ ଖଜୁରାହୋ ଶିବ ମନ୍ଦିରଗୁଡ଼ିକରେ ମହା ଶିବରାତ୍ରୀରେ ଏକ ପ୍ରମୁଖ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ଶୈବ ତୀର୍ଥଯାତ୍ରୀଙ୍କୁ ମନ୍ଦିର ଚାରିପାଖରେ ଛାଉଣି କରି ୧୮୬୪ ମସିହାରେ ଆଲେକ୍ସଜାଣ୍ଡାର୍ କନିଙ୍ଗହାମ୍ ଦସ୍ତାବିଜ୍ କରାଇଥିଲେ। ଭାରତର ପ୍ରମୁଖ ଜ୍ୟୋତିର୍ଲିଙ୍ଗ ଶିବ ମନ୍ଦିର, ବାରଣାସୀସ୍ଥ ସୋମନାଥ ମନ୍ଦିରରେ ମହା ଶିବରାତ୍ରୀ ପାଳନ ହେବାର ଦେଖାଯାଏ । ସେଭଳି ତାମିଲନାଡୁର ତିରୁବନନାମଲାଇ ଜିଲ୍ଲାର ଅନ୍ନାମଲାଇୟାର ମନ୍ଦିରରେ ମହା ଶିବରାତ୍ରୀ ପାଳନ ହୁଏ । ସେଠାରେ ପୂଜାପାଠର ବିଶେଷ ପ୍ରକ୍ରିୟା ହେଉଛି 'ଗିରିଭାଲମ୍' / ଗିରି ପ୍ରଦକସିନା, ପାହାଡ ଉପରେ ଥିବା ଭଗବାନ ଶିବଙ୍କ ମନ୍ଦିର ଚାରିପାଖରେ ୧୪ କିଲୋମିଟର ଖାଲି ପାଦରେ ବୁଲି ସୂର୍ଯ୍ୟୋସ୍ତ ସମୟରେ ପାହାଡ ଶୀର୍ଷରେ ବିରାଟ ଦୀପ ଜଳାଯାଏ । ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଶିବରାତ୍ରୀ ମହାଯାକ ଯମକରେ ପାଳନ ହୁଏ । କାମ୍ବଲାପାଲ୍ ନିକଟସ୍ଥ ମଲାଇୟା ଗୁମ୍ଫା, ରେଳବାଇ କୋଡୁରୁ ନିକଟ ଗୁଣ୍ଡଲକାମା କୋନା, ପେଂଚାଲାକୋନା, ଉମା ମହେଶ୍ୱରମ୍ ମଧ୍ୟରେ ଅନୁଷ୍ଠିତ ହୋଇଥାଏ । ସେଭଳି ଅମରାବତୀର ଅମରାରାମ, ଭୀମାରାମର ସୋମାରାମ, ଦ୍ରାମରାମ, ସମରଲାକୋଟା ର କୁମାରାମ ଏବଂ ପାଲାକୋଲ୍ଲୁର କେଶରାମ ଆଦି ମନ୍ଦିରରେ ପାଳନ କରାଯାଏ । ୱାରଙ୍ଗାଲର ରୁଦ୍ରଶ୍ୱର ସ୍ୱାମୀଙ୍କ ୧୦୦୦ ସ୍ତମ୍ଭ ମନ୍ଦିରରେ ମହାଶିବରାତ୍ରି ଅନୁଷ୍ଠିତ ହୁଏ । ଶ୍ରୀକାଳାହାଷ୍ଟୀ, ମହାନନ୍ଦୀ, ଯାଗାଣ୍ଟି, ଆଣ୍ଟାରଭେଡି, କଟାମାନଚି, ପଟ୍ଟିସେମା, ହାନାମକୋଣ୍ଡା, କିସରାଗୁଟା, ଭେମୁଲାୱାଡା, ପାନାଗଲ, କୋଲାନୁପାକା ଠାରେ ଭକ୍ତମାନେ ଏକତ୍ରିତ ହୁଅନ୍ତି । ମାଣ୍ଡି ମେଳା ସହରରେ ଶିବରାତ୍ରୀ ଉତ୍ସବ ପାଇଁ ପ୍ରସିଦ୍ଧ । ଭକ୍ତମାନଙ୍କ ବିଶ୍ୱାସ ଅଛି ଯେ ଏହି ଅଂଚଳରେ ସମସ୍ତ ଦେବତା ଓ ଦେବୀମାନେ ମହା ଶିବରାତ୍ରୀ ଦିନ ଏଠାରେ ଏକତ୍ରିତ ହୁଅନ୍ତି ।

(ଅବଶିଷ୍ଟାଂଶ ପୃଷ୍ଠା -୭ରେ)

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନ୍ୟାୟ ଦେଇପାରିବ କି ଆଇନ ?

ଅନେକ ଆଇନ କାନୁନ ତିଆରି ହୋଇଛି ଭାରତବର୍ଷରେ ମହିଳାମାନଙ୍କ ସୁରକ୍ଷା ପାଇଁ। କିନ୍ତୁ ମହିଳାଙ୍କ ବିରୁଦ୍ଧରେ ଅପରାଧ ସଂଘଟିତ ହେବା କମିବାର ନାଁ ଧରୁନାହିଁ, ଯାହା କେବଳ ସାଧାରଣ ନାଗରିକଙ୍କ ପାଇଁ ନୁହେଁ, ସରକାରଙ୍କ ପାଇଁ ମଧ୍ୟ ଚିନ୍ତାର କାରଣ ପାଲଟିଛି। ଭାରତର କାରାଗାର ପରିସଂଖ୍ୟାନ: ୨୦୨୦ ରିପୋର୍ଟ ମୁତାବକ ଦେଶର କାରାଗାରଗୁଡ଼ିକର ପାଖାପାଖି ଯେଉଁ ୯୦ ହଜାର କଏଦୀ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି, ସେମାନଙ୍କ ମଧ୍ୟରୁ ପ୍ରାୟ ୧୪.୨ ପ୍ରତିଶତ ଦୁଷ୍କର୍ମ ଅପରାଧ ନିମନ୍ତେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ହାରାହାରି ୧୮,୬୧୫ ବ୍ୟକ୍ତି ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ସଂଘଟିତ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ତହିଁରୁ ୬୭.୯ ପ୍ରତିଶତ ହେଉଛି ଦୁଷ୍କର୍ମ ଘଟଣା ଏବଂ ୨୪.୫ ପ୍ରତିଶତ ଯୌତୁକଜନିତ ହତ୍ୟାକାଣ୍ଡ। ମହିଳାମାନଙ୍କ ବିରୁଦ୍ଧରେ ସଂଘଟିତ ଅପରାଧ ତାଲିକାରେ ଉତ୍ତରପ୍ରଦେଶ ସର୍ବାଗ୍ରେ ରହିଥିବାବେଳେ ପଛକୁ ପଛ ରହିଛନ୍ତି ମଧ୍ୟପ୍ରଦେଶ ଏବଂ ଝାଡ଼ଖଣ୍ଡ। ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏହିସବୁ ରାଜ୍ୟମାନଙ୍କରୁ ପ୍ରତ୍ୟେକଟି ରାଜ୍ୟ ଶିକ୍ଷା, ସଚେତନତା, ଦାରିଦ୍ର୍ୟ ଏବଂ ମହିଳାଙ୍କ ସଶକ୍ତିକରଣ ଭଳି ସାମାଜିକ ସୂଚକାଙ୍କଗୁଡ଼ିକରେ ଅତି ଦୁର୍ବଳ ପ୍ରଦର୍ଶନ କରିଥାନ୍ତି। ତେଣୁ ଏସବୁ ରାଜ୍ୟର ସରକାରମାନେ ଉପରୋକ୍ତ କ୍ଷେତ୍ରଗୁଡ଼ିକରେ ଅଧିକ ପାଣ୍ଠି ଏବଂ ମାନବ ସମ୍ବଳ ନିବେଶ କରିବାର ଆବଶ୍ୟକତା ରହିଛି। ପୂର୍ବ ବର୍ଷର ତଥ୍ୟ ସହିତ ଏକ ତୁଳନାତ୍ମକ ଅଧ୍ୟୟନ ଦର୍ଶାଇଥାଏ ଯେ ଦୁର୍ଷ୍କମ ମାମଲାର ଅଭିଯୁକ୍ତମାନଙ୍କ ହାରାହାରି ସଂଖ୍ୟାରେ ଯଦିଓ ବୃଦ୍ଧି ଘଟିଛି, ତେବେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନଙ୍କ ହାରାହାରି ସଂଖ୍ୟାରେ ଯଦିଓ ବୃଦ୍ଧି ଘଟିଛି, ତେବେ ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନଙ୍କ ପ୍ରକୃତ ସଂଖ୍ୟା କମ୍ ରହିଛି। କିନ୍ତୁ ଏହାର ଅର୍ଥ ନୁହେଁ ଯେ ମୋଟାମୋଟି ସଂଖ୍ୟାରେ ହ୍ରାସ ଘଟିବା ପ୍ରକୃତ ଚିତ୍ରକୁ ସାମନାକୁ ଆଣିଥାଇପାରେ। ସଦ୍ୟତମ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ ୨୦୧୯ ତୁଳନାରେ ମହିଳାମାନଙ୍କ ବିରୁଦ୍ଧରେ ସଂଘଟିତ ଅପରାଧର ମାତ୍ରାରେ ୮ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ତେବେ ଏହି ରିପୋର୍ଟ ଏହା ମଧ୍ୟ ଉଲ୍ଲେଖ କରିଛି ଯେ ଉପରୋକ୍ତ ହ୍ରାସର ପରିମାଣକୁ କୋଭିଡ୍-୧୯ ମହାମାରୀଜନିତ ଲକ୍‌ଡାଉନ୍ କାରଣରୁ ହୋଇଥିବା ଗ୍ରହଣ କରାଯାଇପାରେ, କାରଣ ଏହା କେବଳ ସର୍ବସାଧାରଣଙ୍କ ଚଳାଚଳକୁ ସୀମିତ କରାଇ ନଥିଲା, ବରଂ ଅପରାଧର ଶିକାର ହୋଇଥିବା ମହିଳାମାନେ ପୁଲିସ ଥାନା ଓ କୋର୍ଟ କଚେରିକୁ ଯାଇ ଅଭିଯୋଗ ଦାଖଲ କରିବା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା, ଯାହା ଅପରାଧର ମୋଟ୍ ସଂଖ୍ୟାରେ ହ୍ରାସ ଘଟାଇବା ପାଇଁ ଦାୟୀ ହୋଇଥାଇପାରେ। ଏଇ ନିକଟରେ ଦିଲ୍ଲୀର ଜଣେ ଜିଲ୍ଲା ଜଜ୍, ଧର୍ମେଶ ଶର୍ମା ଏକ ଦୁଷ୍କର୍ମ ମାଲାରେ ଉଦାହରଣ ସୃଷ୍ଟି କରିବା ଭଳି ବିଚାର କରିଛନ୍ତି, ଯାହା ଯୌନ ଉତ୍ପୀଡ଼ନ ମାମଲାଗୁଡ଼ିକର କିଭଳି ବିଚାର କରାଯିବା ଉଚିତକୁ ଦର୍ଶାଇଛି। ଏଏହି ବିଚାରପତି ଦୁଷ୍କର୍ମର ଶିକାର ହୋଇଥିବା ନାବାଳିକାଙ୍କ ବୟାନ ଶୁଣିଥିଲେ ଏବଂ ତାଙ୍କର ବୟାନ ନିର୍ଭରଯୋଗ୍ୟ ହୋଇଥିବା ସ୍ଥିର କରି ଅଭିଯୁକ୍ତକୁ ଦଣ୍ଡାଦେଶ ଶୁଣାଇଥିଲେ। ଅଭିଯୁକ୍ତଙ୍କ ତରଫରୁ ଲଢୁଥିବା ଓକିଲ ପୀଡ଼ିତାଙ୍କ ବୟାନରେ ଅସଙ୍ଗତି ରହିଥିବା ଦର୍ଶାଇଥିଲେ ସୁଦ୍ଧା ବିଚାରପତି ସେଥିରେ ସନ୍ତୁଷ୍ଟ ହୋଇ ନଥିଲେ। ସେ କହିଥିଲେ ଯେ ପୀଡ଼ିତା 'ଶୁଆ-ଭଳି ରାମନାମ ଘୋଷିବା ଶୈଳୀରେ' ତାଙ୍କର ବୟାନ ଦେଇନାହାନ୍ତି। ପୀଡ଼ିତାଙ୍କୁ କୌଣସି କଥା ଶିଖାଇ ଦିଆଯାଇଥିବା ଭଳି ସେ ଅନୁଭବ କରିନାହାନ୍ତି। ଏହି ପରିପ୍ରେକ୍ଷୀରେ ବିଚାରପତି ଶର୍ମା ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଛନ୍ତି: ପୀଡ଼ିତାଙ୍କ ବୟାନକୁ ଜଣେ ପ୍ରାପ୍ତବୟସ୍କଙ୍କ ଦୃଷ୍ଟିକୋଣରୁ ଗ୍ରହଣ କରାଯିବା ଉଚିତ ନୁହେଁ, ବରଂ 'ଝିଅଟିର ମାନସିକ ଅବସ୍ଥା' ଦୃଷ୍ଟିରୁ ଗ୍ରହଣ କରାଯିବା ଉଚିତ୍। ଏହି ମନୋଭାବ ବିଚାର ପ୍ରକ୍ରିୟା ଦେଇ ଗତି କରୁଥିବାବେଳେ -ପୁଲିସ ଥାନାରେ ମାମଲା ସମ୍ପର୍କରେ ଏତଲା ଦେବାଠାରୁ ଆରମ୍ଭ କରି କୋର୍ଟରେ ବିଚାର ପର୍ଯ୍ୟନ୍ତ-ସବୁ ସ୍ତରରେ ଦୁଷ୍କର୍ମ ମାମଲାଗୁଡ଼ିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ପାର୍ଥକ୍ୟ ବହନ କରି ଆଣିବାର ସମ୍ଭାବନା ବହନ କରେ।

# ଶିବରାତ୍ରରେ ଶିବଉପାସନା

ଦେବେନ୍ଦ୍ର କର

ବର୍ଷ ଆରମ୍ଭରେ ପଡୁଥିବା ପ୍ରମୁଖ ପର୍ବ ମଧ୍ୟରୁ ମହାଶିବରାତ୍ରୀ ଅନ୍ୟତମ। ଫଗୁଣ ମାସର କୃଷ୍ଣ ପକ୍ଷରେ ମହାଶିବରାତ୍ରୀ ପାଳନ କରାଯାଏ। ଶିବଙ୍କ ପୂଜା ଉପାସନା ନିମନ୍ତେ ପ୍ରତ୍ୟେକ ପକ୍ଷର ଚତୁର୍ଦ୍ଦଶୀ, ସୋମବାର ଏବଂ ଶିବରାତ୍ରୀ ସର୍ବୋତ୍କୃଷ୍ଟ। ଶିବରାତ୍ରରେ ଭଗବାନ ଶିବ ଓ ମାପାର୍ବତୀଙ୍କୁ ଏକସଙ୍ଗରେ ପୂଜା କରାଯାଏ। ଲୋକକଥା ରହିଛି ଶିବରାତ୍ରୀ ବ୍ରତ ପାଳନ କଲେ ସାରା ବର୍ଷ ସୁଖଶାନ୍ତିରେ କଟେ। ପୁରୁଣା ବର୍ଷର ଭୁଲଚୁକ୍ ପାଇଁ ପ୍ରଭୁଙ୍କ ନିକଟରେ କ୍ଷମାପାର୍ଥନା କରିବାର ଏହିଦିନ ସର୍ବୋତମ। ପ୍ରଭୁ ଭୋଳାନାଥ ନିମିଷକେ ମଧ୍ୟରେ ପୁରୁଣା କଥାକୁ ଭୁଲିଯାଇ ଭକ୍ତର ମନୋବାଂଚ୍ଛା ଫଳ ପ୍ରଦାନ କରନ୍ତି। ସାରା ଓଡିଶାରେ ଏହି ଦିନଟି ଜାଗର ନାମରେ ପରିଚିତ। ଗାଁ ହେଉ ବା ସହର ପ୍ରତ୍ୟେକ ଶିବାଳୟରେ ଏହିଦିନ ପ୍ରବଳ ଜନ ସମାଗମ ହୁଏ। ଅନେକ ସ୍ଥାନରେ ଜାଗରଯାତ୍ରା ପାଖାପାଖି ଦୁଇତିନି ଦିନ ପର୍ଯ୍ୟନ୍ତ ପାଳିତ ହୁଏ। ଭକ୍ତମାନେ ପ୍ରାତଃ କାଳରେ ଶିବଲିଙ୍ଗ ଦର୍ଶନ କରି କ୍ଷୀର ବେଲପତ୍ର, ପୁଷ୍ପ ଆଦି ଅର୍ପଣ କରନ୍ତି। ପାଦୁକା ଗ୍ରହଣ କରିବା ପରେ ଜାଗର ଓଷା ଆରମ୍ଭ ହୁଏ। ନିର୍ଜ୍ଜଳା ଉପବାସ ରଖିବାର ଏହି ଦିନ ବିଧି ରହିଛି। ଉପବାସ କେବଳ ଯେ ଧାର୍ମିକ ଦୃଷ୍ଟିକୋଣରୁ ନୁହେଁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବି ଶରୀର ପାଇଁ ହିତକାରୀ। ଉପବାସ ରଖିବାଦ୍ୱାରା ମନ ପ୍ରଫୁଲ୍ଲ ରୁହେ ଓ ଚିତ ଶୁଦ୍ଧ ହୁଏ ତା ସହିତ ଶରୀରରେ ରୋଗ ପ୍ରତିଶୋଧକ ଶକ୍ତି ବୃଦ୍ଧି ହୁଏ। ଶିବମନସ୍କ ହେଇଯିବା ପରେ ଭକ୍ତ ତୁଣ୍ଡରେ କେବଳ ଶିବନାମ ଗୁଂଜରିତ ହୁଏ। ଶିବନାମ ଜପ କଲେ ଦେହ ମନ ପବିତ୍ର ହେବା ସହିତ ଭରପୁର ସକରାତ୍ମକ ଶକ୍ତି ପ୍ରାପ୍ତ ହୁଏ। ନାମ ଜପାଧାରୀ ଅନୁଭବ କରିପାରେ ଶିବନାମ ର ଦିବ୍ୟତାକୁ। ବ୍ରତଧାରୀ ମାନେ ରାତ୍ର ଉଜାଗର ରହି ଦୀପ ଜାଳି ଶିବଙ୍କ ମନ୍ତ୍ରସ୍ତୁତି ଆଦି ପାଠ କରନ୍ତି। ଦୀପଟିଏ ଯେମିତି ନିଜେ ଜଳି ଦୁନିଆକୁ ଆଲୋକିତ କରେ ଠିକ୍ ସେମିତି ଏ ମଣିଷ ଜୀବନ ଅନ୍ୟର ଉପକାର ଲାଗି ଉଦ୍ଦିଷ୍ଟ। ଦୀପ ଜଳାଇବାର ଅର୍ଥ ହେଉଛି, ଅଜ୍ଞାନର ଅନ୍ଧକାରକୁ ଦୂର କରି ଆମେ ନିଜ ଜୀବନରେ ଜ୍ଞାନ ରୂପକ ଅଲୋକର ପ୍ରଜ୍ଜଳନ କରିବା।



ପୁରାଣରେ ବର୍ଣ୍ଣିତ ଅଛି ଭଗବାନ ନାରାୟଣ, ଶ୍ରୀରାମ ତଥା ଶ୍ରୀକୃଷ୍ଣ ଶିବୋପାସନା କରିଥିଲେ। ଅର୍ଜୁନ ଭୋଳାନାଥଙ୍କୁ ତପସ୍ୟା କରି ପାଶୁପାତ ଅସ୍ତ୍ର ପ୍ରାପ୍ତ କରିଥିଲେ। ସାମାନ୍ୟ ଭକ୍ତିରେ ସେ ସନ୍ତୁଷ୍ଟ ବୋଲି ସେ ଆଶୁତୋଷ। କଲ୍ୟାଣମୟ ପ୍ରଭୁ ଭୋଳାନାଥ ସମସ୍ତ ଦେବଙ୍କର ସ୍ୱାମୀ। ଯିଏ ଅଶୁଭ ଅମଙ୍ଗଳ ଋଗଣତାକୁ କ୍ଷଣିକରେ ଦୂର କରନ୍ତି। ପ୍ରତ୍ୟେକ ଶୈବ ଭକ୍ତଙ୍କ ଅତିପ୍ରିୟ ନାମ ଭୋଳାନାଥ। ଶିଶୁଙ୍କ ପରି କଅଁଳ ହୃଦୟ ତାଙ୍କର। ଭେଳାନାଥ ଶାନ୍ତ ସରଳ ନିଷ୍କପଟ ଆଉ ମୋହମାୟାରୁ ଯିଏ ସମ୍ପୂର୍ଣ୍ଣ ମୁକ୍ତ। ସର୍ବଦା ଧୀର, ଶାନ୍ତ, ନମ୍ରତା ପ୍ରଦର୍ଶନ କରିବାକୁ ଜଗତକୁ ବାର୍ତ୍ତା ଦେଇଥାନ୍ତି। ପ୍ରକୃତିକୁ ଖୁବ୍ ଭଲ ପାଉଥିବାରୁ ବଣଜଙ୍ଗଲ ପାହାଡ ପର୍ବତ, ଶ୍ମଶାନ, ନଦୀତଟକୁ ନିଜର ନିବାସସ୍ଥଳୀ ରୁପେ ବାଛିନେଇଥାନ୍ତି। କୋଳାହଳ, ଉଚ୍ଚଶବ୍ଦକୁ କୁ ପ୍ରଭୁ ନାପସନ୍ଦ କରନ୍ତି। ମଣିଷ ଜୀବନରେ ଶାନ୍ତ, ନୀରବତାର ବିଶେଷ ମହତ୍ୱ ରହିଛି। କୋଳାହଳ, ଉଚ୍ଚଶବ୍ଦ ଶୃଙ୍ଖଳିତ ଜୀବନଚର୍ଯ୍ୟରେ ବାଧା ଉପୂନ୍ନ କରେ। ଶାନ୍ତସ୍ଥିର ମନରେ ଆମେ ଯେକୌଣସି ବି ନିଷ୍ପତି ବା କାର୍ଯ୍ୟ ନେବା ନିର୍ଣ୍ଣିନ୍ତ ସକରାତ୍ମକ ଫଳ ମିଳିଥାଏ। ଶିବଙ୍କ କଥା ମନେ ପକାଇବା ମାତ୍ରେ ଆଖି ଆଗରେ ଭାସିଆସେ ବିଭୂତି ଲୋପନ ମହାଦେବଙ୍କ ଶାନ୍ତକାନ୍ତ ସୌମ୍ୟରୂପ। ମସ୍ତକରେ ଅର୍ଦ୍ଧଚନ୍ଦ୍ର ଶାନ୍ତ ଶୀତଳତାର ପ୍ରତୀକ, ଜଟାରେ ପୂଣ୍ୟତୋୟା ଗଙ୍ଗା ପ୍ରବାହିତ। ଶରୀରରେ ସ୍ୱଳ୍ପମାତ୍ର ବାଘଛାଲର ବସ୍ତ୍ର, ହସ୍ତରେ ଶୋଭାପାଏ ତ୍ରିଶୂଳ ଓ ଡମ୍ବୁରୁ। ଗଳାରେ ଧାରଣ କରିଥିବା ସର୍ପ ଶାଶ୍ୱତତାର ପ୍ରତୀକ। ପ୍ରଭୁ ରତ୍ନ ଆଭୁଷଣ ତ୍ୟାଗ କରି ଭସ୍ମକୁ ଶରୀରରେ ଆବରଣ ଦେଇଥାନ୍ତି। ଧରାପୃଷ୍ଠରେ ମଣିଷ ଜନ୍ମ ନେଇଛି ଆଉ ଦିନେ ଏ ଶରୀର ପାଲଟିବ ଭସ୍ମ। ଏଣୁ ଧନସମ୍ପତି ପ୍ରତିପତି, ରୂପ ସୌନ୍ଦର୍ଯ୍ୟକୁ ନେଇ ଗର୍ବ ଅହଂକାର କରନାହିଁ କାରଣ ଏସବୁ କ୍ଷଣସ୍ଥାୟୀ। ଭୌତିକ ସୁଖ, ବିଳାସମୟ ଜୀବନକୁ ବର୍ଜନ କରିବାକୁ ଭଗବାନ ଭୋଳାନାଥ ଜଗତକୁ ବାର୍ତ୍ତା ଦେଇଥାନ୍ତି। ତ୍ୟାଗ, ସମର୍ପଣ, ଉତ୍ସର୍ଗୀକୃତ ଭାବ ଜଗାଇ କର୍ମ ସମ୍ପାଦନ କଲେ ମଣିଷ ଜୀବନରେ ପୂର୍ଣ୍ଣ ସାର୍ଥକତା ଲାଭ କରିହେବ।

ଭଗବାନ ଶିବଙ୍କୁ ପ୍ରସନ୍ନ କରିବାର ସେଭଳି କୌଣସି ସ୍ୱତନ୍ତ୍ର ପୂଜାପାଠର ଆବଶ୍ୟକ ହୋଇନଥାଏ। ପୂର୍ଣ୍ଣ ବିଶ୍ୱାସ ଏବଂ ଶ୍ରଦ୍ଧାର ସହିତ ତାଙ୍କ ନିକଟରେ ନିଜକୁ ସମର୍ପି ଦେଲେ ଭଗବାନ ସନ୍ତୁଷ୍ଟି ହୋଇଥାନ୍ତି। ଭଗବାନ ଶିବଙ୍କର ଅନ୍ୟନାମ ତ୍ରିଲୋଚନ। ସେ ଏକମାତ୍ର ଦେବତା ଯାହାଙ୍କର ତିନୋଟି ନେତ୍ର। ସ୍ୱର୍ଗଲୋକ, ମର୍ତ୍ତ୍ୟଲୋକ, ଓ ପାତାଳଲୋକ ତ୍ରିନେତ୍ରର ପ୍ରତୀକ। ପୁରାଣରେ ବର୍ଣ୍ଣିତ ଅଛି କାମଦେବ ଭଗବାନଙ୍କ ଧ୍ୟାନରେ ବାଧା ଉତ୍ପନ୍ନ କରିବାରୁ ପ୍ରଭୁ ତୃତୀୟ ନେତ୍ର ଖୋଲି ଭସ୍ମ କରିଦେଇଥିଲେ। କାମଦେବଙ୍କ ପତ୍ନୀ ରତିଦେବୀ ବିଳାପ କରି ସ୍ୱାମୀଙ୍କ ଜୀବନ ଭିକ୍ଷା କରିବାରୁ ମହେଶ୍ୱର ପୁର୍ନବାର କାମଦେବଙ୍କ ଜୀବନଦାନ ଦେଇଥିଲେ। ଭଗବାନ ଶିବଙ୍କର ଅନେକ ନାମ ଓ ଅନେକ ରୂପ। ସେ ଶାନ୍ତ ଆଉ କ୍ରୋଧୀ ବି ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ ପ୍ରଳୟ ସମୟରେ ସେ ସଂହାରକର୍ତ୍ତା। ଭକ୍ତର ଦୁଃଖ ଯନ୍ତ୍ରଣାକୁ ନିମିଷକ ମଧ୍ୟରେ ଦୂର କରନ୍ତି। ଜଙ୍ଗଲୀ ପୁଷ୍ପ ବେଲ ପତ୍ର ଶିବଙ୍କର ଅତିପ୍ରିୟ। ଅନ୍ୟ ଦେବଦେବୀଙ୍କ ନିକଟରେ ଯେଉଁ ଫୁଲଟି ଅତି ସାମାନ୍ୟ ଭୋଳାନାଥ ସେଇଥିରେ ସନ୍ତୁଷ୍ଟ ହୁଅନ୍ତି। ଶିବ ଶବ୍ଦର ଅର୍ଥ କଲ୍ୟାଣମୟ ଆଉ ଲିଙ୍ଗର ଅର୍ଥ ନିର୍ମାଣ କର୍ତ୍ତା। ଶିବଲିଙ୍ଗରେ ତ୍ରିଦେବଙ୍କ ଶକ୍ତି କେନ୍ଦ୍ରିଭୂତ। ମୂଳରେ ବ୍ରହ୍ମା, ମଧ୍ୟ ଭାଗରେ ବିଷ୍ଣୁ ଏବଂ ଅଗ୍ରଭାଗରେ ଶଙ୍କର ବିରାଜମାନ। ଏଣୁ ଲିଙ୍ଗ ପୂଜା ଅର୍ଥ ଆମେ ସମ୍ପୂର୍ଣ୍ଣ ଜଗତକର୍ତ୍ତାଙ୍କୁ ପୂଜା କରୁଛୁ। ଭଗବାନ ଶିବ ହିଁ ଏହି ସୃଷ୍ଟିର ନିର୍ମାଣକର୍ତ୍ତା। ଆଉ ଏହାର ଅନ୍ତ ବି ତାଙ୍କରି ହାତରେ ହେବ। ସମସ୍ତ ଦେବତା ମାନଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ସେ ମହାଦେବ। କାଳକୁ ଜୟ କରିଥିବାରୁ ସେ ପୁଣି ମହାକାଳ। ଶିବପୁରାଣ ଅନୁସାରେ ଭଗବାନ ଶିବ ମରଣ ବାହାରେ। ସେ ଅନନ୍ତ, ଅସୀମ ଏବଂ ସର୍ବବ୍ୟାପକ। ସମ୍ପୂର୍ଣ୍ଣ ଜଗତର ଆଧାର ଅଟନ୍ତି ଭୋଳାନାଥ। କଲ୍ୟାଣମୟ ମଙ୍ଗଳକର୍ତ୍ତା ମହେଶ୍ୱର ନିଶ୍ଚିୟେଁ ଆମକୁ ଏ ଭବସାଗରରୁ ପାରକରାଇବେ। ଆଜିର ଏଇ ପବିତ୍ର ଦିନରେ ଆସନ୍ତୁ ସଭିଏଁ ଶିବଙ୍କୁ ଧ୍ୟାନକରି ଶିବମନସ୍କ ହୋଇଯିବା ଜାଗରଯାତ୍ରାର ମହତ ଉଦେଶ୍ୟକୁ ବୁଝିବା। ଶିବଙ୍କ ନାମ ଜପକରି ତାଙ୍କ କୃପା ଲାଭ କରିବା।


ମଙ୍ଗଳାବାଗ, ନିୟୋଗି କଲୋନି,
କଟକ-୧,
ମୋ:୯୯୩୭୯୬୩୯୧୦


# ଶିବ ପୂଜାରେ ନବଗ୍ରହ ଶାନ୍ତି ବିଧାନ



ଅଜୟ କୁମାର ବେହେରା

ମହାଶିବ ରାତ୍ରୀ ଅର୍ଥାତ୍ ଫାଲଗୁନ୍ କୃଷ୍ଣ ଚତୁର୍ଦ୍ଦଶୀ ହେଉଛି ଦିବ୍ୟ ଜ୍ୟୋର୍ତିଲିଙ୍ଗ ପ୍ରକଟ ହେବାର ଶୁଭ ସମୟ । ଏହି ସମୟରେ ଶିବ ଭକ୍ତିରେ ତଲ୍ଲୀନ ହୋଇ ଭକ୍ତ ପରମ ସୁଖ ପ୍ରାପ୍ତି କରିପାରିବ । ମହାଶିବ ରାତ୍ରୀରେ ଶିବ ସାଧନା ଏବଂ ରହସ୍ୟକୁ ଜାଣିବା ପରେ ଅନେକ ସମସ୍ୟାରୁ ମୁକ୍ତି ମିଳିପାରିବ । ଶାସ୍ତ୍ରରେ ଭଗବାନ ଶିବଙ୍କୁ ବେଦ ଅର୍ଥାତ୍ ଜ୍ଞାନ ସ୍ୱରୂପ ଭାବେ ବିବେଚନା କରାଯାଇଥାଏ । ସେଥିପାଇଁ ଶିବ ଭକ୍ତି ମନର ଚଞ୍ଚଳତାକୁ ରୋକିବା ସହ ବ୍ୟକ୍ତିକୁ ଦୁଃଖ ଏବଂ ଦୁର୍ଗତୀରୁ ରକ୍ଷା କରିଥାଏ । ତେବେ ତନ, ମନ ଓ ବଚନ ଦ୍ୱାରା ବାସ୍ତବ ଶିବ ଭକ୍ତି, ଉପାସନା, ସାଧନା ଏବଂ ସେବାର ସଠିକ୍ ଉପାୟ ଶିବ ପୁରାଣରେ ଉଲ୍ଲେଖ ରହିଛି । ଏହାକୁ ଶିବ ଧର୍ମ କୁହାଯାଇଥାଏ । ଶିବ ପୁରାଣ ଅନୁଯାୟୀ, ଭକ୍ତିର ତିନୋଟି ସ୍ୱରୂପ ରହିଛି, ମାନସିକ ବା ମନରୁ ଭକ୍ତି, ବାଚନିକ ବା କଥନରୁ ଭକ୍ତି ଏବଂ ଶାରୀରିକ ଅର୍ଥାତ୍ ଶରୀର ଦ୍ୱାରା ଭକ୍ତି । ଶିବଙ୍କ ସ୍ୱରୂପର ଚିନ୍ତନ କରି ମନ ଦ୍ୱାରା ଜପ କରିବ ବଚନ ଦ୍ୱାରା ଏବଂ ପୂଜା କରି ଶରୀର ଦ୍ୱାରା କରାଯାଇପାରିବ । ପ୍ରତ୍ୟେକ ଧର୍ମ ଭଳି ଆମ ହିନ୍ଦୁଧର୍ମରେ ଭଗବାନଙ୍କୁ ଏକ ନିର୍ଦ୍ଦିଷ୍ଟ ତତ୍ତ୍ୱରେ ବିଶ୍ଳେଷଣ କରାଯାଇଛି। ଭଗବାନ ଶବ୍ଦ ବିଶ୍ଳେଷଣରେ ସେ ଚାରୋଟି ଅକ୍ଷରର ସମାହାର। ପ୍ରତ୍ୟେକ ଅକ୍ଷର ସହ ଏକ ସ୍ୱତନ୍ତ୍ର ତତ୍ତ୍ୱ ସମ୍ବନ୍ଧ ରହିଛି। ପ୍ରଥମ ଅକ୍ଷର 'ଭ'ରେ ସେ ସମସ୍ତ ଭଲଗୁଣର ଅଧିକାରୀ, ଭକ୍ତରକ୍ଷାକାରୀ, ଭକ୍ତବତ୍ସଳ। ଦ୍ୱିତୀୟ ଅକ୍ଷର 'ଗ'ରେ ସେ ଗଗନ ଭଳି ବିସ୍ତୃତ, ଅନନ୍ତ, ଅସୀମ ଓ ପରିବ୍ୟାପ୍ତ ଏବଂ ସମସ୍ତଗଣକୁ ପ୍ରତିନିଧିତ୍ୱ କରନ୍ତି ଅର୍ଥାତ୍ ଯିଏ ଦେବଗଣ, ଦାନବଗଣ, ମାନବଗଣ ଓ ଗ୍ରହଗଣ ଠାରୁ ଆରମ୍ଭ କରି କୀଟପତଙ୍ଗ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରନ୍ତି। ତୃତୀୟ ଅକ୍ଷର 'ବା'ରେ ଯାହାଙ୍କ ଠାରେ ବାଛ ବିଚାର, ପାତର ଅନ୍ତର ତିଳେମାତ୍ର ପ୍ରକାଶିତ ହୁଏ ନାହିଁ। ଚତୁର୍ଥ ଅକ୍ଷର 'ନ'ରେ ସେ ନବଗ୍ରହକୁ ପ୍ରତିନିଧିତ୍ୱ କରନ୍ତି ଏବଂ ନବନିଧିଦାତା। ସୃଷ୍ଟିର ଆରମ୍ଭ, ବିକାଶ ଏବଂ ବିଲୟ ଏହି ତିନିକାର୍ଯ୍ୟକୁ ଯିଏ ସମ୍ପାଦନ କରେ ସିଏ ହେଉଛନ୍ତି ଭଗବାନ। ଆମ ହିନ୍ଦୁଧର୍ମ ବିଶ୍ୱାସ କରେ ଏହି ତିନି କାର୍ଯ୍ୟକୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବା ଶିବ ସମ୍ପାଦନ କରିଥାନ୍ତି। ବ୍ରହ୍ମା ସୃଷ୍ଟିର ସର୍ଜନା କରନ୍ତି, ବିଷ୍ଣୁ ସୃଷ୍ଟିର ପାଳନ କରୁଥିବା ବେଳେ ଶିବ ସଂହାରକର୍ତ୍ତା ଭାବରେ କାର୍ଯ୍ୟ ନିର୍ବାହ କରିଥାନ୍ତି। ଅନ୍ୟ ଦୃଷ୍ଟିରୁ ବିଚାର କରିବାକୁ ଗଲେ ସୃଷ୍ଟିକୁ ସନ୍ତୁଳିତ ରଖିବା ପାଇଁ ଯେଉଁ କାର୍ଯ୍ୟ ନିର୍ବାହ କରାଯାଏ, ତାହାକୁ ଶିବ ସଂହାର କର୍ତ୍ତା ଭାବେ ତୁଳାଇ ଥାନ୍ତି। ଶିବ ପ୍ରକୃତିର ଅନ୍ୟ ଏକ ସ୍ୱରୂପ। ଯାହାଙ୍କର ଶରୀରରେ ପ୍ରକୃତିର ସମସ୍ତ ପ୍ରକାର ଉପାଦାନ ଶୋଭିତ। ଜଗତ ପଞ୍ଚଭୂତକୁ ନେଇ ସୃଷ୍ଟି (ମୃତ୍ତିକା, ଜଳ, ଅଗ୍ନି, ବାୟୁ ଓ ଆକାଶ)। ପଞ୍ଚଭୂତର ସବୁ ଉପାଦାନ ଶିବଙ୍କଠାରେ ପ୍ରତୀୟମାନ। କୈଳାସ ପର୍ବତ ମୃତ୍ତିକାର ଉତ୍ସ, ଶିବ ସମସ୍ତ ଜୀବଜଗତର ପ୍ରାଣର ଆଧାର ଅର୍ଥାତ୍ ସେ ବାୟୁର ଉତ୍ସ, ପ୍ରକୃତିରୂପ ଶିବ ଗଗନ ଭଳି ବିସ୍ତୃ ତେଣୁ ସେ ଅନନ୍ତ ଆକାଶର ଉତ୍ସ। ଶିବଙ୍କ ବିନା ଆଧାରରେ ଜଗତ ଶବ ବା ସ୍ଥାଣୁ ପାଲଟେ। ଶିବ ହିଁ ସକଳ ସୃଷ୍ଟିର ଆଧାର ଏବଂ ଶିବ ହିଁ ନବଗ୍ରହଙ୍କର ଏକ ଅଭିନ୍ନ ସ୍ୱରୂପ। ଶିବଙ୍କ ଠାରେ ନବଗ୍ରହଙ୍କର ପ୍ରତିଟିରୂପ ପ୍ରକାଶିତ। ଶିବଙ୍କୁ ଆରାଧନା, ପୂଜାର୍ଚ୍ଚନା ବା ଭକ୍ତି ମାଧ୍ୟମରେ ବ୍ୟକ୍ତି ନବଗ୍ରହଙ୍କର ଆଶୀର୍ବାଦ ପ୍ରାପ୍ତି କରି ସକଳ ବିପଦ ଓ ସଙ୍କଟକୁ ଟାଳି ଏକ ସ୍ୱଚ୍ଛ, ସୁନ୍ଦର ଜୀବନଯାପନ କରେ। ଶିବଙ୍କୁ ନବଗ୍ରହଙ୍କ ଏକ ପରଷମଣି କହିଲେ ଅତ୍ୟୁକ୍ତି ହେବନାହିଁ। ଶିବଙ୍କୁ ଭକ୍ତିଭାବରେ ସମ୍ପୂର୍ଣ୍ଣ ସମର୍ପଣ କରିଗଲେ ଜଡ଼ପିଣ୍ଡ ବି ଏକ ଜୀବନ୍ତ ଦୀପ୍ତିମନ୍ତ ଶକ୍ତିଶାଳୀ ସଜୀବ କୋଷରେ ପରିଣତ ହୁଏ। ଶିବ ହିଁ କେବଳ ମୃତ୍ୟୁ ଉପରେ ବିଜୟ ହାସଲ କରିପାରିଥିବାରୁ ଶିବଙ୍କୁ ମହାମୃତ୍ୟୁଞ୍ଜୟୀ କୁହାଯାଏ। ସାରା ସଂସାରର ଏକମାତ୍ର ତ୍ୟାଗର ପ୍ରତିରୂପ ହିଁ ଶିବ। ସେ ପୁଣି ସତ୍ୟ ଓ ସୁନ୍ଦର ଏଥିରେ ବୁଝିବାର କାହାର ଦ୍ୱିଧା ନାହିଁ। ଶିବ ବିଶ୍ୱବ୍ରହ୍ମାଣ୍ଡ ତଥା ସଂପୂର୍ଣ୍ଣ ଜଗତର କଲ୍ୟାଣକାରୀ ଓ ମଙ୍ଗଳମୟର ପ୍ରତୀକ। ସମୁଦ୍ର ମନ୍ଥନରୁ ହଳାହଳ ଗରଳ ନିର୍ଗତ ହେବା ଦେଖି ସମସ୍ତ ଦେବମଣ୍ଡଳ, ଗ୍ରହମଣ୍ଡଳ, ଜୀବମଣ୍ଡଳ ଏପରିକି ସଂପୂର୍ଣ୍ଣ ଜଗତ କିଂକର୍ତ୍ତବ୍ୟବିମୂଢ଼ ଭାବେ ସ୍ତମ୍ଭୀଭୂତ ହୋଇଗଲା। ଶେଷରେ ଜଗତର ମଙ୍ଗଳ ନିମନ୍ତେ ମହାନ ତ୍ୟାଗୀ ଶିବ ଏହି ହଳାହଳ ବିଷ ପାନ କରି ସଂପୂର୍ଣ୍ଣ ଜଗତକୁ ଉଦ୍ଧାର କରିଥିଲେ। ଏହି ବିଷପାନରେ ଶିବଙ୍କ କଣ୍ଠ ନୀଳକଣ୍ଠ ହୋଇଗଲା। ତେଣୁ ସେ ନୀଳକଣ୍ଠ ରୂପେ ପରିଚିତ ହେଲେ। ବିଷଜ୍ୱାଳାର ଉପଶମ ହେବା ପାଇଁ ମସ୍ତକର ଜଟା ମଧେ ଗଙ୍ଗା, ଭାଲରେ ଶୀତଳ କିରଣ ପ୍ରଦାନ କରୁଥିବା ଚନ୍ଦ୍ର, ଗଳାରେ ସର୍ପ ଶୋଭିତ ହେଲା। କଟିରେ ବ୍ୟାଘ୍ର ଚର୍ମ, ନୀଳବର୍ଣ୍ଣ କାନ୍ତିଯୁକ୍ତ ଶରୀର, କପାଳରେ ଶ୍ମଶାନ ଭସ୍ମ, ସ୍କନ୍ଧରେ ଯଜ୍ଞପବୀତ, ହସ୍ତରେ ତ୍ରୀଶୂଳ ଓ ଡମ୍ବରୁ, ଗଳାରେ ରୁଦ୍ରାକ୍ଷମାଳା, ହସ୍ତରେ କମଣ୍ଡଳୁ ଓ ଆଶାବାଡ଼ି, ପଦଯୁଗଳରେ କଠଉ, କର୍ଣ୍ଣରେ କୁଣ୍ଡଳ, ବୃଷଭବାହନ, ବାମରେ ପ୍ରିୟତମା ପତ୍ନୀ ପାର୍ବତୀ, ପୁତ୍ର ଗଣେଶ ଓ କାର୍ତ୍ତିକ ସହ ପ୍ରକୃତି ରୂପକ କୈଳାସ ପର୍ବତରେ ଅବସ୍ଥାନ କରି ସର୍ବଦା ଧ୍ୟାନମଗ୍ନ ରହନ୍ତି। ଶିବ ଦେବତାମାନଙ୍କ ମଧ୍ୟରେ ଶ୍ରେଷ୍ଠ, ପ୍ରକୃତିମାନଙ୍କ ଭିତରେ ସବୁଠାରୁ ସୁନ୍ଦର, ସତ୍ୟର ଏକ ନଗ୍ନପ୍ରତିଛବି। ଦେବଦେବ ମହାଦେବ ରୂପେ ସେ ଖ୍ୟାତ। ଶିବ ହିଁ ଏକମାତ୍ର ଦେବତା ଯିଏ ମହାଯୋଗୀ, ମହାଭୋଗୀ ଓ ମହାତ୍ୟାଗୀ। ଯୋଗରେ ସେ ବିଲୟ, ଭୋଗରେ ତନ୍ମୟ ଓ ତ୍ୟାଗରେ ସେ ମହାନ। ଜ୍ୟୋତିଷାଚାର୍ଯ୍ୟମାନଙ୍କ ମତରେ ଶିବ ଦେବ ମଣ୍ଡଳ, ଗ୍ରହମଣ୍ଡଳ ଓ ଜୀବମଣ୍ଡଳର ଅଧୀଶ୍ୱର ଅଟନ୍ତି। ଶିବ ପ୍ରକୃତି ତଥା ଜଗତର ପ୍ରତୀକ ହେତୁ ସେ ଜଗତ ବ୍ୟାପୀ ଏବଂ ଜଗତମୟ। ସେ ନବଗ୍ରହଙ୍କ ଅଧିଷ୍ଠାତ୍ର ଅଟନ୍ତି।


+ପିସି ସରକାର ଲେନ୍, କଟକ,
ଦୂରଭାଷ : ୯୪୩୭୦୩୧୨୫୩





## ମହାଶିବରାତ୍ରି

ରମେଶ ଚନ୍ଦ୍ର ନାୟକ



ଉତ୍କଳ ସଂସ୍କୃତି ଅଟେ ଯେ ସମୃଦ୍ଧି
ଆମର ଏ ପୂଣ୍ୟ ଭୂମି
କେତେ ମହାନତା କେତେ ପବିତ୍ରତା
ହୃଦୟରେ ଅଛି ଜମି ।

ଫାଲଗୁନ ମାସ କୃଷ୍ଣ ଚତୁର୍ଦ୍ଦଶୀ
ମହାଶିବରାତ୍ରି ପର୍ବ
ମହାଦୀପ ଜାଳି ରାତି ଉଜାଗର
ହିନ୍ଦୁ ଧର୍ମ କ୍ଷେତ୍ରେ ଗର୍ବ ।

କେତେ ନରନାରୀ ଧର୍ମ ସଚେତନ
କର୍ମ କ୍ଳାନ୍ତ ଜୀବନର
ଆଧ୍ୟାତ୍ମିକ ଜ୍ଞାନ ହୁଏ ଉପଲବ୍ଧି
ଏହି ପର୍ବ ପାଳନର ।

ଶିବରାତ୍ରି ପର୍ବ ସର୍ବ କାମପ୍ରଦ
ଭାରତ ବିଭିନ୍ନ ସ୍ଥାନେ
ଜ୍ୟୋତିର୍ଲିଙ୍ଗ କ୍ଷେତ୍ରେ ପାଳନ ହୁଅଇ
ପ୍ରାଣ ଭରେ ଭକ୍ତି ମନେ ।

ବ୍ରତାଚାରୀ ଗଣ ଉପବାସ ସାଥେ
ଜାଳନ୍ତି ଅଖଣ୍ଡ ଧୂପ
ଚାରୋଟି ପ୍ରହରେ ଚାଲେ ପୂଜାର୍ଚ୍ଚନା
ଶେଷେ ଉଠେ ମହାଦୀପ ।

ସାରା ସଂସାରରୁ ଅଜ୍ଞାନ ରୂପକ
ଅନ୍ଧକାର ହୁଏ ଦୂର
ଆଲୋକ ପ୍ରଦାନ କରିବା ଉଦ୍ଦେଶ୍ୟ
ମହାଦୀପ ଉଠାଣର ।

ଏ ଜାଗର ରାତି ଜାଗ୍ରତର ରାତି
ନାହିଁ ମନେ ଆବିଳତା
ହୃଦେ ପୂଣ୍ୟ ମିଳେ ପାପ ମୁକ୍ତ କରେ
କୁସଂସ୍କାର ସଂକୀର୍ଣ୍ଣତା ।

ବାବା ଲୋକନାଥ ଆଖଣ୍ଡଳ ମଣୀ
ଲିଙ୍ଗରାଜ ଆଦି କ୍ଷେତ୍ରେ
ହୋଇବ ଚଂଚଳ ଭକ୍ତ ମାଳ ମାଳ
ଗାଇ ମହାଦେବ ମନ୍ତ୍ରେ ।


+କେଶରପୁର ,
ବକ୍ସି ବଜାର , କଟକ
ମୋ :- ୭୯୭୮୧୫୧୭୧୦


## ହର ହର ମହାଦେବ

ଅମରନାଥ ବାରିକ୍



ତୁମେ ଆଶୁତୋଷ ବାବା ନୀଳକଣ୍ଠ
ବିଷପାନ କଲ ସଂସାର ପାଇଁ
କି ମାୟା ରଚିଲ ଆହେ ବିଶ୍ୱନାଥ
ମାନବ ସମାଜ କଲ୍ୟାଣ ଚାହିଁ ।

ଦେଲ ତୁମ ଅସ୍ତ୍ର ସଂଘାର ନିମନ୍ତେ
ଜନନୀ ଅମ୍ବିକା ଦଶଭୁଜାଙ୍କୁ
ମାତା ପାର୍ବତୀଙ୍କ ପୋଛି ଅଶ୍ରୁଧାର
ଯୋଡ଼ିଲ ଗଣେଶ କଟା ମୁଣ୍ଡକୁ ।

ତାଣ୍ଡବ ରଚିଲ ଆହେ ତ୍ରିପୁରାରୀ
କୁଣ୍ଡରୁ ସତୀଙ୍କୁ ସଙ୍ଗରେ ଧରି
ଦେଖାଇଲ ରୂପ ଜଟାଜୁଟ ଖୋଲି
ହାତରେ ଡମ୍ବରୁ ବାଦନ କରି ।

ପ୍ରକମ୍ପିତ କଲ ତ୍ରିପୁରକୁ ତୁମେ
ଭୟଭୀତ ହେଲେ ଦେବତାଗଣ
ବିଷ୍ଣୁ ଭଗବାନ ସୁଦର୍ଶନ ଚକ୍ରେ
ସତୀଙ୍କ ଦେହକୁ କଲେ ଛେଦନ ।

ସୁମରଣା କଲେ ଛୋଟା ଅନ୍ଧ କାଲ
ପ୍ରାପତ ଚରଣ ନୟନ କର୍ଣ୍ଣ
ପଥ ଚାଲିଯାଇ ତ୍ରିନାଥମେଳା ଯେ
ଦେଖିଲେ ଶୁଣିଲେ ହୋଇଲେ ଧନ୍ୟ ।

କି ଲୀଳା ବର୍ଣ୍ଣିବି ତୁମେ ଲୀଳାମୟ
ଭାବର ଠାକୁର ପତିତନାଥ
ତୁମ ପାଦ ପୂଜେ ଦିନ ଅକୀଂଚନ
ଅରକ୍ଷିତ ଏହି ଅମରନାଥ ।

ହେ ନନ୍ଦୀବାହନ ନାମ ପଂଚାନନ
ଭକତଙ୍କ ତୁମେ ଜୀବନ ଧନ
ମୁଦ୍ରିତ ତୁମର ତୃତୀୟ ନୟନ
କୃପା କର ପ୍ରଭୁ କୃପାନିଧାନ ।

ହେ ଆଦିଗୋଚର ହେ ସତ୍ୟ ସୁନ୍ଦର
ପୂଜିତ ସକଳ ଦେବତାସୁର
ଭୂଧରକୁ ଧର ଦେବେ ଅଗୋଚର
ବିଶ୍ୱ ରକ୍ଷାକର ହେ ମହେଶ୍ୱର ।

ବିଭୂତି ଲେପନ କାମକୁ ମର୍ଦ୍ଦନ
କରିଥାଅ ଯୋଗବଳେ ସାଧନ
ଚର୍ମକୁ ଧାରଣ ସୃଷ୍ଟିକୁ ଧାରଣ
କରିଅଛ ନିଜେ ତ ନାରାୟଣ ।

ହସ୍ତରେ ତ୍ରିଶୂଳ କର୍ଣ୍ଣରେ କୁଣ୍ଡଳ
ପିନ୍ଧିଛ ନୟନଧାରେ କଜଳ
ପିଉଛ ଗରଳ କଣ୍ଠ ଦିଶେ ନୀଳ
ମସ୍ତକେ ଚନ୍ଦ୍ରମା ଗଙ୍ଗା ଉଜ୍ୱଳ ।

ଧବଳ କର୍ପୂର ତେଜରେ ଭାସ୍କର
ବାଜୁଥାଏ ତବ ପାଦେ ନୂପୁର
ଚନ୍ଦ୍ରମା ଭାସ୍କର କାନ୍ତି ପ୍ରଭାକର
ସୂଚିତ ମଣ୍ଡନ କର୍ମେକେଶ୍ୱର ।

ହେ ଶିବ ଶଙ୍କର ତୁମେ ମହେଶ୍ୱର
କମଳ ଲୋଚନ ହେ ସୁରେଶ୍ୱର
ନାଗେଶ ଭୂଷଣ ଆହେ ଗଙ୍ଗାଧର
ପ୍ରଣମେ ପାମର ହେ ନାଗେଶ୍ୱର ।

ଓଁ ଶାନ୍ତାକାରଂ ଭୂଜଗ ଶୟନଂ,
ପଦ୍ମନାଭଂ ସୁରେଶମ୍
ବିଶ୍ୱଧାରଂ ଗଗନ ସଦୃଶଂ
ମେଘବର୍ଣ୍ଣଂ ଶୁଭାଙ୍ଗମ୍
ଲକ୍ଷ୍ମୀକାନ୍ତଂ କମଳ ନୟନଂ
ଯୋଗିଭି ଧ୍ୟାନଗମ୍ୟମ
ବନ୍ଦେ ବିଷ୍ଣୁଂ ଭବଭୟ
ହରଂ ସର୍ବୈଲୋକୈକନାଥମ୍


+କୟାଁ, ମଙ୍ଗଳପୁର, ଦଶରଥପୁର,
ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷା - ୯୫୪୦୩୦୮୦୯୫
(ନୂଆଦିଲ୍ଲୀ)





## ମହାଶିବରାତ୍ରୀ

ନଗେନ୍ଦ୍ର ନାଥ ପଟ୍ଟନାୟକ



ମଙ୍ଗଳବାରରେ ମହାଶ୍ରି ରାତ୍ରି
ଶିବବ୍ରତ ସର୍ବଶ୍ରେଷ୍ଠ
ଅଳପ ପୂଜନେ ମହାଦେବ ପରା
ସହଜେ ହୁଅନ୍ତି ତୃପ୍ତ ।
ମଙ୍ଗଳମୟ ସେ , ସିଦ୍ଧି ପ୍ରଦାୟକ
ଜଗତ କଲ୍ୟାଣକାରୀ
ସକଳ କଳୁଷ କରନ୍ତି ହରଣ
ଗରଳକୁ ପାନକରି ।
ପ୍ରଭୁ ଭୋଳାନାଥ ମଙ୍ଗଳ କରନ୍ତି
ସଂସାରୁ ତ୍ରିତାପ ହରି
ଜ୍ଞାନର ଆଲୋକ ଦିଅନ୍ତି ଖେଳାଇ
ଅମା ଅନ୍ଧକାର ଚିରି ।
ଭସ୍ମ ବିଲୋପିତ ସ୍ମଶାନବାସୀ
ପରମ ଯୋଗରେ ଲିପ୍ତ
ପରମ ବୈରାଗୀ ମହାଯୋଗୀ ଶିବ
ହିଂସା , ବାସନାରୁ ମୁକ୍ତ ।
ଶିବ ମହାଜ୍ଞାନୀ, ସର୍ବଶାସ୍ତ୍ର ଜ୍ଞାତା
ଦେବଦେବ ମହାଦେବ
ଅଜ୍ଞାନ କାଳୀମା ଦୂରକର ପ୍ରଭୁ
ସତ୍ୟ ସୁନ୍ଦର ହେ ଶିବ ।


+୯୯୯/୩-ଜଗମୋହନ
ନଗର,ଜାଗମରା
ଖଣ୍ଡଗିରି,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

ଧ୍ୱନି ପ୍ରତିଧ୍ୱନି

# କବିତାମାଳା



## ପୂର୍ଣ୍ଣମୟ ପୂର୍ଣ୍ଣିମା ପୁରୁଷ

### ଭରତ ଚନ୍ଦ୍ର ଦାଶ



ଚେତନାର
ଦିଗବଳୟରେ ଅର୍ନ୍ତହିତ
ଶୂନ୍ୟ ମହାଶୂନ୍ୟତାରେ
ସୃଜନ ଶବ୍ଦବ୍ରହ୍ମର ଅନନ୍ୟ
ବିଶ୍ୱକର୍ମା ବିଷ୍ଣୁ ଶର୍ମା ତୁମେ ।

କେମିତି ରଚିଲ
କଳାର କୋଣାର୍କ
ଅତିନ୍ଦ୍ରୀୟ ଚେତନାର
ସରହଦ ଡେଇଁ
ଅତିକ୍ରମୀ କବିତା ଉତ୍କଳ
ମହାକାଳର ପ୍ରହେଳିକା
ତୁମକୁ ପାରିଲାନି ଛୁଇଁ
ଶେଷ ବସନ୍ତର ଚିଠି
ଇତି ହେଲା ଚୈତ୍ରର
ପୂର୍ଣ୍ଣିମା ତିଥିରେ
ପୂର୍ଣ୍ଣ ବ୍ରହ୍ମ ରୂପେ।

ଧୂମ୍ରାଭ ଦିଗନ୍ତରେ
ବ୍ୟାପ୍ତ ହେଲା ଶୋକ
ସନ୍ତାପର ବାର୍ତ୍ତା
ତୁମ ଅବର୍ତ୍ତମାନରେ।
ଅବୋଲର କଥା ଶୁଣିବାକୁ
ମିଳିବନି ଆଉ କଥା ସାହିତ୍ୟରେ
ଲକ୍ଷ୍ମୀର ଅଭିସାର, ଅରଣ୍ୟ ଉଲ୍ଲାସ
ଝୁରି ହେବ ପାଠକର ପ୍ରାଣ
ଶତାବ୍ଦୀର ଆର୍ତ୍ତନାଦ ତୋଳିବନି
ନାଦବ୍ରହ୍ମ ସୃଜନ ବୀଣାରେ।

ବାଣୀପୁତ୍ର ମାତୃଭକ୍ତ
ଅତିମାନସର ଚିନ୍ତନରେ
ସାବିତ୍ରୀର ମହାନ ପ୍ରବକ୍ତା
ଶ୍ରୀ ଅରବିନ୍ଦ ଦର୍ଶନର ଭାବେ
ବିଶ୍ୱ ଜିଣିଅଛ ଜୀବନ ଜିଜ୍ଞାସା
ପ୍ରଜ୍ଞା ପ୍ରଦୀପିକା ଦୂର ଦୂରାନ୍ତରେ।

ଶଙ୍ଖାରୀର ସୁନାପୁଅ
ତୁମ ଗାଁ କବିତା କଲ୍ଲୋଳେ
ସୁରଭିତ ବାଲେଶ୍ୱର ମାଟି।

ସମୁଦ୍ର କ୍ଷୁଧାରୁ ଜନ୍ମିଥିଲା
ସୃଜନର କ୍ଷୁଧା
କଥା ସାହିତ୍ୟର ମହାରଥୀ
ସେନାପତିଙ୍କର ଯୋଗ୍ୟ ଦାୟାଦ
ଭାବେ ଗଢିଥିଲ କଥାର କୋଣାର୍କ।

କବିତାରୁ କଥା ଉପନ୍ୟାସ
ଭ୍ରମଣ ସାହିତ୍ୟ ପୁଣି ଅଦୂର ବିଦେଶ
ସମ୍ମାନରେ ନ ଥିଲା ତ ଆଶା
ସାରସ୍ୱତ ସାଧନାରେ ଥିଲା
ଅଖଣ୍ଡ ତପସ୍ୟା
ବିଶ୍ୱ ସାହିତ୍ୟରେ ଲେଖିଗଲ
କଥା ସ୍ୱର୍ଣ୍ଣାକ୍ଷରେ
ପାଠକର ହୃଦୟରେ ।

ପଦ୍ମଶ୍ରୀ, ପଦ୍ମଭୂଷଣ ମ୍ଳାନ ଆଜି
ତୁମ ଯଶ କୀର୍ତ୍ତି ଚିରକାଳ
ଗାଉଥିବ ଅମୃତ ସନ୍ତାନର କଥା
ସୃଜନର କୀର୍ତ୍ତିସ୍ତମ୍ଭ ନିକଟରେ
ନାରନ୍ତର ନଉଁଥିବ ଏ ଜାତିର ମଥା।

ହେ ପୂର୍ଣ୍ଣମୟ! ପୂର୍ଣ୍ଣିମା ପୁରୁଷ
ସୃଜନରେ ପରିପୂର୍ଣ୍ଣ ତୁମ ପଉରୁଷ
ମୃତ୍ୟୁ ଆଜି ହୀନବୀର୍ଯ୍ୟ
ହରି ତୁମ ଦୁର୍ଲ୍ଲଭ ଜୀବନ
ଥରେ ନୁହେଁ ବାରମ୍ବାର
ଜଣାଉଛି ଆଭୂମ ନମନ।

♥ ସଦସ୍ୟ,
ଓଡିଶା ସାହିତ୍ୟ ଏକାଡେମୀ, ବାଲେଶ୍ୱର
ମାର୍କୋଣା, ବାଲେଶ୍ୱର - ୭୫୬ ୧୨୬
(ମୋ) ୯୪୩୭୩୭୨୧୬୬

## ରୂପ ରାଇଜର ରାଜକୁମାରୀ

### ଦିଲିପ୍ କୁମାର ତ୍ରିପାଠୀ



ରୂପ ରାଇଜର ରାଜକୁମାରୀ ଟେ କିଣି ନେଇଥିଲା ମନ
ସରଗର ସେଇ ଅପସରିଟିର ନାଁ ଦେଇଥିଲି ଜହ୍ନ
ହେଲେ ସେ ପରୀଟି ଭାଙ୍ଗିଦେଲା ମନ ଏଯାଏଁ ଲିଭୁନି ଚିହ୍ନ
ରୂପ ରାଇଜର ରାଜକୁମାରୀଟେ କିଣି ନେଇଥିଲା ମନ ।

ଶୀତଳ ପରଶ ଦିନେ ଦେଉଥିଲା ଯେଉଁ ଜହ୍ନ
ଆଣିଲା ସେ ଅମା ରାତି ଭାଙ୍ଗିଦେଲା ମୋ ସପନ
ଦଉଲତ ନଗରୀରେ ହଜିଗଲା ମୋ ପ୍ରିୟା
ଛାତିରେ ମୋ କୋହ ଭରି କହିଲାନି ସିଏ ଆହା
ଭାବନା ଚଢେଇର କାଟିବାକୁ ଡେଣା, ପକେଇଲା ରାଣ
ରୂପ ରାଇଜର ରାଜକୁମାରୀଟେ କିଣି ନେଇଥିଲା ମନ ।

ଦେଇଥିବା ସିନ୍ଦୂର ଟୋପାକୁ ସେ ପୋଛିଲା
ଗୁମୁରି କାନ୍ଦୁଛି ମନ ଥରେବି ନ ଦେଖିଲା
ପାରିଜାତ ଆଣିବାକୁ ତୁଚ୍ଛାଟାରେ ଜିଦି କଲା
ସେଇ ଜିଦି ତାକୁ ମୋ ପାଖରୁ ଦୂରେଇଲା
ଛାଡିବାକୁ ଯଦି ଥିଲା, କିଆଁ ଦେଲା ବଞ୍ଚିବାର କାରଣ
ରୂପ ରାଇଜର ରାଜକୁମାରୀଟେ କିଣି ନେଇଥିଲା ମନ ।

♥ ଢେଙ୍କାନାଳ, ପର୍ଜଙ୍ଗ, କୁନ୍ଦନଦେଇପୁର ଶାସନ
ମୋ:୯୭୭୮୧୦୬୧୦୫/୯୯୧୬୦୬୫୮୬୬

## ହୋଇଣ ଛୋଟ ଲକ୍ଷ୍ୟ ତା' ଉଚ୍ଚ

### ପ୍ରଦୀପ୍ତ କୁମାର ଦାସ



ଚାତକ ସାଥେ ଶାଗୁଣା କେବେ ହୋଇନ ପାରେ ସରି
ଚାତକ ସଦା ଅଟଇ ଉଚ୍ଚ ଶାଗୁଣା ନିଚ୍ଚ ଭାରି,
ଉଚ୍ଚ ଆକାଶେ ଉଡ଼େ ଶାଗୁଣା ବିରାଟ ଡେଣା ମେଲି
ଉଚ୍ଚରେ ଥାଇ ନିଚ୍ଚ ସ୍ୱଭାବ ପାରେନି କିନ୍ତୁ ଭୁଲି,

ଆକାଶ ପାଶେ ଥାଏ ସେ ସିନା ଶିଖେ ନାହିଁ ତା' ଗୁଣ
ମଢ ମାଉଁସ ଖାଇବା ଲାଗି ବିକଳ ତା'ର ପ୍ରାଣ,
ସେଇଥି ପାଇଁ ତଳକୁ ସଦା ଉଡ଼େ ସେ ମୁହଁ କରି
ସେଇଥି ପାଇଁ ଚାତକ ପାଶେ ଯାଏ ସହଜେ ହାରି,

ଅତି ଛୋଟିଆ ଚାତକ ପକ୍ଷୀ ନହୁଏ ତାକୁ ଦେଖି
ତଥାପି ସେତ ଜଗତେ ଖ୍ୟାତ ଯେଣୁ ସେ ଉର୍ଦ୍ଧ୍ୱମୁଖୀ,
ଧରଣୀ ପାଶେ ଥାଏ ବିଶ୍ୱାସେ ନାନା କଷଣ ସହି
ଆରତ ସୁରେ ବିନତି କରେ ଜଳ ମୁନ୍ଦିଏ ପାଇଁ,

ନିଜର ଶୋଷ ମେଣ୍ଟାଇବାକୁ ମାଗେନି ଜଳ ସିଏ
ଜଗତ ହିତେ ବରଷାକୁ ସେ ମାଗୁଣି କରିଥାଏ,
ମଢ଼ ମାଉଁସ ଖାଇ ଶାଗୁଣା କରଇ ଉପକାର
ତାହାର ପାଇଁ ପରିବେଶତ ହୁଅଇ ପରିଷ୍କାର,

ଚାତକ ପକ୍ଷୀ ସେହିପରି ତ କରଇ ଉପକାର
ତାହାରି ଡ଼ାକେ ବରଷା ରାଣୀ ଝରାଏ ବାରି ଧାର,
ଚାତକ ଆଉ ଶାଗୁଣା ଦୁହେଁ ଉଭୟେ ଉପକାରୀ
ତଥାପି ନୁହେଁ ଚାତକ ସାଥେ ଶାଗୁଣା କେବେ ସରି,

ହୋଇଣ ଛୋଟ ଲକ୍ଷ୍ୟ ତା ଉଚ୍ଚ ତୁଳନା ନାହିଁ ତା'ର
ଆସରେ ପିଲେ ତା' ଭଲ ଗୁଣ କରିବା ଆପଣାର ।

♥ କଣ୍ଟାବଣିଆ, ଛତ୍ରପଡ଼ା, ଯାଜପୁର
ମୋ-୮୫୯୪୮୮୫୮୯୮

## ପ୍ରେମର ପୀୟୂଷ

### ଜ୍ୟୋସ୍ନାମୟୀ ବିଶ୍ୱାଳ



ଅଳସ ରାତିରେ ମନ୍ଦ ମନ୍ଦ ହସି
ଜହ୍ନ ଉଇଁ ଆସେ ଯେବେ,
ସ୍ମୃତି ତୁମ ଆସି କଡ଼ ଲେଉଟାଏ
ମନେପଡ଼ ବେଶୀ ସେବେ।

ତୁମ ପ୍ରେମ ମୋର ସାଇତା ସମ୍ପତ୍ତି
ସ୍ମୃତି ତୁମ ଗନ୍ତାଘର,
ବଳୟ ଆଙ୍କିଛି ତୁମ ଚାରି ପାଖେ
ତୁମେ ହିଁ ସୂରୁଜ ମୋର।

ସ୍ୱପ୍ନରେ ଆସୁଛ ନିତି ତୁମେ ବୋଲି
ନିଦକୁ ପାଉଛି ଭଲ,
କହିବ କି ସାଥୀ ଏମିତି ଭାବନା
ଆସେ କି ମୋତେ କେବଳ ?

ମନ ମନ୍ଦିରକୁ ଏମିତି ଗୋପନେ
ଆସିବ କି ବାରମ୍ବାର,
ତୁମ ଅଭିସାରେ ନିଜକୁ ହଜାଇ
ଖୋଜୁଥିବି ନିରନ୍ତର।

ମହୁରୀ ତାଳରେ ଆସିବି ସାଥୀ ଗୋ
ସାଜି ତୁମ ହସ୍ତରେଖା,
ସତେ କି ସାଜିବି ତୁମ ନବ ବଧୂ
ଗୋଟେ ଯୁଗର ପ୍ରତୀକ୍ଷା।

ହାତେ ହାତ ଛନ୍ଦି ପଡୁଥିବ ଗଣ୍ଠି
କଣେଇ ଚାହିଁବ ମୋତେ,
ଲାଜରେ ମୁଁ ଯେତେ ଝାଉଁଳି ପଡ଼ିବି
ତୁମେ ହସୁଥିବ ସେତେ।

ଜହ୍ନ ଗାଉଥିବ ମିଳନର ଗୀତି
ପୁରବୀ ରାଗର ତାଳେ,
ସାଇତି ରଖିଛି ପ୍ରେମର ପୀୟୂଷ
ଢାଳି ଦେବି ସରାଗରେ।

♥ ନୟାଗଡ଼, (ମୋ) ୯୧୨୪୬୧୬୬୮୨

## ଜୀବନର ସଂଜ୍ଞା

### ପୁଷ୍ପାଞ୍ଜଳି ମିଶ୍ର



ସବୁକିଛି ସମ୍ଭାଳି ସମ୍ଭାଳି
ବ୍ୟଥିତ ମନରେ ଖୋଜୁଥିଲି
ହତାଶାର ସ୍ୱର
ନିଜର କିଛି ପାଇବା
ଆଉ ହରେଇ ବାର
ଦ୍ୱାହି ଦେଇ
ସବୁକିଛି ଲିଭି ଗଲା ପରେ
ଗମ୍ଭୀର ହୋଇ ଯାଏ
ଯେମିତି ସାଗରରୁ
ବିନ୍ଦୁଏ ପାଣି
ଆଉ ସମୁଦ୍ରର
ମୁଠାଏ ବାଲି
ସ୍ମୃତିର ଲୁହ ଆଉ ଲହୁରେ
କାଣିଚାଏ ସାନ୍ତ୍ୱନା ଆଉ
ଆତ୍ମ ସନ୍ତୋଷର
କିଛି ଆଶା ଆକାଂକ୍ଷାରେ
ଯେମିତି ହଜିଯାଏ
ଆଉ ମଜ୍ଜିଯାଏ
ଚାହିଁ ରହିଥିବା ଅଧିର ପ୍ରାଣରେ
କ୍ଷତ ବିକ୍ଷତ
ମନର ଆଶା ସବୁ
ଯେମିତି କୁରୁଳି ଉଠନ୍ତି
ଶୈଶବରୁ ଯୌବନ ଆଉ ପୌଢ
ଖିଆଲି ମଣିଷଟା ଯେମିତି
ଖୋଜିବୁଲେ ଏ ଗଳିରୁ
ସେ ଗଳିଯାଏ
ଆତ୍ମ ଗୋପନ କରିଥିବ
କାଳେ କିଏ
ଶବ୍ଦ ହୀନ ଯନ୍ତ୍ରଣାରେ
ଛଟପଟ ହେଉଚି କି କିଏ
ନିବୁଜ ଘରର ଭିତରେ
ଯେମିତି ଜନ୍ମରୁ ମୃତ୍ୟୁ ଯାଏ
ମୁଠା ମୁଠା ଦୁଃଖ ଆଉ ଲୁହ
ସାହସ ଆଉ ଧର୍ଯ୍ୟ
ଅନ୍ଧାର ଆଉ ଆଲୁଅର ହିସାବ
ବିଶ୍ୱାସ ଆଉ ଭରସାର
ସ୍ୱଷ୍ଟ ରୂପ ଟିଏ
ବାହାର ଆଉ ଭିତରଟିଏ
ସ୍ଥାନ କାଳ ପାତ୍ରର
ବିଷମତାକୁ
ଖୋଜୁଛି ମୁଁ ଚାରିଆଡ଼େ
ଜୀବନର ଅନ୍ତିମ ପର୍ଯ୍ୟାୟରେ
ଠିଆ ହୋଇ
ଜୀବନର ସଂଜ୍ଞାକୁ ।

♥ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ,
ଯାଜପୁର
ମୋ: ୯୫୫୬୬୪୩୯୨୧

## ମହାଶିବରାତ୍ରି

### ଜନ୍ମଜୟ ନାୟକ



ସକାଳୁ ତୋଳିଛି ବେଲପତର ମୁଁ
ହାତେ ମୋ ଗଇଣ ହାର
ମନେ ଆଜି ମୋର ଆନନ୍ଦ-ଜୁଆର
ବରଷେ ଥରେ ଜାଗର
ଆହେ ନୀଳକଣ୍ଠେଶ୍ୱର
ଜଗତ ବାସୀଙ୍କୁ ଉଦ୍ଧାର କର ହେ
ଘେନ ମୋ କୋଟି ଜୁହାର

ଅରଖ ଫୁଲରେ ତୁମ ଶ୍ରଦ୍ଧା ବୋଲି
କଇଳାସ ପତି ହର
ଅରଖ ଦୁଦୁରା ରଖିଛି ଥାଳିରେ
ଗଞ୍ଜେଇକୁ କଞ୍ଚା କ୍ଷୀର
ସାଦରେ ଗ୍ରହଣ କର
ଲୁହରେ ଜାଳୁଛି ମୁଁ ଆଜି ଦୀପାଳି
ଘେନ ହେ ବରୁଣେଶ୍ୱର

ରାତି ଉଜାଗରେ ଜାଳିବି ଜାଗର
ମନେ ମୋ ଭକତି ଭରି
ଗୁଆ ଘିଅ ସଙ୍ଗେ ନଖିବଳିତା ମୁଁ
ଆଣିଛି ଯୋଗାଡ କରି
କରଇ ମୁହିଁ ଗୁହାରି
ସବୁରି ଜୀବନେ ଦିଅ ଶାନ୍ତି ଭରି
ବେଦନା ଲାଘବ କରି

ତୁମ କୃପା ବାରି ଦିଅ ଶିରେ ଢାଳି
ହେ ପ୍ରଭୁ ଡମ୍ବରୁଧର ...
ରୋଗ, ଶୋକ, ତାପ ହୋଇଯାଉ ଦୂର
ଏତିକି ପ୍ରାର୍ଥନା ମୋର
ଲିଙ୍ଗରାଜ ପ୍ରଭୁ ହର
ଭକତର ମାନ ରଖିଦିଅ ତୁମେ
ପାପପଙ୍କରୁ ଉଦ୍ଧାର

ମାନସିକ ରଖି ରହି ଉପବାସ
ଅଖଣ୍ଡ ବିଶ୍ୱାସ ଧରି
ରୁଦ୍ରାଭିଷେକ ମୁଁ କରେ ଭକ୍ତି ଭରେ
ଜପୁଅଛି ପଞ୍ଚାକ୍ଷରୀ
ଆଜି ମହାଶିବରାତ୍ରି
ଶୁଦ୍ଧ ଚିତ୍ତେ ପୂତ-ଅନ୍ତର ଭାବନା
କହି ରାତି ଯାଉ ସରି ।

ଭକତି ନୈବେଦ୍ୟ କରଇ ଅର୍ପଣ
ଅଧମ ତୁମ ପୟରେ
ତୁମରି ଚରଣେ ଦିଅ ହେ ଶରଣ
ଏତିକି ବିନତୀ କରେ
ମନେ ଖାଲି କୋହ ଭରେ
ଦବାପାଇଁ ନାହିଁ କିଛି ମୋର ପାଶେ
ନୟନୁ ଲୋତକ ଝରେ ।

♥ ଗଣିତ ଶିକ୍ଷକ
ଗୋପୀନାଥ ଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ମୋ: ୯୩୩୭୮୦୦୫୬୫

## ମୋ ସହରର ସକାଳ

### ସ୍ନିଗ୍ଧା.ଜି.ମହାପାତ୍ର



ଏଇ ମୋ ସହରେ ରାତି ଯେବେ କଡ଼ ଲେଉଟାଏ.
ଝରକା କାଚରେ ସକାଳଟା ତା ମୁହଁ ଦେଖାଏ...
କିଛି ସମୟ ନୀରବି ଯାଇଥିବା
ସହରଟା ଚଳଚଞ୍ଚଳ ହୋଇ ଉଠେ
ଲୋକଙ୍କ ମର୍ଣ୍ଣିଙ୍ଗ ଓ୍ୱାକରେ..
ବସଷ୍ଟପରେ ବାସନର ଟଂ ଟାଂ ଶବ୍ଦରେ..
ହକରର ତାଜା ଖବର ତାଜା ଖବର ଡାକରେ..
ବସଷ୍ଟପ ଓ ରେଲୱେ ଷ୍ଟେସନରୁ ଛୁଟିଆସେ
ଗରମ ଜଳଖିଆର ମହକ..
ଚା ଖଟିରେ ଦିଶେ ପୁଣି ପାର୍ଲିଆମେଣ୍ଟର ଝଲକ...

ସକାଳୁ ଆରମ୍ଭ ହୁଏ ଫୁଲ ଚୋରିର ମସୁଧା...
ମହିଳା ଦଳ ଅଟନ୍ତି ଏହାର ପୁରୋଧା...
ହାର ଲୁଟି ତ ଏକ ସାଧାରଣ ଘଟଣା..
ଶିକ୍ଷିତ ହତାଶ ଯୁବଗୋଷ୍ଠୀଙ୍କ ଏହା ଯୋଜନା...
ବେକାରୀ ସହ ବେରୋଜଗାର ଦିଏ ତାଙ୍କୁ ଯାତନା..
ସହଜରେ ଧନ ଅରଜିବାକୁ ଏହାହିଁ ତାଙ୍କମନ୍ତ୍ରଣା
ସହରରେ ସକାଳ ଆରମ୍ଭ ହୁଏ ସଂଘର୍ଷରେ...
ପିଲା ଠାରୁ ପଶୁ ଯାଏ ଏଠାରେ ସମସ୍ତେ କାର୍ଯ୍ୟରତ
କେତେବେଳେ ଛୋଟ ପିଲାଟାଏ ଜରି ଗୋଟାଏ
ପୁଣି ପଶୁଟିଏ କବି ସହ ଜରି ଖାଇବାରେ ବ୍ୟସ୍ତ..
ଇର୍ଷା, ଦ୍ୱେଷର ନଥାଏ ଚିହ୍ନ..
ଯେ ଯାହା କାର୍ଯ୍ୟରେ ରହନ୍ତି ମଗ୍ନ..
ଯିଏ ଆସୁ ମୋ ସହର କରେ ତାକୁ ଆପଣାର..
ବ୍ୟସ୍ତ ବହୁଳ ଦୃଶ୍ୟ ଦେଖାଯାଏ ଏଣୁ ସକାଳର..
ଏଇଠି ଅଡୁଆ ଚୁଟିରବି ରହିଛି ମୂଳ..
କେହି ନୁହେଁ ମୋ ସହର ସହ ତୁଲ..
ରକ୍ତ ଦାନ, ନେତ୍ରଦାନ, ଆରମ୍ଭ ଏଇଠି...
ମଣିଷ ପଣିଆ ହଜିଛି ବୋଲି କହିବି କେମିତି.,.
ନବଜାତକକୁ କେହି ଯଦି ନିକ୍ଷେପେ ଡଷ୍ଟବିନମଧ୍ୟରେ
ଉଦ୍ଧୃତ ପିଲାଟିକୁ ମଧ ସହର କରେ ଆଦର..
ତା ପାଇଁ ପ୍ରସ୍ତୁତ ହୋଇ ରହି ଥାଏ ଗୃହ ସୁଧାର..

♥ ବାରିପଦା
ମୋ: ୯୪୩୭୬୨୫୨୨୧

## କବିଟିଏ ଚାହେ

### ସୁରେଶ କୁମାର ମହାପାତ୍ର

କିଛି କ୍ଷଣର ସ୍ମୃତି
ଅଜସ୍ର ବେଦନା
ଶାଶ୍ୱତ ଅନୁଭୂତି
ଆଉ କଣ ଯେ ଦରକାର
କବିଟିଏ ପାଇଁ ।

କୋଇଲିର କୁହୁ, ସମୁଦ୍ରର ଢେଉ
ଜଙ୍ଗଲୀ ଗଛର ତୁଷାର ଛିଟା
ମାଟିର ବାସ୍ନା ।

ସ୍ଥାଣୁ ଅତୀତ, ଭଗ୍ନ ସ୍ତୁପ
ସେଠି ଅଙ୍କିତ
ଧୂସୁରିଆ ରକ୍ତିମ ଭାଷା ।

ପ୍ରେମିକା ପାଉଁଜିର ଶବ୍ଦ
ମୟୂରର ଘୁଙ୍ଗୁର ନାଚ
ଗାଇର ହମ୍ବା ରଡି
ଆଉ କଣ ଯେ ଦରକାର ।

ଫିକା ଫିକା ଜହ୍ନ ରାତି
ଝିପି ଝିପି ବର୍ଷା
ଗୋଟେ କପ ଚାହା
ଟୋପାଏ ପ୍ରେମ, ଆଞ୍ଜୁଳେ ଜଖମ
ଖଣ୍ଡିଏ କାଗଜ, ଚାଖଣ୍ଡେ କଲମ ।

ନାହିଁ ନାହିଁ ଲୋଡ଼ା ନାହିଁ
ରାଜର ଉଆସ, ରାଜ୍ୟର ମୁକୁଟ
ଲୋଡାନାହିଁ
ସ୍ୱର୍ଣ୍ଣିମ ଇତିହାସ, ସ୍ୱର୍ଣ୍ଣ ପଦକ
କବିଟିଏ ଚାହେଁ ଖାଲି
ବିମୁଗ୍ଧ ପାଠକ ।

♥ ଅଖୁସିଙ୍ଗି, ରାୟଗଡା
ମୋ: ୭୬୯୨୯୨୮୬୨୯

## ଆସ ପ୍ରିୟତମ

### ଦୀପ୍ତି ମିଶ୍ର



ଆହେ ପ୍ରିୟତମ ତୁମେ ମୋ ଜୀବନେ
ଅଲେଖା କାହାଣୀ ଟିଏ...
ଆହେ ପ୍ରିୟତମ ତୁମ ମୋ ନୟନେ
ଆଦେଖା ଚାହାଣୀ ଟିଏ...

ଆହେ ସଖା ତୁମେ ମୋ ହୃଦେ ଗୋପନେ
ଫୁଟ ହୋଇ ପ୍ରୀତି ଫୁଲ,
ମୋ ଜୀବନ ଯଜ୍ଞ ଅଗ୍ନି କୁଣ୍ଡେ ସତେ
ତୁମେ ଏକ ନିଆଁ ଝୁଲ....

ତୁମେ ବର୍ଷା ଜଳ ମୁଁ ଏକ ଚକୋର
ଚାହିଁ ରହେ ତୁମ ପଥ,
ତୁମେ ମେଘ ମାୟା ମୁଁ ତୁମର ଛାୟା
ତୁମେ ମୋର ସ୍ୱପ୍ନ ରଥ ।

ବସନ୍ତରେ ଆସ ମଳୟ ହୋଇ କି
ଛୁଇଁ ଯାଅ ଦେହ ମନ...
ପୁଲକିତ କରି ପ୍ରାଣର ପାଦପ
ଭରି ଦିଅ ଦିବ୍ୟ ପ୍ରେମ...

ତୁମେ ନୀଳ ନଭ ମୁଁ ତୁମ ବିଭବ
ମୁକ୍ତ ବିହଙ୍ଗୀ ଟିଏ,
ଡେଣା ଝାଡ଼ି ତୁମ ଅନନ୍ତ ସୀମାକୁ
ଛୁଇଁ ବାକୁ ମନ ଚାହେଁ ।

ତୁମେ ପରବତ ମାଳା ଅଟ ଯଦି
ମୁଁ ତହିଁରେ ବୃକ୍ଷ ଟିଏ,
ଶୀତଳତା ଭରି ଖୁସି ଦେବା ପାଇଁ
ସଦା ଏହି ମନ ଚାହେଁ ।

ଆହେ ମଧୁ କର ମଧୁର ମଧୁର
ତୁମ ସେହି ସ୍ମିତ ହସ...
ଶୂନ୍ୟତା ଭିତରେ ପୂର୍ଣ୍ଣତାର ଭାବ
ଭରେ ଜୀବନ କଳସ ।

ପ୍ରେମ ଶାଶ୍ୱତ ପ୍ରେମ ଚିରନ୍ତନ
ଜୀବନର ମୂଳ ମନ୍ତ୍ର...
ତୁମ ପ୍ରେମ ବିନା ଜୀବନ ଅସାର
ଝୁରେ ସଦା ହୃଦ ତନ୍ତ୍ର ।

ଆସ ପ୍ରିୟତମ ଝୁଲି ଝୁଲି ମମ
ହୃଦ ସିଂହସନେ ବସ,
ମୁହୂର୍ତ୍ତକ ପାଇଁ ତୁମ ପ୍ରେମେ ମୁହିଁ
ବୁଲି ଯାଏ ତୁମ ଦେଶ ।

♥ ବାରିପଦା

## ବନ୍ଧନ

### ନବୀନ ସାହୁ



ତମ ହାତେ ମୋର ହାତ ଅଛି
ଏମିତି ହିଁ ଥାଉ
ଯେତେ ଦିନ ଯାଏଁ ପିଣ୍ଡେ ପ୍ରାଣ ଅଛି ।
ଦିନ-ଚକ ଗଡୁ ଥାଉ
ମାଟି ଥାଉ, ପାଣି ଥାଉ
ପବନ ବି ବହୁଥାଉ
କେବେ ପ୍ରଦୂଷଣ ତ କେବେ ସ୍ୱଚ୍ଛ ହେଉ
ଏ ସମ୍ପର୍କ ଆମର ସଦା ରହିଥାଉ ।
କାନନରେ ଫୁଲ ଆକାଶେ ଚନ୍ଦ୍ରମା
ତାରାଫୁଲ ଫୁଟୁ ପ୍ରତି ନିଶି
ହୃଦୟର ସର ନ ଶୁଖୁ କେବେ ବି
ପ୍ରେମ କଇଁ ଫୁଟୁ ଦେଖୁ ଶଶୀ ।
ମୁକ୍ତ ଛନ୍ଦର କବିତା ହେଉ
କେବେ ପୁଣି ଛନ୍ଦରେ ଛନ୍ଦି ହେଉ ମନ
ନାଚି ଉଠୁ ନାନା ରାଗେ ଅମୂଲ୍ୟ ଜୀବନ ।
କେବେ ଖରା କେବେ ବର୍ଷା
ମୋଗଲ ପରି ଶୀତ ଆସୁ
କେବେ ରାଗ କେବେ ରୋଷ
ପୁଣି ଖୁସି ଫେରି ଆସୁ ।
ଅଭାବର ଚାବୁକ ମାଡ଼ ସହି ଥିବା
ଦୁର୍ଦ୍ଦିନ ବି ଆପେ ଦିନେ ଚାଲିଯିବ
ଖାଲି ତୁମେ ଛାଲି ପରି ସାଥେ ମୋର
ରହିଥାଅ
ଖୁସିର ଜୁଆର ନିଷ୍ଟେ ପାଦ ତୁମ ଚୁମି ଯିବ ।

♥ ବେହେରାଟାଲ, ଦହିଗାଁ, ବରଗଡ଼
ମୋ: ୬୨୬୪୫୩୦୧୮୮

## ଫଳାଫଳ

### ସୁଶାନ୍ତ ରଣା



ମୁଁ,
ନା ପ୍ରାର୍ଥୀ,
ନା ରାଜନେତା,
ନା କର୍ମୀ, ନା ସାଥି ସମର୍ଥକ

ହଁ,
ମୁଁ ଜଣେ ନିରୀହ
ସାଧାରଣ ଭୋଟର !

ତଥାପି,
ସରିଯାଇ ଥିବା
ତ୍ରିସ୍ତରୀୟ ପଞ୍ଚାୟତ
ନିର୍ବାଚନର ହେଉଥିବା
ଭୋଟ ଗଣତିର ଫଳାଫଳକୁ
ଅପେକ୍ଷା କରି ଚାହିଁ ରହିଛି
ଚାତକ ପକ୍ଷୀ ପ୍ରାୟେ ।

ଚାହିଁ ରହିଛି ସକାଳରୁ ସଞ୍ଜ
ସଞ୍ଜରୁ ସକାଳ ଭୋଟ ଗଣତିର
ଶେଷ ଫଳାଫଳ ସମୟକୁ

ମୋ ଅଧିକାର,
ବିଜୟ ହେଉ ଅବା ପରାଜୟ
ତାହା ତ ବହୁମତ ହିଁ ନିର୍ଣ୍ଣୟ କରିବ ।

♥ ତେରେସିଂହା, ଜି. କଳାହାଣ୍ଡି
ମୋ: ୭୮୯୪୬୫୮୨୭୪

# ସପ୍ତମ ବେତନ ଦାବିରେ ୨୦୧୮ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ବୈଠକ

ଭୁବନେଶ୍ୱର,୨୮/୦୨ (ନି.ପ୍ର): ୨୦୧୮ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘର ଏକ ରାଜ୍ୟସ୍ତରୀୟ ବୈଠକ ରାଜ୍ୟ ସଭାପତି ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତିଙ୍କ ସଭାପିତ୍ୱରେ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼େମୀଠାରେ ଅନୁଷ୍ଠିତ ହେବା ସହ ୨୦୧୮ ଅନୁଦାନ ଅଧିନସ୍ଥ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ତୁରନ୍ତ ସପ୍ତମ ବେତନ ଲାଗୁ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଛି। ୨୦୧୭ ମସିହାରେ ବ୍ଲକ ଗ୍ରା ଉଚ୍ଛେଦ ସମୟରେ ତ୍ରୁଟିପୂର୍ଣ୍ଣ ଭାବେ ବଂଚିତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ୨୦୧୮ ମସିହାରେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଅନୁଦାନ ନିର୍ଦ୍ଦେଶନାମା ଘୋଷଣା କରିଥିଲେ ଏବଂ ସେଥିରେ ଉଲ୍ଲେଖ ଥିଲା ଯେ, ୨୦୧୭ ଅନୁଦାନ ଅଧିନସ୍ଥ ଅଧ୍ୟାପକ ଓ କର୍ମଚାରୀମାନଙ୍କ ପାଇଁ ଯେତେବେଳେ ଦରମା ବୃଦ୍ଧି ନିଷ୍ପତି ନିଆଯିବ ହେବ ତାହା ଅନୁପାତିକ ହାରରେ ୨୦୧୮ ଅନୁଦାନପ୍ରାପ୍ତ ବର୍ଗ ପାଇଁ ଲାଗୁ ହେବ। କିନ୍ତୁ ପରିତାପର ବିଷୟ ଏହିକି ଯେ, ବହୁ ଆନ୍ଦୋଳନ ଓ ଆଲୋଚନା ପରେ ରାଜ୍ୟ ସରକାର କ୍ୟାବିନେଟରେ ତା ୩୧.୧୨.୨୦୨୧ରିଖ ଦିନ ଏକ ନିଷ୍ପତି ନେଲେ। ସେହିଦିନ ପର୍ଯ୍ୟନ୍ତ ଶତ ପ୍ରତିଶତ ଦରମା ପାଉଥିବା ଅଧ୍ୟାପକ ଓ କର୍ମଚାରୀମାନେ ସପ୍ତମ ବେତନ ପାଇବେ ବୋଲି ନିଷ୍ପତି ନିଆଗଲା। ଦୁର୍ଭାଗ୍ୟବଶତଃ ୨୦୧୮ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀମାନେ ୧.୧.୨୦୨୨ ରିଖରେ ଶତ ପ୍ରତିଶତ ଦରମା ପାଇବା ପାଇଁ ଯୋଗ୍ୟ ହୋଇଥିଲେ ସୁଦ୍ଧା ୬ ଘଂଟା ଅନ୍ତର ପାଇଁ ସପ୍ତମ ବେତନ ପାଇବାରୁ ବଂଚିତ ହୋଇଛନ୍ତି। ଆଜିର ବୈଠକରେ ସମଗ୍ର ରାଜ୍ୟରୁ ଯୋଗ ଦେଇଥିବା ଅଧ୍ୟାପକ ଓ କର୍ମଚାରୀ ପ୍ରତିନିଧିମାନେ ସରକାର ତୁରନ୍ତ ତ୍ରୁଟିପୂର୍ଣ୍ଣ ସପ୍ତମ ବେତନ ଘୋଷଣା ସଂଶୋଧନ କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ଅତୀତରେ ୪୦, ୬୦, ୭୫ ପ୍ରତିଶତ ଭଳି ଦୁଃଖଦପୂର୍ଣ୍ଣ ଦରମା ପାଇ ଆସିଥିବା ବେଳେ ଏହିବର୍ଗଙ୍କ ପାଇଁ ସରକାରଙ୍କ ନିଷ୍ପତି ଏକ ନିରାଶାର ବାତାବରଣ ସୃଷ୍ଟି କରିଛି। ସଂଘ ତରଫରୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଉଚ୍ଚଶିକ୍ଷା ଶାସନ ସଚିବଙ୍କୁ ଦାବି ସମ୍ବନ୍ଧରେ ଅବଗତ କରିବା ସହିତ ନ୍ୟାର୍ଯ୍ୟଦାବି ପୂରଣ ପାଇ ନିବେଦନ କରାଯାଇଛି। ସଂଘ ତରଫରୁ ଭବିଷ୍ୟତରେ ସରକାରଙ୍କ ସହିତ ସମସ୍ତ ଆଲୋଚନାରେ ୨୦୧୮ବର୍ଗର ପ୍ରତିନିଧିଙ୍କୁ ସାମିଲ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଏହି ବୈଠକରେ ସଂଘର ସାଧାରଣ ସମ୍ପାଦକ ସଞ୍ଜିବ କୁମାର ରାଉତ, ଉପସଭାପତି ଅନିଲ ଦେବତା, ପ୍ରଭାତ ରଞ୍ଜନ ଦାସ, ଦୈତାରୀ ପୂଜାରୀ, ମାନସ ପଣ୍ଡା, ସୁରେଶ ମାଣ୍ଡୋଇ, ଜ୍ୟୋତିପ୍ରକାଶ ରାଉତ, ମାନସ କୁମାର ନାୟକ, ସୁଜାତା ମିଶ୍ର ପ୍ରମୁଖ ଯୋଗ ଦେଇ ଆଗାମୀ ଦିନରେ ଦାବି ହାସଲ କରିବା ପାଇଁ ସରକାରଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ଦାବି କରାଯାଇଛି।

# ମାର୍କେଟ ବିଲ୍ଡିଙ୍ଗରେ ଉଠା ଦୋକାନୀଙ୍କ ପ୍ରାଦୁର୍ଭାବ : ତୁଟିଲେ ଅଡୁଆ ଉଠିବ ଅଳିଆ

ଭୁବନେଶ୍ୱର,୨୮/୦୨ (ନି.ପ୍ର): ମାର୍କେଟ ବିଲ୍ଡ଼ିଙ୍ଗ, ୟୁନିଟ୍-୨ରେ ମୂଳ ଦୋକାନୀମାନଙ୍କ ପାଇଁ ଉଠା ଦୋକାନୀ ବିପଦ ହୋଇଛନ୍ତି। ଉଠାଦୋକାନୀଙ୍କ ପାଇଁ ବଡ଼ ଦୋକାନୀମାନଙ୍କୁ ଗ୍ରାହକ ଆସୁନାହାଁନ୍ତି। ବିଶେଷକରି ପାର୍କିଂ ସମସ୍ୟା ଦେଖାଦେଇଛି। ରାଜଧାନୀର ମାର୍କେଟ ବିଲ୍ଡିଙ୍ଗରେ ଉଠାଦୋକାନୀମାନେ ଜବରଦଖଲ କରି ଆସୁଥିବାରୁ ବଡ ବଡ ଦୋକାନୀମାନଙ୍କ ପାଇଁ ସମସ୍ୟା ଦେଖାଦେଇଛି। ସେଣ୍ଟ୍ରାଲ ମାର୍କେଟ ଆସୋସିଏସନ ବାରମ୍ବାର ବିଏମସି ଓ ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ୭ ବର୍ଷ ତଳେ ମାର୍କେଟ ଆସୋସିଏସନ ଏହି ସମାସ୍ୟା ବିଏମସି ଓ ପୁଲିସର ଦୃଷ୍ଟି ଆକର୍ଷଣ କରିବାରୁ ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଥିଲା। ତତ୍କାଳୀନ ପୋଲିସ କମିଶନର ଆର.ପି .ସିଂ ଓ ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା ପଦକ୍ଷେପ ନେବାରୁ ଉଠା ଦୋକାନୀମାନେ ମାର୍କେଟ ବିଲ୍ଡିଙ୍ଗ ଭିତରୁ ଉଠିବାକୁ ବାଧ୍ୟ ହୋଇଥିଲେ। କରୋନା ସମୟରେ କିଛିଦିନ ମାର୍କେଟ ବନ୍ଦ ରହିଥିଲା। କଟକଣା କୋହଳ ହେବାପରେ ଆସ୍ତେ ଆସ୍ତେ ପୁର୍ନବାର ଉଠା ଦୋକାନୀମାନେ ଏଠାରେ ଆଡ୍ଡା ଜମାଇ ମୂଳ ଦୋକାନୀମାନଙ୍କ ବ୍ୟବସାୟରେ ବାଧକ ସାଜିଛନ୍ତି। ମାର୍କେଟ ଆସୋସିଏସନ ପକ୍ଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ଯେଉଁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା ତାହା ଏବେ ଭାଙ୍ଗିରୁଜି ଯିବାକୁ ବସିଛି। ଉଠାଦୋକାନୀ ମାନଙ୍କ ସହିତ ସଂଘର ବିବାଦ ଦେଖାଦେଇଛି। ଏଭଳିକି ଏଠାରେ ଗଣ୍ଡଗୋଳ ଘଟି ଦୁଇଟି ମାମଲା ରୁଜୁ ହୋଇଛି। ଏହି ସମସ୍ୟା ସମାଧାନ ପାଇଁ ବିଏମ୍‌ସି ଆଡ଼ିସିନାଲ କମିଶନର, ଜେଡ଼ିସି ଏବଂ କ୍ୟାପିଟାଲ ଥାନା ଏସିପି ମିଳିତ ବୈଠକ ସଂଘ କର୍ମକର୍ତ୍ତାଙ୍କ ସହ କରିଥିଲେ। ଯାହା ଲିଖିତ ପ୍ରତିଶ୍ରୁତି ଦେଇଥିଲେ, ତାହା କିଛିଦିନ କାର୍ଯ୍ୟକାରୀ ହେଲା ପରେ ପୁନର୍ବାର ଉଠାଦୋକାନୀମାନେ ଜବରଦଖଲ ଆରମ୍ଭ କରିଛନ୍ତି। ଲିଖିତ ପ୍ରତିଶ୍ରୁତି ଅନୁଯାୟୀ ନା ବିଏମ୍‌ସି କମିଶନର ନଜର ଦେଲେ କିମ୍ବା ପୋଲିସ୍ ନିଜ ଦାୟିତ୍ୱ ତୁଲାଇଲେ ନାହିଁ। ଆଇ.ଆଇ.ସି ଓ ଉଠାଦୋକାନୀଙ୍କ ମଧୁଚନ୍ଦ୍ରିକା ସମସ୍ତ ବ୍ୟବସ୍ଥା ଓ ଶୃଙ୍ଖଳାକୁ ବିଗାଡ଼ି ଦେଇଛି। ଏହା ପୂର୍ବରୁ ମାର୍କେଟ ୪ଦିନ ବନ୍ଦ ରହିଥିଲା। ଏବେ ଉଠାଦୋକାନୀଙ୍କୁ ଉଠାଇବା ପାଇଁ ପ୍ରତିବାଦ ସ୍ୱରୂପ ମାର୍କେଟ ଭିତରୁ ଅଳିଆ ଉଠାଯାଉନାହିଁ। ଅଡୁଆ ନ ତୁଟିବା ପର୍ଯ୍ୟନ୍ତ ଅଳିଆ ପଡ଼ିରହିବ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି। ମୂଳ ଦୋକାନୀମାନେ ବ୍ୟବସାୟ କଲେ ସରକାରଙ୍କୁ ଜିଏସ୍‌ଟି ଦେଉଛନ୍ତି। ହେଲେ ଉଠାଦୋକାନୀମାନେ କିଛି ଦାଦାବଟି ଦେଇ ମୁଖ୍ୟ ଦୋକାନୀମାନଙ୍କ ପାଇଁ ସମସ୍ୟା ପାଲଟିଛନ୍ତି। ବଏମ୍‌ସି କମିଶନର ସମୟ ଦେଇ ୫ଥର ଡ଼ାକିଛନ୍ତି ହେଲେ ସାକ୍ଷାତ୍ ଦେଲେନାହିଁ। ଏହି ସମସ୍ୟା ପ୍ରତି ୫-ଟି ସଚିବ ଭି.କେ. ପାଣ୍ଡିୟାନ ଦୃଷ୍ଟି ଦେବାକୁ ସଂଘ ଦାବି କରିଛି। ଆଗକୁ ଏହି ସମସ୍ୟା ଲାଗି ରହିଲେ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ପୋଲିସ୍ ଦାୟୀ ରହିବ। ନିକଟରେ ୪ ଦିନ ପାଇଁ ମାର୍କେଟ ବିଲ୍ଡିଙ୍ଗ ସଂଘ ପକ୍ଷରୁ ବନ୍ଦ କରାଯାଇ ଏହାର ଆସୁ ସମାଧାନ ପାଇଁ ଦାବି କରାଯାଇଥିଲା। ବିଏମସି କର୍ତ୍ତୃପକ୍ଷ ଓ କ୍ୟାପିଟାଲ ପୋଲିସ ଥାନା ଅଧିକାରୀ ଏସିପି ଆସି ଆଲୋଚନା କରି ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାର୍କେଟ ବିଲ୍ଡିଙ୍ଗ ଭିତରେ ମୂଳ ଦୋକାନୀ ୨୦୦ ରହିଥିବା ବେଳେ ଉଠାଦୋକାନୀଙ୍କ ସଂଖ୍ୟା ୫୦୦ ଟପିଛି । ପୋଲିସର ନୀରବତା ଓ ବିଏମସିର ବେଖାତିର ପାଇଁ ଉଠା ଦୋକାନୀମାନେ ଆଉଥରେ ବସିବାକୁ ସାହାସ ପାଇଛନ୍ତି।

# ନବୀନଙ୍କ ତୁଳନାରେ ବିଜେପିର ଚେହେରା ନଥିବାରୁ ହାରିବାକୁ ପଡିଲା: ଖାରବେଳ

ଭୁବନେଶ୍ୱର,୨୮/୦୨ (ନି.ପ୍ର): ତୃତୀୟ ଦିନ ଗଣତି ସୁଦ୍ଧା ଜିଲ୍ଲା ପରିଷଦ ଜୋନ ଟ୍ରେଣ୍ଡ ଅନୁଯାୟୀ ବିଜେଡି ୭୩୪, ବିଜେପି ୪୨, କଂଗ୍ରେସ ୩୫ ଓ ଅନ୍ୟମାନେ ୮ ଜିଲ୍ଲା ପରିଷଦ ଆସନରେ ଆଗୁଆ ରହିଛି । ତେବେ ବିଜେଡିର ଏକତରଫା ବିଜୟ ନେଇ ଏବେ ରାଜନୈତିକ ମହଲରେ ଆଲୋଚନା ଜୋର ଧରିଛି । ବିଶେଷ କରି ୨୦୧୭ ପଂଚାୟତ ନିର୍ବାଚନରେ ବିଜେପି ଭଲ ପ୍ରଦର୍ଶନ କରିଥିଲେ ବି ଚଳିତ ନିର୍ବାଚନରେ ବିଜେପି ସେଭଳି ସନ୍ତୋଷଜନକ ଫଳାଫଳ କରିପାରିନାହିଁ । ଆଉ ବର୍ତ୍ତମାନ ପଂଚାୟତ ନିର୍ବାଚନରେ ବିଜେପି ଫେଲ ନେଇ ବରିଷ୍ଠ ନେତା ଖାରବେଳ ସ୍ୱାଇଁ ପ୍ରତିକ୍ରିୟା ରଖିଛନ୍ତି। ଖାରବେଳ ରାଜ୍ୟରେ ବିଜେପି ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ବିଜେପିରେ ନେତୃତ୍ୱ ସଙ୍କଟ ପାଇଁ ଦଳ ହାରିଲା। ନବୀନଙ୍କ ତୁଳନାରେ ବିଜେପିର ଚେହେରା ନାହିଁ । ଆଉ ନିର୍ବାଚନ ଫଳାଫଳ ପରେ କେନ୍ଦ୍ରୀୟ ନେତୃତ୍ୱ ନିଷ୍ପତ୍ତି ନେବେ । ନବୀନଙ୍କୁ ହରାଇବା ପାଇଁ ବିଜେପିରେ ଚେହେରା ଅଛନ୍ତି କିନ୍ତୁ ମୁଁ ବର୍ତ୍ତମାନ ନାମ ପ୍ରକାଶ କରିବା ଠିକ ନୁହେଁ । ସୂଚନା ଥାଉ କି ଗତକାଲି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ବିଜେପିର ଭଲ ଫଳାଫଳ ନ ହେବା ଓ ଧର୍ମେନ୍ଦ୍ର ପ୍ରଚାର ନ କରିବା ନେଇ ଉତ୍ତରପ୍ରଦେଶ ନିର୍ବାଚନ ଓ ସଂସଦ ଅଧିବେଶନକୁ ଦାୟୀ କରିଥିଲେ । ସେ କହିଥିଲେ ଯେ ସରକାରୀ ଦଳ ଅର୍ଥ ବଳରେ ଜିତୁଛି । ଟଙ୍କା ଦେଇ ଭୋଟ କିଣାଯାଉଛି ଓ ସ୍ୱାଧୀନ ଭାବେ ମତଦାନ ପାଇଁ ସୁଯୋଗ ଦିଆଗଲାନାହିଁ । ସଂସଦ ଅଧିବେଶନ ଯୋଗୁଁ ନେତାମାନେ ସମୟ ଦେଇପାରିଲେ ନାହିଁ । ବିଶେଷ କରି ଧର୍ମେନ୍ଦ୍ର ପ୍ରଧାନ ଉତ୍ତରପ୍ରଦେଶ ପ୍ରଭାରୀ ଥିବାରୁ ଓ ଉତ୍ତରପ୍ରଦେଶରେ ଭୋଟ ବ୍ୟସ୍ତତା ଯୋଗୁଁ ସମୟ ଦେଇପାରିନାହାନ୍ତି ।

# ସୁନ୍ଦରଗଡ଼ରେ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହିଁ ହେମାନନ୍ଦ ବିଶ୍ୱାଳଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୮/୦୨ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ଜନନେତା ହେମାନନ୍ଦ ବିଶ୍ୱାଳ ସମାଜର ଅବହେଳିତ ତଥା ତଳସ୍ତରରେ ଥିବା ଆଦିବାସୀ, ଦଳିତ, ପଛୁଆ ଶ୍ରେଣୀ ଏବଂ କୃଷକ ତଥା ଗରିବ ମଣିଷଙ୍କ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ ପାଇଁ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସଂଗ୍ରାମ କରିଯାଇଛନ୍ତି ଓ ତାଙ୍କର ଇଚ୍ଛାମୁତାବକ ଆଦିବାସୀ ଅଧ୍ୟୁଷିତ ପଛୁଆ ଜିଲ୍ଲା ସୁନ୍ଦରଗଡ଼ରେ ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟର ଆଂଚଳିକ ଶାଖା ପ୍ରତିଷ୍ଠା କରାଗଲେ ଏହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଆଜି ଅପରାହ୍ନରେ ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ମତବ୍ୟକ୍ତ କରାଯାଇଅଛି । ଗତ ଦୁଇ ଦଶନ୍ଧି ଧରି ହେମାନନ୍ଦ ବିଶ୍ୱାଳ ଉତ୍କଳ ବିକାଶ ଯୁବପରିଷଦର ମୁଖ୍ୟ ଉପଦେଷ୍ଟା ତଥା ଗତ ଆଠ ବର୍ଷ ଧରି ଅନୁଷ୍ଠିତ ହେଉଥିବା ନେତାଜୀ ସୁଭାଷ ଜନ୍ମମାଟିରୁ ଯୁଦ୍ଧଭୂମି ଯାତ୍ରାର ମୁଖ୍ୟ ପୃଷ୍ଠପୋଷକ ରହିଆସିଥିଲେ । ତାଙ୍କ ବିୟୋଗରେ ସମଗ୍ର ଓଡ଼ିଶା ମଣିଷକୁ ଭଲ ପାଉଥିବା ଜଣେ ସଚ୍ଚୋଟ ନିଷ୍ଠାପର ଯୁବପ୍ରେମୀ ଜନଦରଦୀ ନେତା ତଥା ଭଲ ମଣିଷକୁ ହରାଇଲା। ସୁନ୍ଦରଗଡ଼ ଲୋକସଭା ସଦସ୍ୟ ଥିବା ସମୟରେ ସୁନ୍ଦରଗଡ଼ଠାରେ ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ଆଂଚଳିକ ଶାଖା ପ୍ରତିଷ୍ଠା ନିମନ୍ତେ ସେ ଆପ୍ରାଣେ ଉଦ୍ୟମ କରିଥିଲେ । ଏପରିକି ତତ୍କାଳୀନ୍ କେନ୍ଦ୍ର ସରକାର ତାଙ୍କ ଦାବି ପ୍ରତି ନୀତିଗତ ଭାବେ ସକରାତ୍ମକ ପଦକ୍ଷେପ ନେବାପାଇଁ ନିଷ୍ପତି ଗ୍ରହଣ କରିଥିଲେ। ତୃଣମୂଳ ସ୍ତରରୁ ରାଜ୍ୟର ସର୍ବୋଚ୍ଚ ପଦବୀ ମଣ୍ଡନ କରିଥିବା ସ୍ୱର୍ଗତ ବିଶ୍ୱାଳ ପେଶାରେ ଥିଲେ ଜଣେ କୃଷକ । ଏଣୁ ତାଙ୍କ ଆତ୍ମା ଚାଷୀ ଓ ଆଦିବାସୀଙ୍କର ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ବିକାଶ ଦିଗରେ ବ୍ୟାକୁଳିତ ହେଉଥିଲା । ଏହି ବିଶ୍ୱବିଦ୍ୟାଳୟ ଶାଖା ପ୍ରତିଷ୍ଠା ହେଲେ ତାଙ୍କ ଆତ୍ମା ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଆଜି ଶ୍ରଦ୍ଧାଞ୍ଜଳି ସଭାରେ ଦେବୀ ପ୍ରସାଦ ପୃଷ୍ଟି, ଅରୁଣ ଜେନା, ମନୋରଂଜନ ନାୟକ ଓ ସୋମା କର୍ମକାର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱାଳଙ୍କର ପୂର୍ଣ୍ଣାଙ୍ଗ ଫଟୋ ଚିତ୍ରରେ ସମୂହ ମାଲ୍ୟାର୍ପଣ କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ଗଡ଼ ବଜାୟ ରଖିଲା ବିଜେଡି

ପୁରୁଣା ଭୁବନେଶ୍ୱର: ୨୯ନଂ ଜିଲ୍ଲା ପରିଷଦ ଜୋନ୍‌ରେ ବିଜେଡି ପ୍ରାର୍ଥୀ ସୁବାସ ସୁନ୍ଦରରାୟ ୪୬୭ ଖଣ୍ଡ ଭୋଟ୍‌ରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ସୁଜିତ ବଲବନ୍ତରାୟଙ୍କୁ ପରାସ୍ତ କରିଛନ୍ତି । ମଧରାତିରେ ଏହି ଫଳାଫଳ ଘୋଷଣା ହେବା ପରେ ସମର୍ଥକଙ୍କ ଗହଣରେ ସୁବାସ ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଗତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ମଧ୍ୟ ଏଠାରୁ ବିଜେଡି ଜିଲ୍ଲା ପରିଷଦ ଆସନ ହାତେଇଥିଲା। ତେଣୁ ଏଥରକ ବିଜେଡିର ଗଡ଼ ସୁରକ୍ଷିତ ରଖିବାରେ ସମର୍ଥ ହୋଇପାରିଛି ବୋଲି କୁହାଯାଉଛି।

୨୮ ନମ୍ବର ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରଭାତ ପରିଡ଼ା ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱନାଥ ପିଙ୍ଗୁଆଙ୍କୁ ୩୦୧ ଭୋଟ୍‌ରେ ହରାଇଛନ୍ତି। ସେହିପରି ଭୁବନେଶ୍ୱର ବ୍ଲକର ୬ଟି ପଂଚାୟତ ମଧ୍ୟରୁ କଣ୍ଟାବାଡ଼ର ସମିତି ସଭ୍ୟ ପ୍ରାର୍ଥୀ ସସ୍ମିତା ବେହେରା ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସାବିତ୍ରୀ ସିଂଙ୍କୁ ୨୫୦ ଭୋଟରେ ପରାଜିତ କରିଛନ୍ତି। ପ୍ରଭାସିନୀ ସାହୁଙ୍କଠାରୁ ୩୪ ଖଣ୍ଡ ଭୋଟ୍ ଅଧିକ ପାଇ ସରପଂଚ ଭାବେ ଲକ୍ଷ୍ମୀ ସାହୁ ବିଜୟୀ ହୋଇଛନ୍ତି। ଚନ୍ଦକା ସମିତି ସଭ୍ୟ ଭାବେ ଆକାଶ ବେହେରା ଜିତିଛନ୍ତି। ସରପଂଚ ଭାବେ ଅଜୟ ବେହେରା ବିଜୟ ଲାଭ କରିଛନ୍ତି।

ଦାରୁଠେଙ୍ଗ ପଂଚାୟତ ସମିତି ସଭ୍ୟ ପ୍ରାର୍ଥୀ ଅଜିତ ଶ୍ରୀଚନ୍ଦନ ଓ ସରପଂଚ ଭାବେ ତପନ ଚକ୍ରବର୍ତ୍ତୀ ବିଜୟ ହୋଇଛନ୍ତି। ଅନ୍ଧାରୁଆ ସରପଂଚ ଭାବେ ସ୍ୱର୍ଣ୍ଣଲତା ବଳିୟାରସିଂହ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଦ୍ୟୁତପ୍ରଭା ପ୍ରଧାନଙ୍କୁ ୭୪୦ ଖଣ୍ଡ ଭୋଟ୍‌ରେ ହରାଇଛନ୍ତି। ସମିତି ସଭ୍ୟ ପ୍ରାର୍ଥୀ ଜ୍ୟୋସ୍ନା ଦେହୁରୀ ତାଙ୍କର ପ୍ରତିଦ୍ୱନ୍ଦୀ ପୁଷ୍ପାରାଣୀ ସ୍ୱାଇଁଙ୍କଠାରୁ ୧୨୦୭ ଭୋଟରେ ଜିତିଛନ୍ତି। ମଳିପଡ଼ା ପଂଚାୟତରେ ସମିତି ସଭ୍ୟ ପ୍ରାର୍ଥୀ ଲୁସିବାଳା ମଙ୍ଗରାଜ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମମତା ଲେଙ୍କାଙ୍କ ଠାରୁ ୩୪୪ ଖଣ୍ଡ ଅଧିକ ଭୋଟ ପାଇଛନ୍ତି।

ସରପଂଚ ପ୍ରାର୍ଥୀ ସୁନୀଲ କୁମାର ମୁଦୁଲି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଯଶୋବନ୍ତ ମହାନ୍ତିଙ୍କୁ ୨୭ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ସେହିପରି ମେଣ୍ଢାଶାଳ ପଂଚାୟତରେ ସମିତି ସଭ୍ୟ ପ୍ରାର୍ଥୀ ସରୋଜ କୁମାର ବେହେରା ବିଜୟୀ ହୋଇଛନ୍ତି। ସରପଂଚ ପ୍ରାର୍ଥୀ କୌଶଲ୍ୟା ବଳିୟାରସିଂହ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିଷ୍ଣୁପ୍ରସାଦ ବାହିନୀପତିଙ୍କୁ ୬୬୭ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି।

# ଲକ୍ଷାଧିକ ଟଙ୍କାର ୨ ହାତୀଦାନ୍ତ ଜବତ: ଶିକାରୀ ଗିରଫ

ଭୁବନେଶ୍ୱର,୨୮/୦୨ (ନି.ପ୍ର): ହାତୀ ଦାନ୍ତ ଚୋରା ଚାଲାଣ ବେଳେ କ୍ରାଇମ୍‌ବ୍ରାଂଚ ଏସ୍‌ଟିଏଫ୍ ଟିମ୍ ଚଢ଼ଉ କରି ଜଣେ ଶିକାରୀକୁ ଗିରଫ କରିଛି। ସେ ହେଲା, କେନ୍ଦୁଝର ସଦର ଥାନା କାଳନ୍ଦା ଅଂଚଳର ରମାକାନ୍ତ ପ୍ରଧାନ। ତା'ଠାରୁ ୫ କେଜି ୬୬୨ ଗ୍ରାମ୍ ଓଜନର ଦୁଇଟି ହାତୀଦାନ୍ତ ସହ କିଛି ଗୁରୁତ୍ୱପୂର୍ଣ୍ଣ ଜିନିଷ ଜବତ ହୋଇଛି। ଜବତ ହାତୀଦାନ୍ତର ବଜାର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ରମାକାନ୍ତ ସ୍ଥାନୀୟ ଜଙ୍ଗଲରୁ ଜଙ୍ଗଲୀ ଜୀବଜନ୍ତୁ ଅବାଧରେ ଶିକାର କରି ମାଫିଆଙ୍କୁ ଦାନ୍ତ, ନଖ, ଚମଡ଼ା ଆଦି ଯୋଗାଉଥିବା ନେଇ ଏସ୍‌ଟିଏଫ୍ ହାତରେ ଖବର ଲାଗିଥିଲା। ସେବେଠାରୁ ଏସ୍‌ଟିଏଫ୍ ତା' ଉପରେ କଡ଼ା ନଜର ରଖିଥିଲା। ଗତ ୨୬ ତାରିଖ ସନ୍ଧ୍ୟାରେ ସେ କେନ୍ଦୁଝର ସଦର ଥାନା ପତୁଙ୍ଗ ଏବଂ କାଳନ୍ଦା ରାସ୍ତାରେ ଜଣେ ମାଫିଆକୁ ହାତୀଦାନ୍ତ ବିକିବା ପାଇଁ ଆସୁଥିବା ବେଳେ ଏସ୍‌ଟିଏଫ୍ ଟିମ୍ ତାକୁ କାବୁ କରିଥିଲା। ଏସ୍‌ଟିଏଫ୍ ତାକୁ ଗିରଫ କରି କରଞ୍ଜିଆ ଡିଏଫ୍‌ଓଙ୍କୁ ହସ୍ତାନ୍ତର କରିଥିଲା। ସେହିପରି ଜବତ ଦାନ୍ତକୁ ମଧ୍ୟ ଡିଏଫ୍‌ଓଙ୍କ ଜିମା ଦେଇଥିଲା। ଏନେଇ ଏସ୍‌ଟିଏଫ୍ ଅଧିକ ତଦନ୍ତ ଜାରି ରଖିଛି। ଏହି ବେଆଇନ କାରବାରରେ ରମାକାନ୍ତ ସହ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେମାନେ କାହାକୁ ଓ କେତୋଟି ଦାନ୍ତ ବିକ୍ରି କରିଛନ୍ତି, ସେନେଇ ଏସ୍‌ଟିଏଫ୍ ତନାଘନା ଚଳାଇଛି। ସୂଚନାଯୋଗ୍ୟ ଯେ ୨୦୨୦ ମସିହାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଭିଯାନରେ ୨୫ଟି ଚିତାବାଘ ଛାଲ, ୧୫ଟି ହାତୀଦାନ୍ତ, ୭ଟି ହରିଣ ଚମଡ଼ା, ୧୧ଟି ଜୀବନ୍ତ ବଜ୍ରକାପ୍ତା, ସାଢ଼େ ୧୯କେଜି କାତି, ୨ଟି ଚିତାବାଘ ଦାନ୍ତ, ୨୯ଟି ଚିତାବାଘ ପଞ୍ଝା, ୪୬ଟି ଜୀବନ୍ତ ଶୁଆ ଜବତ କରିଛି। ସେହିପରି ୫୯ଜଣ ଶିକାରୀଙ୍କୁ ଗିରଫ କରିଛି।

# ୟୁକ୍ରେନ ସଙ୍କଟ : ଭୋକ ଉପାସରେ ଓଡ଼ିଆ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୮/୦୨ (ନି.ପ୍ର): ପ୍ରତି ଅଧ ଘଣ୍ଟାରେ ଥରେ ଫୋନ୍ କରୁଛି ଝିଅ। କହିଲାଣି ଆଉ କେତେ ଦିନ ମେଟ୍ରୋ ତଳେ ରହିବୁ, ଖାଇବା ସରି ଆସିଲାଣି। ବୋମାମାଡ଼ ଲାଗି ରହୁଛି। ପ୍ରଧାନମନ୍ତ୍ରୀଙ୍କୁ ଟ୍ୱିଟ୍ କର, ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କର କିନ୍ତୁ ଯେମିତି ହେଲେ ଆମକୁ ଉଦ୍ଧାର କର। ୟୁକ୍ରେନରେ ଫସିଥିବା ଏକମାତ୍ର ଝିଅ ରୋଜାଲିନ୍‌ର ଦୁଃଖଦ କାହାଣୀକୁ ଏମିତି ବର୍ଣ୍ଣନା କରିଛନ୍ତି ମା' ରାଜଲକ୍ଷ୍ମୀ।

ରୋଜାଲିନ୍ ଖାର୍କିଭ ଜାତୀୟ ବିଶ୍ୱବିଦ୍ୟାଳୟର ଷଷ୍ଠ ବର୍ଷର ମେଡିକାଲ ଛାତ୍ରୀ। ଆସନ୍ତା ଜୁନରେ ତାଙ୍କ ପଢ଼ା ସରିଥାଆନ୍ତା। ଯୁଦ୍ଧ ଆସନ୍ନ ଜାଣି ଟିକେଟ କରିବା ବେଳକୁ ଟିକେଟ ମିଳିଲା ନାହିଁ। ଏଣେ ଘର ଛାଡ଼ି ବିମାନବନ୍ଦର ଆଡ଼କୁ ଆସିବାବେଳକୁ ବିମାନ ସେବା ବାତିଲ ହୋଇଗଲା। ତେଣୁ ବାଧ୍ୟ ହୋଇ ସେ ଅନ୍ୟମାନଙ୍କ ସହିତ ୪ ଦିନ ହେଲା ଖାର୍କିଭ ସ୍ଥିତ ମେଟ୍ରୋର ଅଣ୍ଡର ଗ୍ରାଉଣ୍ଡରେ ରହୁଛନ୍ତି। ସେଠାକାର ଦୁର୍ବିସହ ସ୍ଥିତି ନେଇ ରୋଜାଲିନ୍ ଜାରି କରିଥିବା ଭିଡିଓରେ କହିଛନ୍ତି, ୨୪ ତାରିଖରୁ ବୋମାମାଡ଼ ଆରମ୍ଭ ହେବା ପରଠାରୁ ସେମାନେ ଏଠାରେ ଅନିଶ୍ଚିତତାରେ ରହିଛନ୍ତି। ଖାଦ୍ୟ ସରିବାକୁ ବସିଲାଣି। ମେଟ୍ରୋ ଗେଟ୍, ଦୋକାନ ବନ୍ଦ ହୋଇଯାଇଥିବାରୁ ଖାଇବା ସରିଗଲେ ଆଉ ଖାଇବା କିଣି ହେବନାହିଁ। ୟୁକ୍ରେନର ସ୍ଥାନୀୟ ଅଧିବାସୀଙ୍କ ପାଇଁ ମଧ୍ୟ ଖାଦ୍ୟ ସଙ୍କଟ ଆରମ୍ଭ ହେଲାଣି।

ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ପଠାଯାଇଥିବା ସହାୟତା ସେମାନଙ୍କ ପାଖରେ ପହଂଚି ପାରୁନାହିଁ। ପାଣି ସଙ୍କଟ ମଧ୍ୟ ଆରମ୍ଭ ହୋଇ ଯାଇଛି। ସେମାନେ ଶାରୀରିକ ଏବଂ ମାନସିକ ଭାବରେ ଦୁର୍ବଳ ହୋଇପଡ଼ିଛନ୍ତି। ମେଟ୍ରୋରେ ଥିବା ଶହ ଶହ ଲୋକଙ୍କ ପାଇଁ କେବଳ ଗୋଟିଏ ଶୌଚାଳୟ ରହିଛି। ହଙ୍ଗେରି କିମ୍ବା ପୋଲାଣ୍ଡକୁ ଗଲେ ଉଦ୍ଧାର କରାଯିବ ବୋଲି କୁହାଯାଉଛି। କିନ୍ତୁ ଖାର୍କିଭରୁ ହଙ୍ଗେରି ଏବଂ ପୋଲାଣ୍ଡର ଦୂରତା ୬୦୦ କିଲୋମିଟର। ତେଣୁ ଏତେ ଦୂର ଯିବା ଅସମ୍ଭବ ଏବଂ ଅସୁରକ୍ଷିତ। ଭାରତୀୟ ଦୂତାବାସକୁ ଏହି ସମସ୍ୟା ଜଣାଇବା ବେଳକୁ ଯେଉଁଠି ଅଛନ୍ତି ସେଇଠି ରହିବାକୁ ପରାମର୍ଶ ଦେଉଛନ୍ତି।

ସେମାନଙ୍କୁ ଯେକୌଣସି ପରିସ୍ଥିତିରେ ଉଦ୍ଧାର କରିବାକୁ ଅନୁରୋଧ କରିଛନ୍ତି ରୋଜାଲିନ୍। କେବଳ ରୋଜାଲିନ୍ ନୁହନ୍ତି ସେଠାରେ ଫସି ରହିଥିବା ଅନେକ ଓଡ଼ିଆ ନିଜ ବିକଳ ସ୍ଥିତି ନେଇ ପ୍ରତ୍ୟହ ଭିଡିଓ ଜାରି କରୁଛନ୍ତି। ଯେଉଁ ଥିରେ କିଏ ଭୋକରେ ଥିବା କହୁଛନ୍ତି ଆଉ କିଏ ଅଚେତ ହୋଇ ପଡୁଥିବା ଦେଖାଯାଉଛି। ରୋଜାଲିନ୍‌ଙ୍କ ମା' ରାଜଲକ୍ଷ୍ମୀ କହନ୍ତି, ଉଭୟ ଯୁଦ୍ଧ ଏବଂ ଭୋକ ସହିତ ତାଙ୍କ ଝିଅ ସମେତ ଅନେକ ଭାରତୀୟ ଏବଂ ଓଡ଼ିଆ ପିଲାଙ୍କୁ ଲଢ଼େଇ କରିବାକୁ ପଡୁଛି।

ସେହିଭଳି ଦୁଇ ଦିନ ଧରି ପୁଅ ଜାକିଙ୍କ ସହିତ କଥା ହୋଇନପାରି ଚିନ୍ତାରେ ଥିଲେ ଅଜିମ ଅଞ୍ଜୁ। ରବିବାର କଥା ହେବା ପରେ ସାମାନ୍ୟ ଆଶ୍ୱସ୍ତ ହୋଇଥିଲେ ମଧ୍ୟ ବିପଦ ଟଳିନାହିଁ। ବର୍ତ୍ତମାନ ସ୍ଥିତିରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିଜ ଓଡ଼ିଆ ପିଲାଙ୍କୁ ଫେରାଇ ଆଣିବା ବ୍ୟବସ୍ଥା କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ଅଞ୍ଜୁ କହନ୍ତି, ପୁଅ ହଷ୍ଟେଲ ଛାଡ଼ି ଫେରି ଆସିବା ବେଳକୁ ହିଁ ବିମାନ ସେବା ବନ୍ଦ ହୋଇଗଲା। ତେଣୁ ବର୍ତ୍ତମାନ ସେ କିଭ୍‌ର ଏକ ଛାତ୍ରାବାସରେ ରହିଛି। ବର୍ତ୍ତମାନ ସୁଦ୍ଧା ଖାଇବା ବ୍ୟବସ୍ଥା ରହିଛି। ଘରୁ ବାହାରିବା ପାଇଁ କଟକଣା ରହିଛି। ଭାରତୀୟ ଦୂତାବାସ ଦାୟିତ୍ୱରେ ଜଣେ ଓଡ଼ିଆ ଅଧିକାରୀ ରହିଛନ୍ତି। ତେଣୁ ଆଶା ତ ଅନେକ ରହିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏଥିପ୍ରତି ପ୍ରତ୍ୟକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି ରୋଜାଲିନ ଏବଂ ଜାକିଙ୍କ ଭଳି ଅନେକ ବିଦ୍ୟାର୍ଥୀଙ୍କ ଅଭିଭାବକ। ଋଷର ଏହି ଆକ୍ରମଣରେ କେବଳ ୟୁକ୍ରେନ ନୁହେଁ ଅନେକ ଭାରତୀୟଙ୍କ ଜୀବନ ଏବଂ ଭବିଷ୍ୟତ ଅନିଶ୍ଚିତତା ଘେରକୁ ଚାଲି ଆସିଛି।

# ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୨୮/୦୨ (ନି.ପ୍ର): ଚନ୍ଦ୍ରଶେଖରପୁରସ୍ଥିତ ଆଚାର୍ଯ୍ୟ ହରିହର ମହାବିଦ୍ୟାଳୟ ପରିସରରେ ପୂଣ୍ୟାତ୍ମା ହରିହରଙ୍କ ୧୪୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମୁକ୍ତିଲତା ପାଲ ହରିହରଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। 'ଆସ ଭଲ ମଣିଷ ହେବା' ଶୀର୍ଷକ ବିଷୟବସ୍ତୁ ଉପରେ ଛାତ୍ରଛାତ୍ରୀମାନଙ୍କୁ ବକ୍ତବ୍ୟ ପ୍ରଦାନ କରିଥିଲେ। ଏବଂ କର୍ତବ୍ୟନୀଷ୍ଠ, ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁ ବକୁଳ ବନବିଦ୍ୟାଳୟ ସମାଜ ଗଠନରେ ଏକ ମୁକସାକ୍ଷୀ। ଗୁରୁକୂଳ ପରମ୍ପରା ଛାତ୍ରଛାତ୍ରୀମାନଙ୍କୁ ସଂସ୍କାର ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ତେଣୁ ଆଚାର୍ଯ୍ୟ ଚିର ନମସ୍ୟ ଥିଲେ।

# ବେଦାନ୍ତ-ଓଇଆରସି-ଗ୍ରୀଡକୋ-ଶକ୍ତି ବିଭାଗ ଚକ୍ରବ୍ୟୂହରେ ୯୨ଲକ୍ଷ ବିଜୁଳି ଗ୍ରାହକ, ବଢ଼ିବ ବିଜୁଳି ଶୁଳ୍କ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୨୮/୦୨ (ନି.ପ୍ର): ଗୋଟିଏ ଦିନ ବିଳମ୍ବ ଯୋଗୁଁ ତଣ୍ଡ ଗଣିବାକୁ ଯାଉଛନ୍ତି ରାଜ୍ୟର ୯୨ଲକ୍ଷ ବିଜୁଳି ଗ୍ରାହକ । ଗ୍ରୀଡ୍‌କୋ, ଓ.ଇ.ଆର.ସି., ବେଦାନ୍ତ ଓ ଶକ୍ତି ବିଭାଗ ଚକ୍ରବ୍ୟୂହରେ ପଡ଼ି ଛଟପଟ ହେବାକୁ ଆଉ ବେଶି ବିଳମ୍ବ ନାହିଁ। ହାଇକୋର୍ଟ ନିର୍ଦ୍ଦେଶ ସତ୍ୱେ ବେଦାନ୍ତ ତା'ର ଥର୍ମାଲ୍ ପାୱାରରୁ ବିଜୁଳି ନ ଦେବା ପାଇଁ ଚକ୍ରାନ୍ତ କରି ବାର୍ଷିକ ରକ୍ଷଣାବେକ୍ଷଣା ନାଆଁରେ ଗତ ୨୧ ତାରିଖରୁ ତା' ପାୱାର ପ୍ଲାଂଟକୁ ବନ୍ଦ କଲା । ଫଳରେ ଓ.ଇ.ଆର.ସି.ର ଫେବୃୟାରୀ ୧୯ ତାରିଖ ରାୟ ମୂଲ୍ୟହୀନ ହୋଇଗଲା । ଗ୍ରୀଡ୍‌କୋ ରାଜ୍ୟବାସୀଙ୍କୁ ବିଜୁଳି ଯୋଗାଇବା ପାଇଁ ବର୍ତମାନ ବାହାରୁ ବିଜୁଳି କିଣିବ । ୨ଟଙ୍କା ୫୨ ପଇସା ଯାଗାରେ ୪ଟଙ୍କା ୬୯ ପଇସା ୟୁନିଟ୍ ପିଛାରେ ବିଜୁଳି କିଣାହେବ, ଯାହାର ବୋଝ ବୋହିବେ ୯୨ଲକ୍ଷ ବିଜୁଳି ଗ୍ରାହକ । ତିନିମାସକୁ ହାରାହାରି ୧୬୩ କୋଟି ଟଙ୍କା ଗଣିବେ ରାଜ୍ୟବାସୀ । କାହାର ଭୁଲ୍ ପାଇଁ ରାଜ୍ୟବାସୀ ଆଜି ଏ ତଣ୍ଡ ଗଣିବାକୁ ଯାଉଛନ୍ତି, ତାହାର ବିଧିବଦ୍ଧ ତଦନ୍ତ କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ବେଦାନ୍ତ - ଓ.ଇ.ଆର.ସି. - ଗ୍ରୀଡ୍‌କୋ - ଶକ୍ତି ବିଭାଗର ଇନ୍ଦ୍ରଜାଲ ଭିତରେ ଫସିଯାଇଛନ୍ତି ରାଜ୍ୟବାସୀ । ବିଜୁଳି ଘରୋଇକରଣ ନାମରେ ଓ ସଂସ୍କାର ନାମରେ ଦୀର୍ଘ ୨୭ବର୍ଷ ହେଲା ରାଜ୍ୟବାସୀ ଶୋଷଣର ଶିକାର ହେବାରେ ଲାଗିଛନ୍ତି । ଠିକାଦାର, କମ୍ପାନୀ ଓ ବିରୋକ୍ରାଟ୍ ମଧୁଚନ୍ଦ୍ରିକା ଯୋଗୁଁ ପରିବହନଜନିତ କ୍ଷତି (ଏଟିସି ଲସ୍) କମାଯାଇପାରୁନାହିଁ । ଯାହାର ବୋଝ ପ୍ରତିବର୍ଷ ବିଜୁଳି ଗରାଖଙ୍କୁ ବୋହିବାକୁ ପଡୁଛି । ଏବର୍ଷ ଆଉ ଅତିରିକ୍ତ ୧୬୩ କୋଟି ଟଙ୍କାର ବୋଝ ଏହି ବିଜୁଳି ଗ୍ରାହକମାନେ ବୋହିବେ। ଲାଭରେ ବେଦାନ୍ତ । ତେଣୁ ସରକାର ତୁରନ୍ତ ବିଦ୍ୟୁତ୍ ସଂସ୍କାର ଉପରେ ଏକ 'ଶ୍ୱେତପତ୍ର' ପ୍ରକାଶ କରନ୍ତୁ ଏବଂ ରାଜ୍ୟବାସୀଙ୍କୁ ଏହି ଚକ୍ରବ୍ୟୂହ କବଳରୁ ରକ୍ଷା କରନ୍ତୁ। ତାହା ନ ହେଲେ ଆଗାମୀ ଦିନରେ ବିଦ୍ୟୁତ୍ ଶୁଳ୍କକୁ ନେଇ ଜନଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଶ୍ରୀ ବେହେରା ସତର୍କ କରାଇ ଦେଇଛନ୍ତି ।

# ରୁଷ୍, ୟୁକ୍ରେନ ଯୁଦ୍ଧ ସମାପ୍ତି ପାଇଁ ରାଜଧାନୀରେ ନବନିର୍ମାଣ କୃଷକ ସଂଗଠନର ଶାନ୍ତି ଶୋଭାଯାତ୍ରା

ଭୁବନେଶ୍ୱର,୨୮/୦୨ (ନି.ପ୍ର): ଯୁଦ୍ଧ କମ୍ବା ହିଂସା କୌଣସି ପରିସ୍ଥିତିରେ ସମସ୍ୟାର ସମାଧାନ ନୁହେଁ। ଯୁଦ୍ଧ ଓ ହିଂସା ସବୁବେଳେ ସାରା ମାନବସମାଜ ଓ ପୃଥିବୀ ପାଇଁ ବିପଦ। ଏଣୁ ଯୁଦ୍ଧ ପରିସ୍ଥିତିକୁ କେତେବେଳେ ବି ବରଦାସ୍ତ କରାଯାଇ ପାରିବ ନାହିଁ। ଏହି ବିଶ୍ୱ ଦୁଇ ଦୁଇଟି ବିଶ୍ୱଯୁଦ୍ଧ ଦେଖିଛି ଓ ତା'ର ରକ୍ତକ୍ଷୟି ସଂଗ୍ରାମର କୁଫଳ ଭୋଗିଛି। ତେଣୁ ମାନବ ସଭ୍ୟତା ବିକାଶର ଚରମ ସୋପାନ ଆଡ଼କୁ ଗତି କରୁଥିବା ବେଳେ ଯୁଦ୍ଧ କରି ଲକ୍ଷ ଲକ୍ଷ ନରନାରୀଙ୍କୁ ମୃତ୍ୟୁ ମୁହଁକୁ ଠେଲିଦେବା ଓ ସାରା ବିଶ୍ୱକୁ ଯୁଦ୍ଧର ଆତଙ୍କ ଭିତରକୁ ଠେଲିଦେବାକୁ ନବନିର୍ମାଣ କୃଷକ ସଂଗଠନ ବିରୋଧ କରିଛି। ଆମେ ଯୁଦ୍ଧ ନୁହଁ, ଶାନ୍ତି ଚାହୁଁ। ସମାଧାନର ରାସ୍ତା ଯୁଦ୍ଧ ନୁହେଁ, ସ୍ଥାୟୀ ବିଶ୍ୱଶାନ୍ତି ଆମର ଦାବି, ବିଶ୍ୱକୁ ଯୁଦ୍ଧ ମୁହଁକୁ ଠେଲିବା ବନ୍ଦ କର ସ୍ଲୋଗାନମାନ ଦେଇ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତାମାନେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନରୁ ପିଏମ୍‌ଜି ଆଡ଼କୁ ଶୋଭାଯାତ୍ରାରେ ଯାଇଥିଲେ। ଶୋଭାଯାତ୍ରାକାରୀଙ୍କୁ ଉଦ୍‌ବୋଧନ ଦେଇ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ ଯେ, ଯୁଦ୍ଧ ବିରୁଦ୍ଧରେ ତମାମ ଦୁନିଆରେ ଜନମତ ସଂଗଠିତ ହେବା ଦରକାର। ଶାନ୍ତି ସପକ୍ଷରେ ଜନମତ ଅଧିକ ସଂଗଠିତ ହେଲେ ରୁଷ୍ ଉପରେ ନୈତିକ ଚାପ ପଡ଼ିବ। ସେହିଭଳି ନାଟୋ ଠାରୁ ୟୁଏନ୍‌ଏ ପର୍ଯ୍ୟନ୍ତ ସମସ୍ତେ ଯୁଦ୍ଧ ବିରତି ପାଇଁ ତତ୍ପର ହେବାର ଆବଶ୍ୟକତା ଅଛି। ଭାରତର ଭୂମିକା ନେଇ ରାଜ୍ୟପାଳଙ୍କ ମାଧ୍ୟମରେ ଭାରତର ରାଷ୍ଟ୍ରପତିଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ପ୍ରଧାନମନ୍ତ୍ରୀ ଯୁଦ୍ଧ ବିରତି ପାଇଁ ସକରାତ୍ମକ ଭୂମିକା ନିଭାଇବାକୁ ଅନୁରୋଧ କରାଯାଇଛି। ରୁଷିଆର ୟୁକ୍ରେନ ଉପରେ ଆକ୍ରମଣ ଓ ୟୁକ୍ରେନରେ ନାଟୋ, ଆମେରିକାର କୁଟନୀତି କ୍ଷତି କରୁଛି, ରୁଷିଆ ତୁରନ୍ତ ଯୁଦ୍ଧ ବନ୍ଦ କରୁ, ନାଟୋ ଓ ଆମେରିକା ୟୁକ୍ରେନକୁ ନେଇ ରାଜନୈତିକ କୁଟନୀତି ବନ୍ଦ କରନ୍ତୁ, ୟୁକ୍ରେନର ସାର୍ବଭୌମ ଓ ବ୍ୟକ୍ତି ସ୍ୱାଧୀନତା ରକ୍ଷା କରାଯାଉ, ଯୁଦ୍ଧ ସମାଧାନର ମାଧ୍ୟମ ନୁହେଁ। ସମାଧାନର ଏକମାତ୍ର ରାସ୍ତା ଶାନ୍ତି ଓ ଅହିଂସା। ଅହିଂସା ରାସ୍ତାରେ ଭାରତର ଅବଦାନ ମହତ୍ତ୍ୱପୂର୍ଣ୍ଣ ହୋଇଥିବାରୁ ରୁଷିଆ ଉପରେ କିଭଳି ଚାପ ପ୍ରୟୋଗ କରାଯିବ, ସେଥିପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତୁ। ଆଜିର ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ନବନିର୍ମାଣ କୃଷକ ସଂଗଠନ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ଭାରତ, ନିମାଇଁ ରାୟ, ଯୁବଛାତ୍ର ସଂଯୋଜକ ମନଓ୍ୱର ଅଲ୍ଲୀ, ଦୀନେଶ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# କିମ୍ବଦନ୍ତୀ ଠାକୁର, ବାବା ଲଙ୍ଗଳେଶ୍ୱର



ଲଙ୍ଗଳେଶ୍ୱର, ୨୮/୦୨ (ନି.ପ୍ର): ନିଜେ ଲଙ୍ଗଳ ଧରି ଚାଷ କରିଥିବା କିମ୍ବଦନ୍ତୀ ଠାକୁର ବାବା ଲଙ୍ଗଳେଶ୍ୱର । କାହିଁ ପୁରାଣ ଯୁଗରୁ ବାବା ଏଠାରେ ବିଦ୍ୟମାନ। ପ୍ରତ୍ୟକ୍ଷ ଦେବତା ବାବା ଲଙ୍ଗଳେଶ୍ୱର ର ମହିମା ଏ ଅଞ୍ଚଳରେ ଖ୍ୟାତ। ଏବେ ବାବାଙ୍କ ପାଖକୁ ପୂଜା ଏବଂ ମାନସିକ କରିବା ସହିତ ପଦର୍ଶନ ପାଇଁ ବହୁ ଦୂରଦୂରାନ୍ତରୁ ଲୋକ ଛୁଟି ଆସନ୍ତି। ବାବା ଏଠାରେ ଅବସ୍ଥାନ କରିଥିବାରୁ ଏଇ ଗ୍ରାମର ନାମ ଲଙ୍ଗଳେଶ୍ୱର ।କିମ୍ବଦନ୍ତୀ କହେ,ଦ୍ୱାପର ଯୁଗରେ ବାବା ପଡିଆ ପଡିଥିବା ଏଠାକାର ଷୋହଳ ହଜାର ଏକର ଜାଗାରେ ଲଙ୍ଗଳ କରିଥିଲେ। ଯାହାର ନାମ ଷୋଳସା ପାଣ୍ଡ ବୋଲି ଏବେ କୁହା ଯାଏ ।ଲଙ୍ଗଳ କରିସାରିବା ପରେ ଜଳ ପିଇବା ଜାଗା ଜଳେଶ୍ୱରପୁର ଏବଂ ଗଞ୍ଜା ଟାଣୁଥିବା ଜାଗା ଏବେ ଗଞ୍ଜା ଗ୍ରାମ ନାମରେ ନାମିତ ହୋଇଛି । ସେହିଭଳି ଲଙ୍ଗଳ ଦଉଡି ଛିଣ୍ଡିଯିବା ହେତୁ,ନିଜେ ବାଟିଆ କାଟି ଦଉଡି ତିଆରି କରିଥିବା ଜାଗାକୁ ବାଟିଆଡିହା ନାମରେ ପରିଚିତ। ଚାଷ ସାରିବା ପରେ ବାବା ଥକା ହେଇ ଏକ କୁଚୁଳା ଏବଂ ଶିମିଳି ଜଙ୍ଗଲରେ ବିଶ୍ରାମ ନେଉଥିବା ଜାଗାରେ ହିଁ ମନ୍ଦିର ନିର୍ମାଣ ହୋଇଛି ।ବାବା ଚାଷକରି ସାରି ଦୀର୍ଘ ସମୟ ଧରି ବିଶ୍ରାମ ନେଲେ ଯେ ଆଉ ନ ଫେରିବାରୁ,ମାତା ପାର୍ବତୀ ରାଗିଯାଇ ଖୋଜି ଖୋଜି ଆସି ପହଁଚିଲେ। ବାବା ନିଦରୁ ନ ଉଠିବାରୁ ତାଙ୍କ ଉପରେ ଏତେ ପାଣି ଢାଳି ବୁହାଇଦେଲେ ଯେ ସେଠାରେ ଏକ ନଦୀ ହୋଇ ବହିଗଲା। ଯାହାର ନାମ ପାର୍ବତୀ ନଦୀ ନାମରେ ଖ୍ୟାତ। ଧାନ ପାଚିବା ପରେ ଭୀମକୁ ଧାନ କାଟିବା କୁ ନିର୍ଦ୍ଦେଶ ଦେବାରୁ ସେ ମାତ୍ର ଅଢେଇ ହେଲାରେ ସବୁତକ ଧାନ କାଟିଦେଇଥିଲେ । ଏହା ଦେଖି ବାବା ରାଗିଯାଇ ସେ ଧାନ ଗଦା ରେ ନିଆଁ ଲଗାଇ ଦେଇ ଥିଲେ। ଭୀମ ସେ ନିଆଁ ଲିଭାଇ ଧାନ ସଂଗ୍ରହ କରିଥିଲେ। ଯାହା ପୋଡି କଳା ପଡିଯାଇଥିଲା ତାହା ସାଗରୀ, ଭୁଣ୍ଡି, ଧଳା ଥିବା ଧାନ ରାସପଞ୍ଜର, ପାଟଣୀ, କଖୁରିଆ ଇତ୍ୟାଦି ଧାନ ନାମରେ ପରିଚିତ। ଏବେବି ଏ ଧାନ ଏଠାରେ ଚାଷ କରାଯାଏ ।ପୋଡି କଳା ପଡିଯାଇଥିବାରୁ ସେ ଧାନ ଠାକୁରଙ୍କପୂଜାରେ ଲାଗେନାହିଁ। ବାବା ଏଠାରୁ ଫେରିବାକୁ ନ ଚାହିଁବାରୁ ରାଜା ମାନଧାତା ଅମଳ ରେ ବିଶ୍ୱକର୍ମା ଏଠାରେ ମନ୍ଦିର ନିର୍ମାଣ କରିଥିଲେ ।ଏବଂ ରାଜାଙ୍କ କଚେରୀ ତିଆରି କରିଥିଲେ। ଏବେ କଚେରୀ ଭାଙ୍ଗିଯାଇଥିଲେ ହେଁ କଚେରୀପିଢ଼ି କିମ୍ବଦନ୍ତୀ ଭାବେ ବିଦ୍ୟମାନ। ଏଠାରେ କାହିଁ ଅମଳ ରୁ ବାବାଙ୍କର ସେବା କରିବା ପାଇଁ ବ୍ରହ୍ମଣ ନିଯୁକ୍ତି ଥିଲେ ।ପରବର୍ତୀ ମୁହୂର୍ତ୍ତରେ ବାବାଙ୍କ ନୀତିକାନ୍ତି ପାଇଁ ବହୁ ଲୋକ ଶହେ ଏକରରୁ ଉର୍ଦ୍ଧ୍ୱ ଜାଗା ବାବାଙ୍କ ନାମରେ ଦାନ କରିଛନ୍ତି ।ବ୍ରାହ୍ମଣ ବଂଶ ଅପୁତ୍ରିକ ଥିବାରୁ ଘର ଜୋଇଁ ଆଣି ପୂଜା ଦାଇତ୍ୱ ଦେଇଥିଲେ। ଏଭଳି ବହୁ ସମ୍ପତି ଥିବା ପୁରାତନ ଶୈବପୀଠ ର ଏଯାଏଁ କିଛି ବିକାଶ ହୋଇପାରିନାହିଁ। ଏହା ସରକାରଙ୍କର ପର୍ଯ୍ୟଟନ ସ୍ଥଳୀ ର ମାନ୍ୟତା ପାଇଥିଲେ ହେଁ, ପର୍ଯ୍ୟଟକ ମାନଙ୍କ ପାଇଁ କୌଣସି ଗେଷ୍ଟ ହାଉସ ତଥା ଅନ୍ୟାନ୍ୟ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇ ନ ପରିବାରୁ ସାଧରଣରେ କ୍ଷୋଭ ପ୍ରକାଶ ପାଇଛି ।ସମସ୍ତ ସମ୍ପତି ଭୋଗ କରିବା ସହିତ ଭକ୍ତ ମାନଙ୍କ ଅର୍ଥ ଉପାର୍ଜନ ଅର୍ଥରେ ମଧ ପୂଜକ ମଧ କୌଣସି ବିକାଶ କରିନାହାନ୍ତି ବୋଲି ଲୋକେ ଉଦବେଗ ପ୍ରକାଶ କରିଛନ୍ତି। ଶିବ ଚତୁର୍ଦ୍ଦଶୀ ବାବାଙ୍କର ସବୁଠାରୁ ବଡ଼ ପର୍ବ, ପୂଜା ଏବଂ ଜାଗର ଜଳିବା ପାଇଁ ବହୁ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତ ଆସିଥାନ୍ତି। ଦୀର୍ଘ ପନ୍ଦର ଦିନ ଏଠାରେ ବହୁତ ବଡ଼ ମେଳା ବସେ। ପ୍ରତିଦିନ ହଜାର ହଜାର ଲୋକ ବିଭିନ୍ନ ଅଞ୍ଚଳରୁ ଲୋକ ଆସିଥାନ୍ତି। ବାବାଙ୍କପୀଠ ବିକାଶ ପାଇଁସ୍ଥାନୀୟନେତା, ପ୍ରଶାସନ, ଦୃଷ୍ଟିଦେବାକୁ ଦାବି ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନିର୍ବଚନୀ ପରବର୍ତ୍ତୀ ହିଂସା....

ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ପରେ ଫୁଟିଥିଲା ଗୁଳି। ଗଣ୍ଡଗୋଳରେ ଉଭୟ ପକ୍ଷର ୩ ଜଣ ଲେଖାଏଁ ଆହତ ହୋଇଛନ୍ତି। ବିଜୟୀ ସରପଞ୍ଚ ବିଭୁତି ଭୂଷଣ ଡାଙ୍ଗଙ୍କ ସମର୍ଥକ ଗୁଳିମାଡ଼ରେ ପରାଜିତ ପ୍ରାର୍ଥୀ ରଂଜନ ଜଗଦଲାଙ୍କ ୩ ସମର୍ଥକ ଆହତ ହୋଇଛନ୍ତି। ଆହତ କପାସିରା ଗାଁର ରାଜେନ୍ଦ୍ର ଜଗଦଲା ଓ ଚନ୍ଦନ ମଲ୍ଲିକଙ୍କ ଦେହରେ ଗୁଳି ବାଜିଥିବା ବେଳେ ଗୋପାଳ ମଲ୍ଲିକଙ୍କ ହାତ ଭାଂଗିଛି। ସମସ୍ତ ଆହତଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେହିଭଳି ପରାଜିତ ପ୍ରାର୍ଥୀ ରଂଜନ ଜଗଦଲାଙ୍କ ସମର୍ଥକଙ୍କ ଢେଲା ମାଡରେ ବିଜୟୀ ପ୍ରାର୍ଥୀ ବିଭୁତି ଭୂଷଣ ଡାଙ୍ଗଙ୍କ ୩ ସମର୍ଥକ ଆହତ ହୋଇ ବାଉଁଶୁଣି ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। କେବଳ ସେତିକି ନୁହେଁ, ପରାଜିତ ପ୍ରାର୍ଥୀଙ୍କ ସମର୍ଥକ ବିଜୟୀ ପ୍ରାର୍ଥୀଙ୍କ ସମର୍ଥକଙ୍କ ଦହ୍ୟା ଛକରେ ଥିବା କିଛି ଘରକୁ ଭଙ୍ଗାରୁଜା ମଧ କରିଥିବା ଅଭିଯୋଗ ହୋଇଛି। ଖବର ପାଇ ବୌଦ୍ଧ ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ ଓ ମନମୁଣ୍ଡା ପୁଲିସ ଦହ୍ୟା ଛକରେ ପହଂଚି ପରିସ୍ଥିତିକୁ ନୟନ୍ତ୍ରଣକୁ ନେଇଛନ୍ତି। ନିର୍ବାଚନ ଆରମ୍ଭରୁ ବୌଦ୍ଧ ଜିଲ୍ଲା କଂଟାମାଳ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଥିବା ଦେଖିବାକୁ ମିଳିଥିବା ବେଳେ ଆଜି ପୁଣି ନିର୍ବାଚନୀ ପରବର୍ତ୍ତୀ ହିଂସାକାଣ୍ଡ ଘଟିଛି। ଏହି ପଂଚାୟତର ଚୌରିଆଁପଦର ଗାଁରେ ଗତ ୧୬ ତାରିଖରେ ବୁଥ୍ କେପଚରିଂର ଅଭିଯୋଗ ପରେ ୨୩ ତାରିଖରେ ସାନି ନିର୍ବାଚନ ହୋଇଥିଲା।

### ମାର୍ଚ୍ଚ ମାସ ପାଇଁ କୋଭିଡ୍ ....

ଏହାବ୍ୟତୀତ ସର୍ବସାଧାରଣ ସ୍ଥାନ, ସାର୍ବଜନୀନ ବାହନରେ ଯିବାବେଳେ ଓ କର୍ମସ୍ଥଳୀରେ ମାସ୍କ ପିନ୍ଧିବା ବାଧତାମୂଳକ କରାଯାଇଛି । ସର୍ବସାଧାରଣ ସ୍ଥାନରେ ସର୍ବନିମ୍ନ ୬ଫୁଟର ସାମାଜିକ ଦୂରତ୍ୱ ରଖିବାକୁ କୁହାଯାଇଛି । ସର୍ବସାଧାରଣ ସ୍ଥାନରେ ଛେପ ପକାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିର୍ଦ୍ଧାରିତ ନିୟମ ଅନୁସାରେ ଜୋରିମାନା ସହ ଦଣ୍ଡିତ ହେବାକୁ ପଡ଼ିବ । ସର୍ବସାଧାରଣରେ ମଦ ପାନ କଲେ ମଧ ଅନୁରୂପ ଦଣ୍ଡ ଭୋଗିବାକୁ ହେବ । ସର୍ବସାଧାରଣ ସ୍ଥାନରେ ପାନ, ଗୁଟଖା, ତମାଖୁ ଓ ସେସବୁ ଉତ୍ପାଦ ସେବନ ଉପରେ କଟକଣା ଜାରି ହୋଇଛି ।

### ୩୬ ଦେଶକୁ ବିମାନ ସେବା....

ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କିଙ୍କ କାର୍ଯ୍ୟାଳୟ ସୋମବାର ବେଲାରୁଷ୍ ସୀମାରେ ଏକ ରୁଷୀୟ ପ୍ରତିନିଧିମଣ୍ଡଳ ସହ ବୈଠକ କରିବା ନେଇ ଘୋଷଣା କରିଛି। ଅନ୍ୟପକ୍ଷରେ ୟୁକ୍ରେନ୍ ଉପରୋ ରୁଷର ଆକ୍ରମଣକୁ ପାଞ୍ଚଦିନ ବିତିଯାଇଛି। ୟୁକ୍ରେନର ଦ୍ୱିତୀୟ ବୃହତ୍ତମ ସହର ଖାରକିଭର ରାଜରାସ୍ତାରେ ଯୁଦ୍ଧ ଚାଲିଥିବା ବେଳେ ରୁଷ୍ ସେନା ଏବେ ରାଜଧାନୀ କିଭ ନିକଟତର ହୋଇସାରିଛି।

## କୋଭିଡ୍ କଟକଣାରେ ପାଳିତ ହେବ ମହାଶିବରାତ୍ରୀ

ଭଦ୍ରକ, ୨୮/୦୨ (ନି.ପ୍ର): ମହାଶିବରାତ୍ରୀ ପାଳନ ଉପଲକ୍ଷେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଆଧାରରେ ପ୍ରସିଦ୍ଧ ଆରଡ଼ି ପୀଠରେ ଜନସମାବେଶ ବିନା ଜାଗର ଉତ୍ସବ ପାଳନ ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ପୂର୍ବ ପ୍ରସ୍ତୁତି ଅନୁଯାୟୀ ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ମନୋଜ ପାତ୍ରଙ୍କ ଦ୍ୱାରା ଜାରି କାଯାଇଥିବା ମାର୍ଗ ଦର୍ଶିକା ଅନୁଯାୟୀ ବାବା ଆଖଣ୍ଡଳମଣି ମନ୍ଦିର ବାହାରେ ଏବଂ ଭିତରେ ୧୪୪ ଧାରା ଜାରି କରାଯାଇଛି। ଆରଡ଼ି ପୀଠକୁ ଯୋଗାଯୋଗ ଥିବା ଆରଡ଼ିର ସମସ୍ତ ନଦୀ ଘାଟ ଏବଂ ଅନ୍ୟ ସମସ୍ତ ଗମନାଗମନକୁ ମହାଶିବରାତ୍ରି ଉପଲକ୍ଷେ ୨୮ ଫେବୃୟାରୀ ସଂଧ୍ୟା ୬ଟା ରୁ ୨ ମାର୍ଚ୍ଚ ଦିବା ୧୦ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ଯାତାୟତକୁ ବନ୍ଦ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଉତ୍ସବ ପାଳନ ଉପଲକ୍ଷେ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ପୂର୍ବରୁ ଆୟୋଜିତ ପ୍ରସ୍ତୁତି ବୈଠକର ନିଷ୍ପତ୍ତି ଅନୁଯାୟୀ କେବଳ ନାନ୍ଦପୁର, ଆରଡ଼ି, ସୁନ୍ଦରପୁର, ଓଳଗ ଗ୍ରାମପଞ୍ଚାୟତର ଜନସାଧାରଣ କୋଭିଡ୍ ଆଚରଣ ଅନୁପାଳନ ମୁତାବକ ବାବାଙ୍କୁ ଦର୍ଶନ କରିପାରିବେ। ଏହି ୪ଟି ପଞ୍ଚାୟତ ବ୍ୟତୀତ ଅନ୍ୟ ଶ୍ରଦ୍ଧାଳୁଙ୍କୁ ଦର୍ଶନ ପାଇଁ ଅନୁମତି ଦିଆଯିବ ନାହିଁ । ମନ୍ଦିର ଭିତରେ ଜଣେ ସେବାୟତଙ୍କୁ ନୀତିକାନ୍ତି ପାଇଁ ଅନୁମତି ଦିଆଯିବ। ଡ଼ାକବାଜି ଯନ୍ତ୍ର ବ୍ୟବହାର କରାଯିବ ନାହିଁ। ମହାଦୀପ ଶୋଭାଯାତ୍ରାରେ ମନ୍ଦିର ବେଢ଼ା ପରିସରରେ କୋଭିଡ଼ ଆଚରଣ ଅନୁପାଳନ ପୂର୍ବକ ସମସ୍ତ ସେବାୟତଙ୍କୁ ସାମିଲ ହେବା ପାଇଁ ଅନୁମତି ଦିଆଯିବ ।

## ଆଦର୍ଶ ଶିକ୍ଷକ, କଳାକାର ରାଧାଶ୍ୟାମ ବେହେରାଙ୍କ ପରଲୋକ

ଲଙ୍ଗଳେଶ୍ୱର,୨୮/୦୨ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରା.ପ. ଅଧିନ ନେପୁରା ଗ୍ରାମର ଆଦର୍ଶ ଶିକ୍ଷକ, କଳାକାର ରାଧାଶ୍ୟାମ ବେହେରାଙ୍କ ୨୫ତାରିଖ ଶୁକ୍ରବାର ରାତ୍ରି ୧୦.୧୫ମିନିଟ୍ ରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ସେ ଜଣେ ସଫଳ କଳାକାର ଥିଲେ । ୧୯୭୧ ମସିହାରୁ ଶିକ୍ଷକତା ଜୀବନ ପାଉଁଶକୁଲିରୁ ଆରମ୍ଭ କରି ମେରଦା ପରେ କୋଠିଆ ରାଇମଣି ଉଚ୍ଚ ବିଦ୍ୟାଳୟରୁ ଅବସରଗ୍ରହଣ କରିଥିଲେ । ସେ ଜଣେ ମିଷ୍ଟଭାଷୀ, ସାମାଜିକ ସଂଗଠକ, କଳାପ୍ରେମୀ ଓ ବିଭିନ୍ନ ଗ୍ରାମ୍ୟ ନାଟ୍ୟସଂସ୍ଥା ସହିତ ଜଡିତ ଥିଲେ । ସ୍ୱର୍ଗତ ବେହେରା ମୁନି ସମାଜର ଜଣେ ସକ୍ରିୟ ସଦସ୍ୟ ଥିଲେ । ଭଜନ, କୀର୍ତ୍ତନ, ଅଭିନୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ପାରଦର୍ଶୀତା ରଖିଥିବା ଏହି ମହାନ୍ ପ୍ରତିଭା ଶିକ୍ଷକତା ଭଳି କୌଳିକ ବୃତ୍ତିର ମଙ୍ଗକୁ ବେଶ୍ ସଳଖି ଧରିଥିଲେ । ସରଳ, ନିରୀହ ଓ ନିଷ୍କପଟ ଜୀବନ ହିଁ ତାଙ୍କ ଜୀବନର ମୂଳମନ୍ତ୍ର ଥିଲା। ତାଙ୍କ ମୃତ୍ୟୁରେ ନେପୁରା ଗ୍ରାମ ସମେତ ଆଖ ପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ଶଯ୍ୟା ସମୟରେ ୬ ପୁଅ ହରେକୃଷ୍ଣ, ରଞ୍ଜନ, ବିଜୟ, ସଞ୍ଜୟ, ଅଜୟ, ପାର୍ଥସାରଥୀ ଓ ୬ ବୋହୂ, ନାତି, ନାତୁଣୀ ବନ୍ଧୁବାନ୍ଧବ, ଗ୍ରାମବାସୀ ଉପସ୍ଥିତ ଥିଲେ । ତାଙ୍କର ଶେଷକୃତ୍ୟ ଗାଁ ମୁକ୍ତିଦ୍ୱାରରେ ସଂପନ୍ନ ହୋଇଥିଲା । ବଡପୁଅ ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ହରେକୃଷ୍ଣ ମୁଖାଗ୍ନି ଦେଇଥିଲେ ।

## ଦିନ ମଜୁରିଆରୁ ସରପଞ୍ଚ



ଲଙ୍ଗଳେଶ୍ୱର, ୨୮/୦୨ (ନି.ପ୍ର): ଦିନ ମଜୁରିଆ ରୁ ସରପଞ୍ଚ ଜିତିବା ସୌଭାଗ୍ୟ ପାଇଛନ୍ତି ବାଲିଆପାଳ ବ୍ଲକ ଅନ୍ତର୍ଗତ ୨୨ନଂ ଜୋନ, ବଣିଆଡିହା ପଞ୍ଚାୟତର ରାଇପୁର ଗ୍ରାମ କାଳିଚରଣ ଜେନା। ଚଳିତ ନିର୍ବାଚନରେ ସେ ବଣିଆଡିହା ପଞ୍ଚାୟତରେ କଂଗ୍ରେସ ଦଳ ସମର୍ଥନରେ ସରପଞ୍ଚ ପଦ ପାଇଁ ପ୍ରାର୍ଥୀ ହୋଇଥିଲେ। ସେ ବିଜୁ ଜନତା ଦଳ ସମର୍ଥନରେ ପ୍ରାର୍ଥୀ ହୋଇଥିବା ବାଲିଆପାଳ ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ଅଶ୍ୱିନୀ କୁମାର ଜେନାଙ୍କୁ ୧୯୫ଖଣ୍ଡ ଭୋଟ ରେ ପରାସ୍ତ କରି ଜିତିଥିଲେ। କାଳିଚରଣ ଜଣେ ଅତ୍ୟନ୍ତ ଗରିବ ହୋଇଥିବାରୁ ପିଲାଟିଦିନରୁ ସେ ଲୋକ ଘରେ ମୂଲ ଲାଗି ଏବଂ ଲୋକ ଜମି ଭାଗ ଚାଷ କରି ଚଳନ୍ତି। ସେ ଜଣେ ସରଳ ଏବଂ ଉତ୍ତମ ବ୍ୟବହାର ପାଇଁ ପଞ୍ଚାୟତ ବାସୀ ତାଙ୍କୁ ଆଶୀର୍ବାଦ କରଛନ୍ତି ବୋଲି ନବ ନିର୍ବାଚିତ ସରପଞ୍ଚ କାଳିଚରଣ କହିଛନ୍ତି।ତାଙ୍କ ବିଜୟ ପାଇଁ ଯୁବନେତା ଜଗତ ଜୀବନ ଦାସ, ପ୍ରତାପ କୁମାର ନାୟକ, ଅକ୍ଷୟ କୁମାର ସାହୁ, ରବିରଂଜନ ତ୍ରିପାଠୀ, ଟୁକୁ ନନା, ବିମଳ କୁମାର ଦାସ, ଅକ୍ଷୟ ପାତ୍ର ରାଧା ମୁର୍ମୁ ପ୍ରମୁଖ ସ୍ୱାଗତ ଜଣାଇଛନ୍ତି।

## ସୁକାନ୍ତ ଓ ପ୍ରତାପ ଗଡ଼ରେ ବିଜେଡିର ବାଜିମାତ



ନୀଳଗିରି, ୨୮/୦୨ (ନି.ପ୍ର): ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ଭୋଟ ଗଣତି ର ଶେଷ ଦିନରେ ନୀଳଗିରି ବ୍ଲକର ୧୩ନଂ. ଜୋନର ବିଜେଡିର ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ ବିଜେପି ପ୍ରାର୍ଥୀ ତାପସ କୁମାର ମହାନ୍ତିଙ୍କୁ ୧ହଜାର ରୁ ଅଧିକ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟ ଲାଭ କରିଛନ୍ତି। ଏହି ୧୩ନଂ. ଜୋନରେ ୮ଗୋଟି ପଂଚାୟତ ରହିଥିବା ବେଳେ ଖୋନ୍ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀଙ୍କ ନିଜର ଜନ୍ମମାଟି ଧୋବଶିଳା ପଂଚାୟତ ହୋଇଥିବା ବେଳେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଉକ୍ତ ଜୋନରେ କାଂଶ ପଂଚାୟତ ତାଙ୍କର ଜନ୍ମମାଟି ରହିଥିବା ବେଳେ ୨ ବରିଷ୍ଠ ନେତାଙ୍କୁ ପଛରେ ପକାଇ ବିଜେଡିର ଜିଲ୍ଲା ପରିଷଦ ସଭ୍ୟ ତଥା ରାଜ୍ୟ ବିଜେଡି ଯୁଗ୍ମ ସଂପାଦକ ଶ୍ରୀ ନନ୍ଦ ବିଜୟ ଲାଭ ଘଟଣାକୁ ବିଜେପି ଦଳକୁ ଶକ୍ତ ଧକ୍କା ଲାଗିଛି । ମୋଟାମୋଟି ଉପରେ ନୀଳଗିରି ବ୍ଲକର ୩ଟି ଜୋନ୍ ରହିଥିବା ବେଳେ (୧୧, ୧୨,୧୩) କୌଣସି ଜୋନରୁ ବିଜେପି ସଫଳତାର ସ୍ୱାଦ ଚାଖି ପାରି ନାହିଁ। ଅନ୍ୟ ପକ୍ଷରେ ବିଜେଡିର ସଂଖ୍ୟା ଗରିଷ୍ଠତା ଲାଭ କରିଥିବା ବେଳେ ବ୍ଲକ ଚେୟାରମେନ୍ ଓ ଭାଇସ୍ ଚେୟାରମେନ୍ ପଦ ବିଜେଡି ଦଖଲ କରିବାର ଯଥେଷ୍ଟ ସମ୍ଭାବନା ରହିଛି।

## ଖୋଲିଲା ରେମୁଣା ଏନଏସି କାର୍ଯ୍ୟାଳୟ

ବାଲେଶ୍ୱର,୨୮/୦୨ (ନି.ପ୍ର): ନବଗଠିତ ରେମୁଣା ଅଧିସୂଚିତ କ୍ଷେତ୍ର ପରିଷଦ(ଏନ.ଏ.ସି.)ର ନୂତନ କାର୍ଯ୍ୟାଳୟ ଗଣେଶ୍ୱରପୁରଠାରେ ସୋମବାର ଉଦଘାଟିତ ହୋଇଯାଇଛି। ପୂର୍ବରୁ ଗଣେଶ୍ୱରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଏବେ ନୂତନ ଏନଏସି ଅଫିସକୁ ରୂପାନ୍ତରିତ ହୋଇଛି। ନବଗଠିତ ରେମୁଣା ଅଧିସୂଚିତ କ୍ଷେତ୍ର ପରିଷଦକୁ ମୋଟ ୧୩ଟି ୱାର୍ଡରେ ବିଭକ୍ତ କରାଯାଇଥିବା ବେଳେ ରେମୁଣା ଏନଏସି ସମ୍ବନ୍ଧିତ ସମସ୍ତ କାର୍ଯ୍ୟ ଏହି ଅଫିସରେ ହେବ । ଆସନ୍ତା ପୌର ନିର୍ବାଚନରେ ରେମୁଣା ଏନଏସିରେ ପ୍ରଥମ ଥର ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ନିର୍ବାଚନ ସମ୍ବନ୍ଧିତ ବିଭିନ୍ନ କାର୍ଯ୍ୟ ମଧ୍ୟ ଏହି କାର୍ଯ୍ୟାଳୟରେ କରାଯିବ।

## ଦାଦାବଟି ଆଦାୟ : ଯୁବକ ଗିରଫ

ପୁରୀ, ୨୮/୦୨ (ନି.ପ୍ର): ଲୋକନାଥ ରୋଡ଼ ଅଞ୍ଚଳରେ ମାରଣାସ୍ତ୍ରଦେଖାଇ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ହାତୀଶାଳର ମହେଶ୍ୱର ଦାସ (୩୨)କୁ ବାସେଳୀସାହି ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ନିକଟରୁ ଏକ ଛୁରି ଓ ନଗଦ ୩୦୦ ଟଙ୍କା ଜବତ କରାଯାଇଛି। ଶ୍ରୀଲୋକନାଥଦେବଙ୍କ ମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀ ଓ ଲୋକନାଥରୋଡ଼ର ଉଠାଦୋକାନୀମାନଙ୍କୁ ମାରଣସ୍ତ୍ର ଦେଖାଇ ଜଣେ ଦୁର୍ବୃତ୍ତଦାଦା ବଟି ମାଗୁଥିବା ଖବର ମିଳିଥିଲା। ସୂଚନା ଆଧାରରେ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତ ମହେଶ୍ୱରକୁ ଧରିବା ସହିତ ତାନିକଟରୁ ଏକ ଛୁରି ଓ ନଗଦ ଅର୍ଥ ଜବତ କରିଥିଲା।

## ଗୋଟିଏ ଦିନରେ ୧୭୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୮/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୭୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୫୦୩୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୩୩୦୪ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୬୧୦ ରହିଛି । ଆଜି ଚିହ୍ନଟ ହୋଇଥିବା ୧୭୧ ଜଣଙ୍କ ମଧ୍ୟରୁ ୯୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୫ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଜପତି ସବୁଠାରୁ ଅଧିକ ୨୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୫ , ବାଲେଶ୍ୱର ଜିଲ୍ଲାରୁ ୧ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୨ ଭଦ୍ରକ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧ , କଟକରୁ ୬ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୩ ଓ ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତି ଜିଲ୍ଲାରୁ ୨୪, ଗଂଜାମ ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩, ଯାଜପୁରରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନ ଥିବା ବେଳେ ଖୋର୍ଦ୍ଧାରୁ ୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଓ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସୁନ୍ଦରଗଡ଼ରୁ ୭, ଷ୍ଟେଟ୍ ପୁଲରୁ ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ମହାନଗର ନିଗମ ନିର୍ବାଚନ ପାଇଁ ବିଏମସିର ବିଜ୍ଞପ୍ତି

ଭୁବନେଶ୍ୱର, ୨୮/୦୨ (ନି.ପ୍ର): ମହାନଗର ନିଗମ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ବିଏମସି କାର୍ଯ୍ୟାଳୟ, ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ୱାର୍ଡ ୱାରି ବିଜ୍ଞପ୍ତି ଜାରି ହୋଇଛି। ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଏମ୍ସି ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି । ବିଜ୍ଞପ୍ତି ଅନୁସାରେ, ମାର୍ଚ୍ଚ ୨ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଦିନ ୧୧ଟା ଠାରୁ ୩ଟା ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି । ୯ ତାରିଖରେ ନାମାଙ୍କନ ପତ୍ର ଯାଂଚ ପରେ ୧୦ ତାରିଖରେ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ପ୍ରକାଶ ପାଇବ ।ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ସମୟ ୧୪ ତାରିଖ ୩ଟା ପର୍ଯ୍ୟନ୍ତ ରଖାଯାଇଛି । ୧୪ ତାରିଖରେ ପ୍ରକାଶ ପାଇଁ ଚୂଡାନ୍ତ ପ୍ରାର୍ଥୀ ତାଲିକା । ମାର୍ଚ୍ଚ ୨୪ ତାରିଖ ସକାଳ ୮ଟା ଠାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ ମତଦାନ । ଭୋଟ ଗଣତି ୨୬ ତାରିଖ ସକାଳ ୮ଟାରୁ ଆରମ୍ଭ ହେବ। ସେହିପରି ୨୯ ତାରିଖରେ ନିର୍ବାଚିତ ମେୟର ଓ କର୍ପୋରେଟରଙ୍କ ନାମ ଘୋଷଣା ହେବ । ୩୧ ତାରିଖରେ ଡେପୁଟି ମେୟର ନିର୍ବାଚନ ପାଇଁ ମେୟରଙ୍କ ଦ୍ୱାରା ବୈଠକ ଆହୁତ ହେବ। ଏପ୍ରିଲ ୮ ତାରିଖରେ ଡେପୁଟି ମେୟର ନିର୍ବାଚନ। ତେବେ ମହାନଗର ନିର୍ବାଚନ ପାଇଁ ୨୫ ତାରିଖ ଠାରୁ ଆଚରଣ ବିଧି ଲାଗୁ ହୋଇସାରିଥିବା ବେଳେ ଏହା ମାର୍ଚ୍ଚ ୨୬ ତାରିଖ ପର୍ଯ୍ୟନ୍ତ ବଳବତର ରହିବ। ଆଚରଣ ବିଧିକୁ କଡାକଡି ଲାଗୁ କରିବା ସହିତ ଶାନ୍ତିପୂର୍ଣ୍ଣ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ବିଏମସି ଅତିରିକ୍ତ କମିଶନର ।

## ୮ନଂ ଜିଲ୍ଲାପରିଷଦ ଜୋନ୍‌ରୁ ନିର୍ବାଚିତ ସରପଂଚ ଓ ସଦସ୍ୟ

ଜଳେଶ୍ୱର, ୨୮/୨(ନି.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ୮ନଂ ଜିଲା ପରିଷଦ ଅନ୍ତର୍ଗତ ଶିଖରପୁର ପଂଚାୟତର ସରପଂଚ ବିଦ୍ୟାଧର ମଲ୍ଲିକ, ସମିତି ସଦସ୍ୟ ଅମ୍ବିକା ଜେନା, ଶ୍ରୀରାମପୁର ପଂଚାୟତର ସରପଂଚର ଆଲୋକ ଗିରି, ସମିତି ସଦସ୍ୟ ଗୋପାଳଚନ୍ଦ୍ର ସାମଲ, ଗୋବରଘଟା ପଂଚାୟତର ସରପଂଚର ମିନତୀ କର, ସମିତି ସଦସ୍ୟ ନାଥୁରାମ ହେମ୍ବ୍ରମ, ଲକ୍ଷ୍ମଣନାଥ ପଂଚାୟତର ସରପଂଚ ରଂଜନ ମହାନ୍ତି, ସମିତି ସଦସ୍ୟ ଜିତେନ୍ଦ୍ର ଦାସ, ମାକିଡିଆ ପଂଚାୟତର ସରପଂଚ ବିଷ୍ଣୁପ୍ରିୟା ଘୋଷ, ସମିତି ସଦସ୍ୟ ସୁପ୍ରଭା ଘଡେଇ, ଖୁଦିଆମାଝିସାହି ପଂଚାୟତର ସରପଂଚ ଚଞ୍ଚଳା ସେଠୀ, ସମିତି ସଦସ୍ୟ ବିଶ୍ୱମ୍ବର ଦେହୁରୀ, ଦକ୍ଷିଣପ୍ରହରାଜପୁର ପଂଚାୟତର ସରପଂଚ ପଦ୍ମାବତୀ ବେହେରା, ସମିତି ସଦସ୍ୟ ମୁକୁନ୍ଦ ଜେନା, ଚମାରଗାଁ ପଂଚାୟତର ସରପଂଚ ଚନ୍ଦ୍ରକାନ୍ତ ମଲ୍ଲିକ, ସମିତି ସଦସ୍ୟ କାଞ୍ଚନବାଳା ଜେନା ସେମାନଙ୍କ ନିକଟତମ ପ୍ରତିଦ୍ୱନ୍ଦୀଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି । ସେହିପରି ୮ନଂ ଜୋନ୍‌ର ଜିଲାପରିଷଦ ବିଜେଡି ପ୍ରାର୍ଥୀ ଗୌରାଙ୍ଗ ସିଂ ୧୮୨୩୯ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ସରାଇ ସେରନ୍‌ଙ୍କୁ ୬୫୨୫ ଖଣ୍ଡ ଭୋଟ ପାଇ ପରାସ୍ତ କରିଛନ୍ତି । ସେମାନଙ୍କ ସମର୍ଥକ ମାନଙ୍କ ମହଲରେ ଖୁସିର ମାହୁଲ ଦେଖିବାକୁ ମିଳିଛି ।

## ରାଷ୍ଟ୍ରର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ଜରୁରି : ବିଶେଷଜ୍ଞ




ଭୁବନେଶ୍ୱର, ୨୮/୦୨ (ନି.ପ୍ର): ବିଜ୍ଞାନ ଓ ପ୍ରଯୁକ୍ତି କ୍ଷେତ୍ରରେ ବିକାଶ ବିନା ଦେଶର ବିକାଶ ସମ୍ଭବ ନୁହେଁ । ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ କ୍ଷେତ୍ରୀୟ ଜନସମ୍ପର୍କ କାର୍ଯ୍ୟାଳୟ (ଆରଓବି) ପକ୍ଷରୁ ''ବିଜ୍ଞାନ ଓ ଜାତୀୟ ବିକାଶ'' ଉପରେ ଆୟୋଜିତ ଏକ ୱେବିନାରରେ ଅଂଶଗ୍ରହଣ କରିଥିବା ବିଶେଷଜ୍ଞମାନେ ଏହି ମତବ୍ୟକ୍ତ କରିଛନ୍ତି। ଏହି ୱେବିନାରରେ ଅଂଶଗ୍ରହଣ କରି, ପିଆଇବି କୋଲକାତା ମହାନିର୍ଦ୍ଦେଶକ ଶ୍ରୀ ଭୂପେନ୍ଦ୍ର କଇଁଥୋଲା କହିଥିଲେ ଯେ, ବୈଜ୍ଞାନିକ ପ୍ରତିଭା କେବଳ ସହରଗୁଡ଼ିକ ମଧ୍ୟରେ ସୀମିତ ନାହାନ୍ତି, ଗାଁରେ ମଧ ରହିଛନ୍ତି । ଗାଁ ଗହଳିର ଛାତ୍ରଛାତ୍ରୀମାନେ ବୁଝି ପାରୁଥିବା ଭାଷା, ବିଶେଷ କରି ସେମାନଙ୍କର ମାତୃଭାଷାରେ ବିଜ୍ଞାନ ଶିକ୍ଷାର ପ୍ରସାର କରିବା ଦିଗରେ ପ୍ରୟାସ କରାଯିବା ଆବଶ୍ୟକ ବୋଲି ଶ୍ରୀ କଇଁଥୋଲା କହିଥିଲେ । ଭୁବନେଶ୍ୱର ଆରଓବିର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର କହିଥିଲେ ଯେ, ଦେଶର ବିକାଶ ପାଇଁ ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ଜରୁରି । ସେ କହିଥିଲେ, ''ବିଜ୍ଞାନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ, କୃଷିରେ ସୁଧାର ଆଣେ ତଥା ସ୍ୱାସ୍ଥ୍ୟ ଓ ସମୃଦ୍ଧି ପ୍ରୋତ୍ସାହିତ କରିଥାଏ। ସଙ୍କଟ ସମୟରେ, କେବଳ ପ୍ରଯୁକ୍ତିର ଉପଯୋଗ କରାଯାଇ ସହଜରେ ସୂଚନା ପ୍ରସାର କରାଯାଇ ପାରିଥିଲା। ବିଜ୍ଞାନ ଓ ପ୍ରଯୁକ୍ତି ସହାୟତାରେ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ କିଭଳି ଭାବେ ଆତ୍ମନିର୍ଭରଶୀଳ ହୋଇପାରିଛି ସେ ସମ୍ପର୍କରେ ଆଇସିଏଆର ପ୍ରମୁଖ ବୈଜ୍ଞାନିକ ଡକ୍ଟର ପ୍ରମୋଦ ପଣ୍ଡା ଆଲୋଚନା କରିଥିଲେ । ସେ କହିଥିଲେ ଯେ, ଭାରତ ଯେତେବେଳେ ସ୍ୱାଧୀନ ହେଲା, ପାଶ୍ଚାତ୍ୟ ଜଗତର ଲୋକମାନେ ଭାବୁଥିଲେ ଭାରତ ହୁଏତ' ଖାଦ୍ୟ ଉତ୍ପାଦନ କରିବାକୁ ସକ୍ଷମ ହେବ ନାହିଁ ଏବଂ ଲୋକମାନେ ଭୋକଉପାସରେ ପ୍ରାଣ ହରାଇବେ, କିନ୍ତୁ ସମୟ ବିତିବା ସହିତ କେବଳ ବିଜ୍ଞାନ ଓ ପ୍ରଯୁକ୍ତିର ହସ୍ତକ୍ଷେପ କାରଣରୁ ପରିସ୍ଥିତିରେ ବିଶେଷ ପରିବର୍ତ୍ତନ ଆସିପାରିଲା। ପୁନର୍ବାସରେ ବିଜ୍ଞାନ ଓ ପ୍ରଯୁକ୍ତିର ହସ୍ତକ୍ଷେପ ସମ୍ପର୍କରେ ଏସଭିନିର୍ତାର, କଟକର ଆସୋସିଏଟ୍ ପ୍ରଫେସର ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ପତିତପାବନ ମହାନ୍ତି ଆଲୋକପାତ କରିଥିଲେ । ପୁନର୍ବାସ ଚିକିତ୍ସା କ୍ଷେତ୍ରରେ ରୋବୋଟିକ୍ସ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କିଭଳି ଯୁଗାନ୍ତକାରୀ ପରିବର୍ତ୍ତନ ଆଣିପାରିଛି ତାହା ଉପରେ ସେ ଆଲୋକପାତ କରିଥିଲେ । ସେ ଆହୁରି କହିଥିଲେ ଯେ ଶିଶୁ ଏବଂ ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରଯୁକ୍ତିଗତ ହସ୍ତକ୍ଷେପ ଏକ ବରଦାନ ସାବ୍ୟସ୍ତ ହୋଇଛି । ଛାତ୍ରଛାତ୍ରୀ ଏବଂ ଗବେଷକମାନଙ୍କ ସହିତ ମନ୍ତ୍ରଣାଳୟର ଅଧିକାରୀମାନେ ଏହି ୱେବିନାରରେ ଅଂଶଗ୍ରହଣ କରିଥିଲେ ।

## ପୁନଶ୍ଚ ଭୋଟ ଗଣତି ପାଇଁ ଦାବି କଲେ ରାଧା ମୁର୍ମୁ

ଲଙ୍ଗଳେଶ୍ୱର, ୨୮/୦୨ (ନି.ପ୍ର): ଭୋଟ ଗ୍ରହଣ ଠାରୁ ଗଣତି ପାଇଁ ରାଜ୍ୟ ନିର୍ବାଚନ କମିଶନ ସ୍ୱଛତା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିଲେ ହେଁ ବାଲିଆପାଳ ବ୍ଲକ ର ୨୨ ନମ୍ବର ଜୁନ୍ ବଣିଆଡିହା ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ରାଧା ମୁର୍ମୁ ପଞ୍ଚାୟତ ର ୯,୧୧,ଓ ୧୨ ନମ୍ବର ବୁଥରେ ହୋଇ ଥିବା ଗଣତିରେ ତ୍ରୁଟି ଓ ଚଞ୍ଚକତା କରାଯାଇଛି ଅଭିଯୋଗ କରିଛନ୍ତି । ଏହି ତିନୋଟି ବୁଥରେ ପୁନର୍ବାର ଗଣତି କରାଯାଉ ବୋଲି ପ୍ରାର୍ଥୀ ଶ୍ରୀମତି ମୁର୍ମୁ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଜଣାଥିବା ସହିତ ବାଲେଶ୍ୱର ଜିଲ୍ଲାପାଳ ଙ୍କ ଠାରେ ଅଭିଯୋଗ କରିଥିବା କହିଛନ୍ତି । ଶ୍ରମତୀ ମୁର୍ମୁ ବଣିଆଡିହା ପଞ୍ଚାୟତ ର ସମିତି ସଭ୍ୟ ଭାବେ ଲଢୁଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କଟି ମାରାଣ୍ଡି ଠାରୁ ସାତ ଖଣ୍ଡ ଭୋଟ ରେ ପରାସ୍ତ ହୋଇଛନ୍ତି ।ବିବାଦୀୟ ବୁଥ ଗୁଡିକରେ ବହୁତ ଭୋଟ ଉଦେଶ୍ୟମୂଳକ ଭାବେ ନାକଚ କରିବାର ଅଭିଯୋଗ କରିଛନ୍ତି। ତେବେ ଏଇ ବୋଥ ର ଘୋଷଣା ପୂର୍ବରୁ ବିଡ଼ିଓଙ୍କ ଠାରେ ଦାବି କରିଥିଲେ ହେଁ କର୍ଣ୍ଣପାତ କରି ନ ଥିଲେ ବୋଲି ଅଭିଯୋଗ କରିଛନ୍ତି।

# ବସ୍ତା ବ୍ଲକର ୪ଜୋନ୍‌ରୁ ୨ଟିରେ ବିଜେଡି ବିଜୟୀ

ବସ୍ତା,୨୮/୦୨ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବସ୍ତାବ୍ଲକ ଅଧୀନରେ ଥିବା ୧୪, ୧୫, ୧୬ ଓ ୧୭ନଂ ଜୋନ୍‌ର ଭୋଟଗଣତିର ତୃତୀୟ ଦିନ ସୁଦ୍ଧା ଦୁଇଟି ଜୋନ୍‌ରେ ଶାସକ ବିଜେଡି ଦଳର ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ଶେଷଦିନ ଗଣତିରେ ମଧ ଦୁଇଜୋନ୍‌ରେ ବିଜେଡି ଆଗୁଆ ଥିବା ଜଣାପଡିଛି। ୧୪ନଂ ଜୋନ୍‌ରେ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ବିଷ୍ଣୁପ୍ରିୟା ବୁଗୁଡି ୧୬୮୮୪ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ସଂଯୁକ୍ତା ବିଶ୍ୱାଳ ୮୩୭୨ଭୋଟ ପାଇଛନ୍ତି। ସେହିପରି ଅନ୍ୟତମ ପ୍ରତିଦ୍ୱନ୍ଦୀ କଂଗ୍ରେସର ବାସନ୍ତୀ ପ୍ରଧାନ ୪୪୧୦ ଓ ଝାଡଖଣ୍ଡର ଲକ୍ଷ୍ମୀପ୍ରିୟା ବାରିକ ୭୪ଖଣ୍ଡ ଭୋଟ ପାଇଥିବା ବେଳେ ୫୩୪ଖଣ୍ଡ ଭୋଟ ନାକଚ ହୋଇଛି। ୧୫ନଂ ଜୋନ୍‌ର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଦେବୀକା ସୋରେନ ୧୭୪୮୧ ଭୋଟ ପାଇ ବିଜୟୀ ହୋଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସର କବିତା ସିଂ ୭୫୫୩, ବିଜେପିର କଳ୍ପନା ସିଂ ୬୧୦୬ ଓ ଝାଡଖଣ୍ଡର ଦୁଲୁଗୁ ସୋରେନ ୧୭୨ ଖଣ୍ଡ ଭୋଟ ପାଇଥିବା ବେଳେ ୭୬୯ ଖଣ୍ଡ ଭୋଟ ନାକଚ ହୋଇଛି। ୧୪ନଂ ଜୋନ୍ ଅଧୀନରେ ଥିବା ବରୁଣଗଡ଼ିଆ ଓ ମୁକୁଳିସି ପଞ୍ଚାୟତକୁ ଛାଡି ଦେଲେ ଅନ୍ୟ ସବୁ ପଞ୍ଚାୟତରେ ବିଜେଡିର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ନିର୍ବାଚିତ ହୋଇଛନ୍ତି। ବରୁଣଗଡ଼ିଆ ପଞ୍ଚାୟତରେ କଂଗ୍ରେସ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ କମ୍ ବ୍ୟବଧାନରେ ବିଜୟୀ ହୋଇଥିବା ବେଳେ ମୁକୁଳିସି ପଞ୍ଚାୟତର କଂଗ୍ରେସ ସରପଞ୍ଚ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ମାତ୍ର ୧୫ନଂ ଜୋନ୍‌ର ସମସ୍ତ ପଞ୍ଚାୟତରେ ଶାସକ ଦଳ ବାଜିମାତ୍ କରିଛି। ତେବେ ଶେଷଦିନର ଭୋଟଗଣତିରେ ୧୬ ଓ ୧୭ନଂ ଜୋନ୍‌ରେ ବିଜେଡିର ପ୍ରାର୍ଥୀମାନେ ଆଗୁଆ ରହିଥିବା ବେଳେ କେତେକ ପଞ୍ଚାୟତରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟ ପାଇଁ ସଂଘର୍ଷ କରିବାକୁ ପଡୁଛି। ତେବେ ବିଳମ୍ବିତ ରାତ୍ରି ସୁଦ୍ଧା ସମସ୍ତ ଫଳାଫଳ ଜଣାପଡିଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

# ବିଦ୍ୟାଳୟକୁ ଆସିଲେ ପ୍ରଥମରୁ ସପ୍ତମ ଶ୍ରେଣୀ ଛାତ୍ରଛାତ୍ରୀ




ବାଲେଶ୍ୱର,୨୮/୦୨ (ନି.ପ୍ର): ବିଶ୍ୱ ମହାମାରୀ କରୋନା ସଂକ୍ରମଣ ଯୋଗୁଁ ଦୀର୍ଘ ଦୁଇ ବର୍ଷ ପରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସୋମବାର ବିଦ୍ୟାଳୟକୁ ଆସିଛନ୍ତି। କରୋନା ସଂକ୍ରମଣ ହ୍ରାସ ସାଙ୍ଗକୁ କୋଭିଡ କଟକଣା ଉଠିବା ପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ଅନୁସାରରେ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଖୋଲିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାରେ ୨୨୮୩ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ବେଶ ଉତ୍ସାହର ଉଦ୍ଦୀପନା ସହ ଶ୍ରେଣୀକକ୍ଷକୁ ଆସିଥିବା ଦେଖିବାକୁ ମିଳିଥିଲା। ସମସ୍ତ ବିଦ୍ୟାଳୟର ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୨,୧୦,୪୧୦ ଥିବା ବେଳେ ଆଜି ପ୍ରଥମ ଦିନରେ ୧,୧୬,୪୭୨ ଜଣ ଉପସ୍ଥିତ ଥିଲେ। ପ୍ରଥମ ଦିନର ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହାର ୫୦.୬ ଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ କୁନି କୁନି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଥର୍ମାଲ ସ୍କ୍ରିନିଂ ଓ ବିଶୋଧନର ଦ୍ରବଣରେ ହାତ ଧୁଆ କରାଇଥିଲେ। ସହରର କେତେକ ବଦ୍ୟାଳୟରେ ପିଲାଙ୍କୁ ସ୍ୱାଗତ କରିବା ପାଇଁ ଶିକ୍ଷକ ଶିକ୍ଷୟତ୍ରୀମାନେ ଫୁଲ ଓ ବେଲୁନରେ ସ୍କୁଲ ପରିସରକୁ ସଜାଇଥିଲେ। ପିଲାଙ୍କୁ ବନ୍ଦାପନା ସହ ଫୁଲ ଓ ଚକୋଲେଟ ଦେଇ ସେମାନେ ପ୍ରତ୍ୟେକ ଦିନ ସ୍କୁଲ ଆସିବାକୁ ବୁଝାଇଥଲେ। ସମସ୍ତଙ୍କ ମୁହଁରେ ମାସ୍କ ଥିବା ବେଳେ ସମସ୍ତେ ସାମାଜିକ ଦୂରତା ରକ୍ଷା କରିଥିଲେ। ପ୍ରଥମ ଦିନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମନୋରଂଜନ ଭିତ୍ତିକ ଆଲୋଚନା, ଗଳ୍ପ, ଗୀତ, ନୃତ୍ୟ ଆଦି ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଜିଲା ଶିକ୍ଷା ବିଭାଗର ଏକାଧିକ ଟିମ ବିଦ୍ୟାଳୟରେ ମାର୍ଗଦର୍ଶିକା ପାଳନର ସ୍ଥିତି ତଦାରଖ କରିଥିଲେ।

# ଗ୍ୟାସ୍ ଟାଙ୍କି ଫାଟି ଯୁବକ ଗୁରୁତର

ଭୁବନେଶ୍ୱର, ୨୮/୦୨ (ନି.ପ୍ର): ଭୁବନେଶ୍ୱର ସିଆରପି ଛକ ନିକଟ ନୀଳକଣ୍ଠ ନଗରରେ ଗ୍ୟାସ୍ ଟାଙ୍କି ଫାଟିରୁ ଅଗ୍ନିକାଣ୍ଡ ଘଟିଛି। ଏଥିର ଜଣେ ଯୁବକ ଗୁରୁତର ହୋଇଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ମେଡିକାଲରେ ଭର୍ତି କରାଯାଇଛି । ଖବର ଅନୁଯାୟୀ, ସୋମବାର ଦିନ ସିଆରପି ଛକ ନିକଟରେ ଥିବା ନୀଳକଣ୍ଠ ନଗରର ଗ୍ୟାସ୍ ଟାଙ୍କି ଫାଟିଯାଇଥିଲା । ଯାହାର ଖବର ତୁରନ୍ତ ଅଗ୍ନିଶମ ବାହିନୀକୁ ଦିଆଯାଇଥିଲା । ଅଗ୍ନିଶମ ବାହିନୀ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲା ।

# ମୟୂରଭଞ୍ଜ ହେରିଟେଜ ୱାକ୍‌ର ଷଷ୍ଠ ସଂସ୍କରଣ ଅନୁଷ୍ଠିତ

## ଯୁବପିଢିଙ୍କ ପାଇଁ ହରିପୁରଗଡର ଐତିହାସିକ ପର୍ଯ୍ୟାଲୋଚନା



ବାରିପଦା, ୨୮/୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ, ଇତିହାସ, ଐତିହ୍ୟ, କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ମୟୂରଭଞ୍ଜ ଲଭର୍ସ ଓ ମୟୂରଭଞ୍ଜ ମିରର ସଙ୍ଗଠନ ଦ୍ୱାରା ଯୁବ ପିଢିଙ୍କ ନିକଟରେ ଇତିହାସ ଓ ଐତିହ୍ୟର ପ୍ରଚାର ପ୍ରସାର ନିମନ୍ତେ ଆୟୋଜିତ ହୋଇଆସୁଥିବା ମୟୂରଭଞ୍ଜ ହେରିଟେଜ ୱାକ୍‌ର ଷଷ୍ଠ ସଂସ୍କରଣ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଷଷ୍ଠ ସଂସ୍କରଣରେ ହେରିଟେଜ ୱାକ୍‌ର ଅଭିଯାତ୍ରୀ ଦଳ ମୟୂରଭଞ୍ଜର ତୃତୀୟ ରାଜଧାନୀ ହରିପୁରଗଡରେ ପହଞ୍ଚିଥିଲା । ମୟୂରଭଞ୍ଜ ଲଭର୍ସର ସଦସ୍ୟ କୁମାରେଶ ନାୟକ ଏଠାକାର ଭଗ୍ନ ଦୂର୍ଗ, ରସିକରାୟ ମନ୍ଦିରର ଇତିହାସ, ମରହଟ୍ଟା ଆକ୍ରମଣ ଇତ୍ୟାଦି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଆୟୋଜିତ ଆଲୋଚନା ଚକ୍ରରେ ଯୁବପିଢିଙ୍କୁ ମୟୂରଭଞ୍ଜ ମାଟିର ଇତିହାସ ଓ ଐତିହ୍ୟ ପ୍ରତି କିଭଳି ଆକୃଷ୍ଟ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଯୋଜିକା ଭାବରେ ଆସନା ଖାତୁନ ଓ ମନିଷା ତରେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଦସ୍ୟ ଭବାନୀ ଶଙ୍କର ମିଶ୍ର, ସୌମ୍ୟରଞ୍ଜନ ମିଶ୍ର, ଅଂଶୁମାନ ମିଶ୍ର, ଜୟ ପ୍ରକାଶ ସିଂହ, ସପନ କୁମାର ମହାନ୍ତ, ସୁଶ୍ରୀ ନାୟକ, କିଶୋର କୁମାର ମହାନ୍ତି, ଶ୍ରୁତି ସ୍ୱପ୍ନା, ତେଜସ୍ୱିନୀ ରାୟ, କ୍ରିଷ୍ଣାଚନ୍ଦ୍ର ମୁଖୀ, କରୁଣାକର ସୋରେନ, ପ୍ରୟାସ ମହାପାତ୍ର, ଅପର୍ଣ୍ଣା ସିଂହ ପ୍ରମୁଖ ସହଯୋଗ କରିଥିଲେ ।

# ବାଲେଶ୍ୱର ଓକିଲ ସଂଘ ନିର୍ବାଚନ ୨୬ରେ

ବାଲେଶ୍ୱର,୨୮/୦୨ (ନି.ପ୍ର): ଓଡିଶା ବାର ଆସୋସିଏସନ ଅନୁବନ୍ଧିତ ରାଜ୍ୟର ସମସ୍ତ ଓକିଲ ସଂଘ ନିର୍ବାଚନ ଏକକାଳୀନ ଆସନ୍ତା ୨୬ ତାରିଖରେ କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିକ୍ରମରେ ବାଲେଶ୍ୱର ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏନେଇ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ନାମାଙ୍କନ ଦାଖଲ ଆରମ୍ଭ ହୋଇ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୯ ତାରିଖରେ ସମସ୍ତ ପ୍ରାର୍ଥୀପତ୍ର ଯାଞ୍ଚ, ୧୦ତାରିଖରେ ବୈଦ୍ଧ ପ୍ରାର୍ଥୀ ତାଲିକା ପ୍ରକାଶ,୧୧ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ୧୨ ତାରିଖରେ ପଦବୀ ଅନୁଯାୟୀ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ବାଲେଶ୍ୱର ବାର ଆସୋସିଏସନର ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ କାର୍ତ୍ତିକ ପ୍ରସାଦ ସି ସୂଚନା ଦେଇଛନ୍ତି । ମାର୍ଚ୍ଚ ୨୬ ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବ। ସେହିଦିନ ଅହରାହ୍ନ ୪ଟା ଠାରୁ ଭୋଟ ଗଣତି ସହ ବିଭିନ୍ନ ପଦରେ ବିଜୟୀ ନିର୍ବାଚିତ କର୍ମକର୍ତ୍ତାଙ୍କ ଫଳ ପ୍ରକାଶ କରାଯିଯବ। ତେବେ ଚଳିତ ନିର୍ବାଚନରେ ୧୨୮୪ ଜଣ ଆଇନଜୀବୀ ମତଦାନ କରିବେ ବୋଲି ସେ ସୂଚନା ଦେଇଛନ୍ତି। ପୂର୍ବରୁ ୩ ବର୍ଷକୁ ଥରେ ନିର୍ବାଚନ ହେଉଥିବା ବେଳେ ସଂଶୋଧିତ ନିୟମ ଏବଂ ଓଡ଼ିଶା ରାଜ୍ୟ ବାର କାଉନସିଲ ନିଷ୍ପତ୍ତି ଅନୁସାରେ ସମଗ୍ର ରାଜ୍ୟରେ ପ୍ରତ୍ୟେକ ଜିଲାରେ ମାର୍ଚ୍ଚ ମାସ ୩୦ ତାରିଖ ସୁଦ୍ଧା ଏହି ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସରକାରଙ୍କ ପକ୍ଷରୁ ଜାରି ହୋଇଥିବା କୋଭିଡ କଟକଣା ଅନୁଯାୟୀ ନିର୍ବାଚନ ପରିଚାଳନା କରାଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ସି ସୂଚନା ଦେଇଛନ୍ତି।

# ୪୬ କେଜି ଗଞ୍ଜେଇ ଜବତ, ୪ ଗିରଫ



ବାଲେଶ୍ୱର,୨୮/୦୨ (ନି.ପ୍ର): ବାଲେଶ୍ୱର ଜିଲା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ ହୋଇ ୪୬ କିଲୋଗ୍ରାମ ଗଞ୍ଜେଇ ଜବତ ଏବଂ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଜିଲା ଅବକାରୀ ଅଧୀକ୍ଷକ ଅଶୋକ କୁମାର ଶତପଥୀଙ୍କ ନିର୍ଦ୍ଦେଶାନୁସାରେ ଭ୍ରାମ୍ୟମାଣ ଦଳ ପକ୍ଷରୁ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ବାମପଦା ଠାରେ ଗଞ୍ଜେଇ ନେଇ ଯାଉଥିବା ଦୁଇ ଯୁବକଙ୍କୁ ଗିରଫ କରାଯାଇଛି । ସେମାନଙ୍କଠାରୁ ୨୦.୫ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ପଶ୍ଚିମବଙ୍ଗ ମୁର୍ସିଦାବାଦ ଜିଲା ଜଲାଙ୍ଗୀ ଥାନା ଅନ୍ତର୍ଗତ ଦୁର୍ଲଭପଡ଼ା ଗ୍ରାମର ମୁସ୍ତାକିନ ମଣ୍ଡଳ (୨୪) ଓ ଚାଉପଡା ଗ୍ରାମର ବିଜୟ ଚୌଧୁରୀ (୨୭) । ସେହିପରି ସଦର ଅବକାରୀ ବିଭାଗ ପକ୍ଷରୁ ରେମୁଣା ଗୋଲେଇ ଠାରେ ଚଢ଼ଉ ସହ ୨୧ କିଲୋ ଗଞ୍ଜେଇ ଜବତ ସାଙ୍ଗକୁ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଦୁର୍ଲଭପଡ଼ାର ସଖୀବୁଲ ଇସଲାମ (୩୨)କୁ ଗିରଫ କରାଯାଇଛି । ଅନ୍ୟପକ୍ଷରେ ନୀଳଗିରି ଅବକାରୀ ବିଭାଗ ପକ୍ଷରୁ ହୋଇଥିବା ଚଢଉରେ ୫ କିଲୋ ଗଞ୍ଜେଇ ଜବତ ସହ ନାଉଗାଁ ଅଂଚଳର ସୌଭାଗ୍ୟ ରଞ୍ଜନ ପାଢୀ (୨୦)କୁ ଗିରଫ କରାଯାଇଛି । ସମସ୍ତ ଚଢଉରେ ଚୋରା ଚାଲାଣ ହେଉଥିବା ମୋଟ ୪୬.୫ କିଲୋଗ୍ରାମ ଓଜନର ଗଞ୍ଜେଇ ଜବତ ହୋଇଛି। ଏନେଇ ଅବକାରୀ ବିଭାଗ ପକ୍ଷରୁ ୩ ଗୋଟି ମାମଲା ରୁଜୁ ସହ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ସଦର, ମୋବାଇଲ ଓ ନୀଳଗିରିର ଅବକାରୀ ଥାନା ଅଧିକାରୀଙ୍କ ସମେତ ବହୁ କର୍ମଚାରୀ ସାମିଲ ହୋଇଥିଲେ।

# ଆଜି ସ୍କୁଲ ଖୋଲିଲା, ପିଲାମାନଙ୍କ ମଧ୍ୟରେ ଉତ୍ସାହ



ଲଙ୍ଗଳେଶ୍ୱର, ୨୮/୦୨ (ନି.ପ୍ର): କୋଭିଡ କଟକଣା ପାଇଁ ଦୀର୍ଘ ଦୁଇବର୍ଷ ଧରି ବନ୍ଦ ଥିବା ସ୍କୁଲ ଆଜି ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଖୋଲିଲା । ବାଲିଆପାଳ ବ୍ଲକର ବିଭିନ୍ନ ସ୍କୁଲରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଖୁସି ଏବଂ ଉତ୍ସାହ ଦେଖାଯାଇଛି। ସବୁ ସ୍କୁଲ ଫାଟକ ବେଲୋନ, ଫୁଲ ,ମୁରୁଜ ଇତ୍ୟାଦିରେ ସଜା ହେବା ସହିତ ଶିକ୍ଷକ ମାନେ ଛାତ୍ରଛାତ୍ରୀ ମାନଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ସ୍ୱାଗତ ପିଲାମାନଙ୍କୁ ବେଶ ଉତ୍ସାହିତ କରିଛି ବୋଲି ଛାତ୍ରଛାତ୍ରୀ ମାନେ କହିଥିଲେ ।ତେବେ ସାତ ଦିନ ଧରି ପାଠପଢା ବ୍ୟତୀତ ବିଭିନ୍ନ ଖେଳ ଗୀତ ନାଚ ଇତ୍ୟାଦି ଚାଲିବ ।ତେଣୁ ଛାତ୍ରଛାତ୍ରୀ ମାନଙ୍କର ଉପସ୍ଥାପନ ବଢିବ ବୋଲି ଆଶା କରାଯାଉଛି। ଆଜି ଲଙ୍ଗଳେଶ୍ୱର ନୋଡାଲ ସ୍କୁଲ, ପଞ୍ଚୁପାଲି, ଦକ୍ଷିଣ ଜମ୍ବୀରାଇ ପ୍ରାଥମିକ ବିଦ୍ୟାଳୟ ଇତ୍ୟାଦିରେ ଛାତ୍ରଛାତ୍ରୀ ମାନେ ଖୁସିରେ ସ୍କୁଲ ଆସିବାର ଦେଖାଯାଇଥିଲା। ପିଲାମାନଙ୍କ ଉପସ୍ଥାନ ପାଇଁ ସେମାନଙ୍କ ମନ କିଣାଯିବ ବୋଲିଶିକ୍ଷକ ଅଶ୍ୱିନୀ କୁମାର ଦାସ, ରାମଚନ୍ଦ୍ର ଜେନା, ପ୍ରିୟରଞ୍ଜନ ପଟ୍ଟାୟତ, ଜୟନ୍ତ ହଂସଦା, ପ୍ରମୁଖ କହିଛନ୍ତି ।

# ବିଶିଷ୍ଟ କଥାକାର ମନୋଜ ଦାସଙ୍କ ଜୟନ୍ତୀ ପାଳିତ



ବାରିପଦା, ୨୮/୦୨ (ନି.ପ୍ର): ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ତରଫରୁ ବିଶିଷ୍ଟ କଥାକାର ମନୋଜ ଦାସଙ୍କ ଜୟନ୍ତୀ ନିରାଡ଼ମ୍ବର ଭାବରେ ପାଳିତ ହୋଇଯାଇଛି । ମଂଚର ସଭାପତି ଡ଼ଃ ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ସୁସାହିତ୍ୟିକ ହରିହର ଜେନା ,ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର ପ୍ରମୁଖ ଯୋଗଦେଇ ମନୋଜ ଦାସଙ୍କ ସାହିତ୍ୟ ସାଧନା, ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସର୍ବୋପରି ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାମକୃଷ୍ଣ ଜେନା, ଦୀପକ କୁମାର ସିଂହ, ରାମଚନ୍ଦ୍ର କବାଟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କର କୃତୀ ବିଷୟରେ ଆଲୋଚନା କରିଥିଲେ । ଏସ.ପି. ଜ୍ୟୋତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓସିଏ ଭିଜନ ଜିଲ୍ଲା ସ୍ତରୀୟ କ୍ରିକେଟ : ଡିଆରକେ (ବି) ଚମ୍ପିୟନ




ବାରିପଦା, ୨୮/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏସନ ଓ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ମିଳିତ ସହଯୋଗରେ ଅନୁଷ୍ଠିତ ଓସିଏ ଭିଜନ -୨୦୨୪ ପରିପେକ୍ଷିରେ ଆୟୋଜିତ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଫାଇନାଲ ମ୍ୟାଚରେ ଡିଆରକେ (ବି ) ଦଳ ଡିଆରକେ (ଏ )କୁ ୬ଉଇକେଟରେ ପରାସ୍ତ କରି ଚମ୍ପିୟାନ ହୋଇଛି । ପ୍ରଥମେ ବ୍ୟାଟିଂ କରି ଡିଆରକେ (ଏ ) ୪୦ ଓଭରରେ ୯ ଉଇକେଟ ହରାଇ ୨୧୩ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଅବିନାଶ ଖଣ୍ଡେଲୱାଲ ୭୯ ରନ ଓ ଶୁଭମ ଶ୍ରୀଚନ୍ଦନ ମହାନ୍ତି ୭୭ରନ କରିଥିବା ବେଳେ ବିପକ୍ଷ ଦଳର ଦିବ୍ୟରଞ୍ଜନ ଦାସ ୩ଟି ଉଇକେଟ ଅକ୍ତିଆର କରିଥିଲେ । ଉତରରେ ଡିଆରକେ (ବି ) ୨୦.୨ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ଉପେନ୍ଦ୍ର ନାୟକ ୭୫ ରନ, ଭାରସ୍ନେୟ ବିନାୟକ ଦାସ (ଡବ୍ଲୁ) ୫୪ ରନ, ସଞ୍ଜୟ ସିଂହ ୩୫ ଓ ସୌମ୍ୟ ରଞ୍ଜନ ମହାନ୍ତ ୩୪ ରନ କରିଥିବାବେଳେ ବିପକ୍ଷ ଦଳର ମେରି ଲୋକନାଥ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଉପେନ୍ଦ୍ର ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ଖେଳକୁ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ପରିଚାଳନା କରିଥିବାବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ଉଦ୍ୟୋଗପତି ସଞ୍ଜୟ କୁମାର ଅଗ୍ରୱାଲ ଓ ସ୍ୱରୂପ କୁମାର ଦାସ ଆଜିର ମ୍ୟାଚକୁ ଉଦଘାଟନ କରିଥିଲେ ଓ ଶ୍ରେଷ୍ଠ ବୋଲର ଭାବେ ସୁବ୍ରତ କୁମାର ସିଂହ, ବ୍ୟାଟ୍ସମେନ ଭାବେ ଅଭିଜ୍ଞାନ ମହାନ୍ତି ଓ ଦିବ୍ୟ ରଞ୍ଜନ ଦାସ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ । ଏହି ଅବସରରେ ପୂର୍ବତନ କ୍ରିକେଟ ଖେଳାଳି ଶରତ ଚନ୍ଦ୍ର ମିଶ୍ର, ଅରୁଣ ଚନ୍ଦ୍ର ମହାନ୍ତି, କିଶୋର ସିହ୍ନା, ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରଭାସ ଚନ୍ଦ୍ର ଘଡେଇ, ସନ୍ତୋଷ କୁମାର ଓତା, ସଞ୍ଜୟ କୁମାର ମାଇତି ସମେତ ୧୧ଜଣଙ୍କୁ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡା କିଶୋର କୁମାର ବସା ପୁରସ୍କାର ବିତରଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସୋସିଏସନର ଉପ ସଭାପତି ବିବେକାନନ୍ଦ ପଟ୍ଟନାୟକ, ମନୋଜ କୁମାର ସାଓ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧକ୍ଷ ଅମିତାଭ ପଟ୍ଟନାୟକ, କ୍ରିକେଟ ସହ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ତଥା ସହ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ, ବୈଦ୍ୟନାଥ ରଥ, ଅମର ସେଠି ଓ ରବୀନ୍ଦ୍ର ମହାନ୍ତି ଓ ଅମ୍ବିକା ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କ୍ରିକେଟ ସହ ସମ୍ପାଦକ ହର ପ୍ରସାଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରେନ୍ ଚଳାଚଳ ଠିକ୍‌ଭାବେ ହେଉନଥିବାରୁ ଜନ ଆନ୍ଦୋଳନର ଚେତାବନୀ

ଜଳେଶ୍ୱର ୨୮/୨(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଓଡିଶା, ପଶ୍ଚିମବଂଗ ଉପାନ୍ତ ଅଂଚଳ ହୋଇଥିବାରୁ ରେଳ ସେବା ଅଂଚଳବାସୀଙ୍କ ଲାଇଫଲାଇନ୍ ଭାବେ ପରିଗଣିତ ହୋଇଥାଏ । ଦୂରଦୂରାନ୍ତକୁ ରୋଗୀଙ୍କୁ ନେବା ଆଣିବା କରିବା, ଚାକିରୀ କରିଥିବା ଲୋକେ ପ୍ରତିଦିନ ଅଫିସ୍ ଯିବା ଆସିବା କରିବା, ଏବେ ବିଦ୍ୟାଳୟ, ଜଲେଜ ଖୋଲିଥିବାରୁ ଛାତ୍ରଛାତ୍ରୀମାନଙ୍କ ଯିବା ଆସିବା ଓ ଛୋଟ ଛୋଟ ବ୍ୟବସାୟୀମାନେ ଏହି ରେଳ ସେବା ଉପରେ ନିର୍ଭର କରିଥାନ୍ତି । କରୋନା କଟକଣା ଯୋଗୁଁ ଗତ ୨ବର୍ଷଧରି ଅନେକ ଟ୍ରେନ ଚଳାଚଳ କରୁନଥିବାରୁ ଜନ ଅସନ୍ତୋଷ ବଢିବାରେ ଲାଗିଛି । ଏବେ ରାଜ୍ୟ ଓ କେନ୍ଦ୍ର ସରକାର କରୋନା କଟକଣା ବହୁଳଭାବେ କୋହଳ କରିଥିବାରୁ ପୂର୍ବପରି ଟ୍ରେନ୍ ଚଳାଚଳ କରିବାକୁ ବିଭିନ୍ନ ସମୟରେ ବିଭିନ୍ନ ସଂଗଠନ ମାନଙ୍କ ସହିତ ସମାଜ କଲ୍ୟାଣ ବିକାଶ ପରିଷଦ ରେଳ ବିଭାଗର ବିଭିନ୍ନ ଉଚ୍ଚ ପଦସ୍ଥ ଅଧିକାରୀ ମାନଙ୍କ ସହିତ ଆଲୋଚନା ପର୍ଯ୍ୟାଲୋଚନା କରିଆସୁଛନ୍ତି । ଟ୍ରେନ୍ ଚଳାଚଳ ଠିକ୍‌ଭାବେ କରୁନଥିବାରୁ ଜଳେଶ୍ୱରର ସମାଜ କଲ୍ୟାଣ ବିକାଶ ପରିଷଦ, ବଣିକ ସଂଘ, ଓଷ୍ଟା ଶିକ୍ଷକ ସଂଘ ପ୍ରଭୃତି ଅସନ୍ତୋଷ ପ୍ରକାଶ କରିବା ସହିତ ରେଳ ମନ୍ତ୍ରାଳୟ, ଗାଡେନ୍ ରିଚସ୍ଥିତ ଦକ୍ଷିଣପୂର୍ବ ରେଳବାଇର ଜେନେରାଲ ମ୍ୟାନେଜର ଓ ଖଡଗପୁର ଡିଆର୍ଏମ୍ ମନୋରଂଜନ ପ୍ରଧାନଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ସପ୍ତାହ ଶେଷ ସୁଦ୍ଧା ସମସ୍ତ ଟ୍ରେନ୍ ଚଳାଚଳ ନ କଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେନାବନୀ ଦିଆଯାଇଛି । ଏ ସମ୍ପର୍କରେ ଆଜି ସମାଜ କଲ୍ୟାଣ ବିକାଶ ପରିଷଦର ସଂପାଦକ ତଥା ବରିଷ୍ଠ ହାଇକୋର୍ଟ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା, ଶରତ ପରିଡା, ଓଷ୍ଟା ଜଳେଶ୍ୱର ସଂପାଦକ ଡ. ଅଜିତ୍ ମହାନ୍ତି, କେଶବଚନ୍ଦ୍ର ପରିଡା, ବଣିକ ସଂଘ ସଭାପତି ସୁଧୀର ମହାନ୍ତି ପ୍ରମୁଖ ପ୍ରେସ୍ ବାର୍ତ୍ତାରେ ଜଣାଇଛନ୍ତି ।

# ବ୍ରାଉନ୍ ସୁଗାର ଜବତ : ଅଭିଯୁକ୍ତ ଗିରଫ

ପୁରୀ,୨୮/୦୨ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ବ୍ରହ୍ମଗିରିର ନିଆଜପୁର ଗ୍ରାମରେ ଚଢାଉବେଳେ ୫୨ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଛି। ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଅଭିଯୋଗରେ ନିଆଜପୁରର ଗୌତମ ଦଳାଇ(୪୦)କୁ ଗିରଫ କରାଯାଇଛି। ଜବତ ବ୍ରାଉନ୍ ସୁଗାରର ଅନୁମାନିକ ମୂଲ୍ୟ ୫ଲକ୍ଷ ୨୦ହଜାରଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ସୂଚନା ଆଧାରରେ ଆଜି ସାତପଡ଼ା ଅବକାରୀ ଏସ୍ଆଇ ବିନୋଦ ବାସ୍କେଙ୍କ ନେତୃତ୍ୱରେ ଏସ୍ଆଇ ରଙ୍କନିଧିମଲ୍ଲିକ,କନଷ୍ଟେବଳ ମମତା କୁମାରୀ ଦାସ , ସଞ୍ଜିବ ହସ୍ତି ଓ ପ୍ରବୀଣ କିରୋ ପ୍ରମୁଖ ନିଆଜପୁରରେ ଚଢାଉ କରିଥିଲେ।

# ରାଜଧାନୀରେ ୨୪ ଘଂଟାରେ ୨୦ ପଜିଟିଭ୍

ଭୁବନେଶ୍ୱର, ୨୮/୦୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ସୋମବାର ଦିନ ୨୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୪ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୩୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୨୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୬୨୯୩ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୪୭୨୪ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୮୬ ରେ ପହଂଚିଛି। ବର୍ତମାନ ଆଉ ୩୭୨ ସକ୍ରିୟ ଆକ୍ରାନ୍ତେ ଚିକିତ୍ସାଧୀନ ରହିଛନ୍ତି।

## DECLARATION FORM-IV

### (See Rule-8)

Statement of ownership and other particulars about newspaper **"THE DHWANIPRATIDHWANI"**

| | | |
|---|---|---|
| 1. Place of Publication | : | Balasore |
| 2. Periodicity of its Publication | : | Daily |
| 3. Printers Name | : | Sairindhree Sahoo |
| Nationality | : | Indian |
| Address | : | Jail Road, Po/Dist Balasore, Odisha |
| 4. Editor's Name | : | Sairindhree Sahoo |
| Nationality | : | Indian |
| Address | : | Jail Road, Po/Dist Balasore, Odisha |

5. Name and address of individuals who own the news paper and partners or share holders holding more than one percent of the total Capital.

I, Sairindhree Sahoo'hereby declare that the particulars given above are true to the best of my knowledge and belief.

Sairindhree Sahoo
Signature of the Publisher

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo